

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ
IAS COLLECTOR
PARUL PATAWARI



| Vol.5 | Issue- 27 | December 13 to 19, 2021, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୨୭ | ଡିସେମ୍ବର ୧୩ ରୁ ୧୯, ୨୦୨୧, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


# ପୋଲିସ୍ କ'ଣ ଗେହ୍ଲ କରିଥାନ୍ତେ ?

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ପୋଲିସ୍ ଧନ, ଜୀବନ ଓ ସରକାରୀ ସଂପତ୍ତି ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଅଛନ୍ତି । ତାଙ୍କ(ପୋଲିସ୍) ଯୋଗୁଁ ଆମ ଜୀବନ ଓ ଧନ, ସଂପତ୍ତି ସୁରକ୍ଷିତ ରହିଛି । ସେମାନଙ୍କୁ ଯଦି ଟେକା, ପଥର ଓ ଅଣ୍ଡା ମାଡ କରି ଘାଇଲା କରିବା ସେମାନେ କ'ଣ ହାତ ଉପରେ ହାତ ରଖି ବସିବେ କି ? ବୋଲି ସମଗ୍ର ରାଜ୍ୟରେ ଏଭଳି ଜୋର୍‌ଦାର ଚର୍ଚ୍ଚାର ବିଷୟ ହୋଇଥିବା ଲକ୍ଷ୍ୟ କରାଯାଉଛି । ବିରୋଧୀଙ୍କ ଏଭଳି ବିଶୃଙ୍ଖଳିତ କାର୍ଯ୍ୟକୁ ସମଗ୍ର ରାଜ୍ୟରେ ତୀବ୍ର ନିନ୍ଦା କରାଯାଉଥିବା ମଧ୍ୟ ଲକ୍ଷ କରାଯାଉଛି । ମମିତା ମେହେର ଘଟଣାରେ ଯଦି ଦିବ୍ୟଶଙ୍କର ମିଶ୍ର ଅନୈତିକ କାର୍ଯ୍ୟରେ ସଂପୃକ୍ତି ନେଇ ତୁମ ପାଖରେ ଯଦି ଠୋସ୍ ପ୍ରମାଣ ରହିଛି ତେବେ କୋର୍ଟର ଆଶ୍ରୟ ଏ ପର୍ଯ୍ୟନ୍ତ ନେଉନ କାହିଁକି ? ଗୁଣ୍ଡାଗିରି, ଦାଦାଗିରି କରି ସରକାର ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବଦନାମ କରିବା ଆଗାମୀ ନିର୍ବାଚନରେ ସେମାନଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହେବ ବୋଲି ମଧ୍ୟ କୁହାଯାଉଛି । ଦୀର୍ଘ ୨୨ ବର୍ଷ ଧରି କ୍ଷମତାରୁ ବାହାରେ ରହି ବିରୋଧୀ କାମୁଡା କୁକୁର ପରି ଆଚରଣ କଲେ ବି ମଧ ସେମାନଙ୍କୁ ପୋଲିସ୍‌ର ପ୍ରହାର ଆବଶ୍ୟକତା ଥିବା ବେଳେ ମାଡ ହୋଇଛି ଠିକ୍ ହୋଇଛି ବୋଲି ମଧ୍ୟ ଅଧିକାଂଶ ମତବ୍ୟକ୍ତ କରୁଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମସାମୟିକ କୌଣସି ନେତା ରାଜ୍ୟରେ ଅଛନ୍ତି କି ବୋଲି ବିରୋଧୀଙ୍କୁ ପ୍ରଶ୍ନ କରୁଛନ୍ତି ।









## ବିଶୃଙ୍ଖଳାକାରୀ ବିରୋଧୀଙ୍କୁ ଆହୁରି ମାଡ଼ ଦରକାର

ଯେଉଁ ବିରୋଧୀ ବିରୋଧାଚରଣ କରୁଛନ୍ତି ସେମାନଙ୍କ ଦଳର ମୁଖ୍ୟମନ୍ତ୍ରୀ ହେବା ଯୋଗ୍ୟ ପ୍ରାର୍ଥୀ କିଏ କହିବେ କି ବୋଲି ମଧ ପ୍ରଶ୍ନ କରୁଛନ୍ତି । ମମିତା ମେହେର ମାମଲାରେ ଶୃଙ୍ଖଳିତ ଆଣିବା ପାଇଁ ସରକାର କୋର୍ଟକୁ ଯାଇଛନ୍ତି । ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶରେ ଜଣେ ଅବସରପ୍ରାପ୍ତ ବିଚାରପତି ଉକ୍ତ ମାମଲାର ତତ୍ତ୍ୱାବଧାନରେ ଥିବା ଗଣମାଧ୍ୟମରେ ପ୍ରକାଶ ପାଉଛି । ତା ସତ୍ତ୍ୱେ ବିଚାରବିଭାଗୀୟ ବା କୋର୍ଟକୁ ସେମାନଙ୍କର ବିଶ୍ୱାସ ନାହିଁ? ଖାଲି ସିବିଆଇ, ସିବିଆଇକୁ ତଦନ୍ତଭାର ଦିଆଯିବାକୁ ହୋହାଲ୍ଲା କରୁଛନ୍ତି । ଯେଉଁ ସିବିଆଇକୁ ତଦନ୍ତଭାର ଦେବା ପାଇଁ କୁହାଯାଉଛି ଉକ୍ତ ସିବିଆଇ ତଦନ୍ତ ସଂସ୍ଥା କାହା ଅଧିନରେ ଅଛନ୍ତି ? କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ସରକାରଙ୍କୁ ଦେଲେ ରାଜ୍ୟରେ ଆଞ୍ଚଳିକ ଦଳ ଶାସନ ଥିବାକୁ କିପରି ଦୃଷ୍ଟିରେ ସେ ଦେଖିବେ ସମସ୍ତେ ଜାଣିଛନ୍ତି । ରାଜ୍ୟର ବିଚାରବିଭାଗ ବା (ପୃଷ୍ଠା-୨)

# ସିପି ସୌମେନ୍ଦ୍ରଙ୍କୁ ତାରାଙ୍କ ଚ୍ୟାଲେଞ୍ଜ୍

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଶିକ୍ଷୟିତ୍ରୀ ମମିତା ମେହେରଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଗତ ଶୁକ୍ରବାର ବିଧାନସଭା ସମ୍ମୁଖରେ ମୁହାଁମୁହିଁ ହୋଇଥିବା ଛାତ୍ର କଂଗ୍ରେସ କର୍ମୀଙ୍କୁ ପୋଲିସ୍‌ର ମାଡ ଘଟଣାକୁ ନେଇ ସ୍ୱର ତୀବ୍ର କରିଛନ୍ତି ଦଳର ବରିଷ୍ଠ ନେତା । ଛାତ୍ର କଂଗ୍ରେସ କର୍ମୀମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିବା ବେଳେ ପୋଲିସ୍ ବର୍ବରୋଚିତ ଭାବେ ସେମାନଙ୍କୁ ପିଟିଥିଲା ବୋଲି ଦଳ ଅଭିଯୋଗ କରିଥିବା ବେଳେ ପୋଲିସ୍ କରିଛି ପାଲଟା ଅଭିଯୋଗ । ଛାତ୍ର କଂଗ୍ରେସ କର୍ମୀମାନେ ପୋଲିସ୍ ଉପରକୁ ପଥର ମାଡ କରିଥିଲେ ବୋଲି ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି । ଆଉ ଏହାକୁ ନେଇ ପୋଲିସ୍ କମିଶନରଙ୍କୁ ଚ୍ୟାଲେଞ୍ଜ ଦେଇଛନ୍ତି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି । ସେ କହିଛନ୍ତି, ଯଦି କଂଗ୍ରେସ କର୍ମୀ ପୋଲିସ୍ ଉପରକୁ ପଥର ମାଡ କରିଛନ୍ତି ବୋଲି ପୋଲିସ୍ କମିଶନର ପ୍ରମାଣିତ କରିଦେବେ ତାହେଲେ ମୁଁ ରାଜନୀତି ଛାଡିଦେବି । କିନ୍ତୁ ତାହା ପ୍ରମାଣ ନ କରିପାରିଲେ, ପୋଲିସ୍ କମିଶନର ଚାକିରୀ ଛାଡିଦେବେ କି ? ତାରା ଆହୁରି କହିଛନ୍ତି, ପୋଲିସ୍ କଂଗ୍ରେସ ଭବନ ଭିତରକୁ ଢେଲା ମାଡ କରିଛି । ପୋଲିସ୍ କଂଗ୍ରେସ ଭବନରେ ପଶି କର୍ମିମାନଙ୍କୁ ପିଟିବା ଘଟଣାର ତଦନ୍ତ ହେଉ । ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ହେଲେ



ପୋଲିସ୍ କମିଶନରଙ୍କ ଅଫିସ୍ ଘେରାଉ କରାଯିବ । ଏହା ସହିତ ସେ ପୋଲିସ୍ କମିଶନରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

**ଛାତ୍ର କଂଗ୍ରେସ କର୍ମୀଙ୍କୁ ପୋଲିସ୍ ଗୋଡାଇ ଗୋଡାଇ ପିଟିବା ଘଟଣାର ପ୍ରତିବାଦ ସ୍ୱରୂପ ଆସନ୍ତା ୧୪ ତାରିଖରେ ଦଳ ପକ୍ଷରୁ ରାଜ୍ୟବ୍ୟାପି ବିକ୍ଷୋଭ କରାଯିବ । ରାଜ୍ୟର ସମସ୍ତ ଜିଲ୍ଲା, ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସକଳ ୯ଟାରୁ ଦନ ୧ଟାଏ ପର୍ଯ୍ୟନ୍ତ ଦଳୀୟ କର୍ମୀ ଧାରଣାରେ ବସିବେ ବୋଲି ଗତ କାଲି ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି ।** ସେହିପରି ଗତ କାଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଦଳର ନେତା ନରିସିଂହ ମିଶ୍ର ଏକ ସାମ୍ବାଦିକ ସମ୍ମିଳନୀ କରି ଏହି ଘଟଣାରେ ପୋଲିସ୍‌କୁ ତୀବ୍ର ସମାଲୋଚନା କରିଥିଲେ । **ଶ୍ରୀ ମିଶ୍ର କହିଥିଲେ ଯେ ସେଦିନ ଦାୟିତ୍ୱରେ ଥିବା ପୋଲିସ୍ ଅଧିକାରୀ ଆଇନ୍ ପାଠ ପଢିନାହାଁନ୍ତି କିମ୍ବା ଆଇନ୍ ପାଠ ବୁଝିଥିଲେ ବି ସରକାରଙ୍କ ଚାପରେ ବେଆଇନ୍ କାମ କରୁଛନ୍ତି ।** ସେହିଭଳି ଶ୍ରୀ ପଟ୍ଟନାୟକ କହିଥିଲେ ଯେ, କଂଗ୍ରେସ ଇଂରେଜମାନଙ୍କ ଗୁଳିକୁ



### ତାରା ପିସିସି ସଭାପତି ଯୋଗ୍ୟ

ଡରିନଥିଲା । ପୋଲିସ୍ ଲାଠିକୁ ବି ଡରିବ ନାହିଁ । ଆଗକୁ ଆନ୍ଦୋଳନ ଜୋର୍‌ଦାର ହେବ ।

**ତାରାଙ୍କ ରୋକ୍‌ଠୋକ୍ ଚ୍ୟାଲେଞ୍ଜ୍ ରାଜ୍ୟ କଂଗ୍ରେସ ଦଳ ପାଇଁ ଉତ୍ସାହଜନକ ହୋଇଥିବା ବେଳେ ତାରା ଜଣେ ଯୋଗ୍ୟ ବିରୋଧୀ ଦଳ ନେତା ଭାବେ ଦାୟିତ୍ୱବହନ କରୁଥିବାରୁ ଆଗାମୀ ଦିନରେ ତାରାଙ୍କୁ ପିସିସି ସଭାପତି କରାଯିବା ଠିକ୍ ହେବ ବୋଲି ଦଳର ନେତା ଓ କର୍ମୀ ମତବ୍ୟକ୍ତ କରୁଛନ୍ତି ।**

# ସରକାରକୁ ସଦବୁଦ୍ଧି ଦିଅନ୍ତୁ:ବିଜେପି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ହେ ମହାପ୍ରଭୁ ଏ ସରକାରକୁ ସଦବୁଦ୍ଧି ଦିଅନ୍ତୁ । ସିଂହଦ୍ୱାର ସମ୍ମୁଖରେ ଦୀପ ଜାଳି ମହାପ୍ରଭୁଙ୍କ ନିକଟରେ ଏପରି ଗୁହାରି କରିଛନ୍ତି ବିଜେପି ବିଧାୟକ । ନିର୍ଦ୍ଧାରିତ ସମୟ ପୂର୍ବରୁ ବିଧାନସଭା ଅଧିବେଶନ ବନ୍ଦ ହୋଇଯାଇଥିବାରୁ ବିରୋଧୀ ବିଜେପି ବିଧାୟକମାନେ ଶ୍ରୀକ୍ଷେତ୍ର ଯାଇ ସରକାରଙ୍କ ସଦ୍‌ବୁଦ୍ଧି ଫେରାଇ ଆଣିବା ପାଇଁ ପ୍ରାର୍ଥନା କରିଛନ୍ତି ।



ମହାପ୍ରଭୁଙ୍କ ପାଖରେ ଶରଣ ପଶି ବିଧାୟକମାନେ କହିଛନ୍ତି- ରାଜ୍ୟରେ ନାରୀ ନିର୍ଯାତନା, ଲୁଣ୍ଠନ, ଅନ୍ୟାୟ, ଅତ୍ୟାଚାର ସହ ବ୍ୟାଭିଚାର ବଢି ଚାଲିଛି । ସନ୍‌ସାଇନ୍ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଭଳି ସଙ୍ଗୀନ ମାମଲାରେ ପୀଡିତାଙ୍କୁ ନ୍ୟାୟ ମିଳୁନି । ବିଧାନସଭାରେ ଏସବୁ ପ୍ରସଙ୍ଗ ଉଠାଇଲା ବେଳକୁ ବିରୋଧୀଙ୍କ ସ୍ୱର ଚାପି ଦିଆଯାଉଛି । ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ବିଧାନସଭା ଶୀତ ଅଧିବେଶନ ବନ୍ଦ କରିଦିଆଗଲା । ମୁଖ୍ୟମନ୍ତ୍ରୀ ନବୀନ (ପୃଷ୍ଠା-୨)

# ବିଜେପିର ନାଟକ:ବିଜେଡି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରନ୍ଧନ ଗ୍ୟାସ ସମେତ ପେଟ୍ରୋଲ ଓ ଡିଜେଲ୍‌ର ଅହେତୁକ ଦର ବୃଦ୍ଧିରୁ ନଜର ହଟାଇବା ଲାଗି ବିଜେପି ହଙ୍ଗାମା କରି ଯେଭଳି ବିଧାନସଭାକୁ ଅଚଳ କଲେ, ତାହା ରାଜ୍ୟବାସୀ ଦେଖିଲେ । ବିଧାନସଭା ଭିତରେ ଲୋକଙ୍କ ଏହି ମୌଳିକ ସମସ୍ୟା ଉଠାଇବା ବଦଳରେ ହଙ୍ଗାମା କରିବା ପରେ ବିଜେପି ବିଧାୟକ ରାଜ୍ୟପାଳଙ୍କୁ ଭେଟି ଏଥିପାଇଁ ବିଜେଡିକୁ ଦାୟୀ କରି ଯେଉଁଭଳି ପାଲଟା ଅଭିଯୋଗ କଲେ, ତାହା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଲଜ୍ଜାଜନକ । ବିଜେପିର ଏହି ଦୋମୁହାଁ ନୀତିକୁ ବିଜେଡି ପକ୍ଷରୁ ଦୃଢ




ନିନ୍ଦା କରାଯାଇଥିବା କହିଛନ୍ତି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି ।

ମହାନ୍ତି ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ ଓଡ଼ିଶାର ସାଧାରଣ ଲୋକେ ରନ୍ଧନ ଗ୍ୟାସ୍ ଠାରୁ ଆରମ୍ଭ କରି ପେଟ୍ରୋଲ୍ ଓ ଡିଜେଲ୍‌ର ଆକାଶ ଛୁଆଁ ଦରବୃଦ୍ଧିରେ ନୟାନ୍ତ ହୋଇପଡିଲେଣି । କେନ୍ଦ୍ର ସରକାର ଏହିସବୁ ସାମଗ୍ରୀର ଦର ନିୟନ୍ତ୍ରଣ କରିପାରୁ ନାହାଁନ୍ତି । (ପୃଷ୍ଠା-୨)

# ପାଣ୍ଡିଆନ୍‌ଙ୍କ ମନ ଜିଣିଲେ ଛାତ୍ରୀ



**ନବରଙ୍ଗପୁର(ସଂପର୍କବାର୍ତ୍ତା):-** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ସରକାରୀ ନୋଡାଲ ବାପୁଜୀ ଉଚ୍ଚବିଦ୍ୟାଳୟର ୧୦ ଶ୍ରେଣୀ ଛାତ୍ରୀ ତମନ୍ନା ରାଣୀ ସିଂହ ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ମନ ଜିଣିଛନ୍ତି । ସଚିବଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଭବିଷ୍ୟତରେ ଦକ୍ଷିଣ କୋରିଆ ଯାଇ କେ-ପପ ଆଇଡଲ ହେବା ଲକ୍ଷ୍ୟ ରଖିଥିବା କହିଥିଲେ ତମନ୍ନା ।

ଏଭଳି ଉତ୍ତରରେ ଶ୍ରୀ ପାଣ୍ଡିଆନ୍ ସନ୍ତୋଷ ପ୍ରକାଶ କରିଥିବା ବେଳେ ଗତ କାଲି ୫-ଟିର ଏକ ଚାରିଜଣିଆ ପ୍ରତିନିଧୀ ଦଳ ତେନ୍ତୁଳିଖୁଣ୍ଟିରେ ପହଞ୍ଚି ତମନ୍ନାଙ୍କ ସହ ଆଲୋଚନା କରିଛନ୍ତି । ଏହାପରେ ତମନ୍ନାଙ୍କ ପାଇଁ ନୂତନ ଆଶା ସଂଚାର ହୋଇଛି । ୫-ଟି ଅଧିନରେ ବିଭିନ୍ନ ସରକାରୀ ଉଚ୍ଚବିଦ୍ୟାଳୟରେ ରୂପାନ୍ତିକରଣ କାର୍ଯ୍ୟର ସମୀକ୍ଷା ନିମନ୍ତେ ଚଳିତ ମାସ ୮ରେ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସ୍ତରତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଭର୍ଚୁଆଲ୍ ମୋଡରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ୫-ଟି ସଚିବ ଶ୍ରୀ ପାଣ୍ଡିଆନ୍ ଏଥିରେ ଯୋଗ ଦେଇଥିଲେ । ବୈଠକରେ ଉପସ୍ଥିତ ଥିବା ତମନ୍ନାକୁ ୫-ଟି ସଚିବ ପାଣ୍ଡିଆନ୍ ତାଙ୍କ ଲକ୍ଷ୍ୟ ବିଷୟରେ ପଚାରିଥିଲେ । କେ-ପପ ଆଇଡଲ୍ ହେବା ନିଜର ଲକ୍ଷ୍ୟ ବୋଲି ତମନ୍ନା ଉତ୍ତର ରଖିଥିଲେ । ଏଭଳି ଉତ୍ତର ଶୁଣି ସଚିବ ସାମାନ୍ୟ ଚକ୍ଟିତ ହୋଇପଡିଥିଲେ । ଏହା କ'ଣ ବୋଲି ପୁଣି ଥରେ ସଚିବ ପ୍ରଶ୍ନ କରିବାରୁ ଏହା ଦକ୍ଷିଣ କୋରିଆର ଏକ ପ୍ରସିଦ୍ଧ ଡ୍ୟାନ୍ସ, ଏହାକୁ କୋରିଆର ପପ-ଆଇଡଲ୍ ବୋଲି କୁହାଯାଉଥିବା ବେଳେ ଦକ୍ଷିଣ କୋରିଆ ଯିବାର ଇଚ୍ଛା ରଖିଥିବା ତମନ୍ନା ପ୍ରକାଶ କରିଥିଲେ ।

ଗତକାଲି ଶ୍ରୀ ପାଣ୍ଡିଆନ୍‌ଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱରର ୫-ଟିର ଏକ ୪ ଜଣିଆ ପ୍ରତିନିଧି ଦଳ ତେନ୍ତୁଳିଖୁଣ୍ଟିରେ ପହଞ୍ଚି ତମନ୍ନାଙ୍କ ସହ ଆଲୋଚନା କରିଥିଲେ । ପ୍ରତିନିଧି ଦଳ ଏବଂ ତମନ୍ନାଙ୍କ ସହିତ ହୋଇଥିବା ଆଲୋଚନାର ଭିଡିଓ ପ୍ରସ୍ତୁତ କରି ପ୍ରତିନିଧି ଦଳ ନେଇଥିବା ଜଣାପଡିଛି । ଭବିଷ୍ୟତରେ ତମନ୍ନାଙ୍କ ଲକ୍ଷ୍ୟ ପୂରଣ ହେବ ବୋଲି ବିଡିଓ ଦୁର୍ଯ୍ୟଧନ ଭୋଇ, ତହସିଲ୍‌ଦାର ପ୍ରଦୀପ କୁମାର କର ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମରସିଂ ନାୟକ ଆଶା ରଖିଛନ୍ତି ।

## ଜଗତସିଂହପୁରରେ ଆଇଏଏସ୍ କଲେକ୍ଟର

# ବିଡିଓ କୈଳାସ ଚନ୍ଦ୍ର ବେହେରା ଫଲ୍ସ ବିଲ୍‌ରେ ବ୍ୟସ୍ତ

**ଏରସମା(ସଂପର୍କବାର୍ତ୍ତା):-** ଏରସମା ବ୍ଲକ୍ ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କ କାର୍ଯ୍ୟଧାରାକୁ ନେଇ ବର୍ତ୍ତମାନ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି । ପାଠକମାନେ ତଥା ଜିଲ୍ଲାବାସୀ ଜାଣିବା ପରେ ଆଶ୍ଚର୍ଯ୍ୟପ୍ରକଟ କରୁଛନ୍ତି । ଜଗତସିଂହପୁର ଜିଲ୍ଲାରେ ନୂତନ ଓ ଦକ୍ଷ ଆଇଏଏସ୍ କଲେକ୍ଟର ପାରୁଲ୍ ପଟୱାରୀ ଦାୟିତ୍ୱରେ ଥିବା ବେଳେ ଏରସମା ବ୍ଲକ୍ ବିଡିଓ ଶ୍ରୀ ବେହେରାଙ୍କ ଦୁସାହାସିକତାକୁ ନିନ୍ଦା କରାଯାଉଛି । ଖବରରୁ ପ୍ରକାଶ ଏରସମା ବ୍ଲକ୍ ଚଟୁଆ ପଞ୍ଚାୟତର ନଚ୍ଛିପୁରା ଗ୍ରାମରେ ଉନ୍ନତିମୂଳକ କାର୍ଯ୍ୟ କାଗଜକଲମରେ କରାଯାଇ ଲକ୍ଷାଧିକ ଟଙ୍କାର ବିଲ୍ କରାଯାଉଥିବା ନେଇ ଉକ୍ତ ଗ୍ରାମବାସୀ ଏକ ଅଭିଯୋଗ ଶ୍ରୀ ବିଡିଓଙ୍କୁ ଦେଇଛନ୍ତି । ୨୦୧୭-୧୮ ଆର୍ଥିକ ବର୍ଷ ଠାରୁ ୨୦୨୧-୨୨ ଆର୍ଥିକ



ବର୍ଷ ପର୍ଯ୍ୟନ୍ତ ସିଏଫ୍‌ସି ଓ ଏସ୍‌ଏଫ୍‌ସି ପାଣ୍ଠିରୁ ନଚ୍ଛିପୁରା ଗ୍ରାମର ପୋଖରୀ ଖନନ, ପାହାଚ ନିର୍ମାଣ, ଗାଧୁଆ ଘର, ଦଳ ସଫେଇ, ପାନୀୟ ଜଳ ନିମନ୍ତେ ନୂତନ ପାଇପ୍‌ଲାଇନ୍ ସଂଯୋଗ, ଗାଁ ରାସ୍ତା ମରାମତି, ଡ୍ରେନେଜ୍ ନିର୍ମାଣ, ନଳକୂପ ପିଣ୍ଡି, ପମ୍ପ ମରାମତି ଓ ଆଲୋକିକରଣ ପାଇଁ ଲକ୍ଷାଧିକ ଟଙ୍କା ବିଲ୍ ହୋଇଥିବା ସୂଚନା ଆଧାର ଆଇନ୍ ବଳରେ ଜଣାପଡିଛି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମରେ ଏତେଗୁଡିଏ କାର୍ଯ୍ୟ କରାଯାଇଛି ହେଲେ କାର୍ଯ୍ୟଗୁଡିକ କିଏ କେତେବେଳେ କଲା କେହି ଦେଖିନାହାଁନ୍ତି କି ଜାଣିନାହାଁନ୍ତି । କୌଣସି କାମ ନ ହୋଇ ଫଲ୍ସ ବିଲ୍ ହୋଇଥିବାର ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିକି ଗୋଟିଏ କାମକୁ ପୁନର୍ବାର ଦର୍ଶାଇ ବିଲ୍ କରାଯାଇଛି ବୋଲି ଚଟୁଆ (ପୃଷ୍ଠା-୨)

# ୨୦୨୪ରେ ରହିବନି କଂଗ୍ରେସ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କଂଗ୍ରେସର ହାତ ଧରିବେ ବୋଲି ଚର୍ଚ୍ଚା ହେଉଥିଲା ବେଳେ ଏବେ ପୁଣି କଂଗ୍ରେସକୁ ହିଁ ବାଣ ମାରିଛନ୍ତି ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର । କଂଗ୍ରେସ ଦଳ ସହ ସେ ପୁଣି ଥରେ ଗାନ୍ଧୀ ପରିବାରକୁ କରିଛନ୍ତି ଟାର୍ଗେଟ୍ । ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ କିଏ ହେବ ବିରୋଧୀ ଦଳ ? ବିଜେପି ସହ ବିରୋଧୀ ଦଳ ଭାବେ କିଏ କରିବ ମୁକାବିଲା ? ଏସବୁକୁ ନେଇ ପ୍ରଶାନ୍ତ ତିଆରି



କରିଛନ୍ତି ବ୍ଲୁ-ପ୍ରିଣ୍ଟ୍ । ଆସନ୍ତା ୨୦୨୪ରେ ରହିବନି କଂଗ୍ରେସ । ଗଠନ ହେବ କଂଗ୍ରେସ ମୁକ୍ତ ବିରୋଧୀ ଦଳ । ଇଣ୍ଡିଆ ଟୁଡେକୁ ଦେଇଥିବା ସାକ୍ଷାତକାରରେ ଏଭଳି କିଛି କହି କଂଗ୍ରେସକୁ କଠୋର ଭାବେ ଟାର୍ଗେ କରିଛନ୍ତି ।

## ପ୍ରେମ କଲେ ସୁସ୍ଥ ରହିବ ଶରୀର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପ୍ରେମ ଏକ ବହୁତ ସୁନ୍ଦର ଅନୁଭବ । 'ପ୍ରେମ' ଦୁଇଟି ଆତ୍ମାର ନିସର୍ତ୍ତ ମିଳନ । ପ୍ରେମ ନୈସର୍ଗିକ, ପ୍ରେମ, ଶାଶ୍ୱତଃ ଓ ଚିରନ୍ତନ । ପ୍ରେମ ସଂପର୍କରେ କବି ଓ କଥାକାରଙ୍କ ବହୁ ନିଦର୍ଶନ ରହିଛି । (ପୃଷ୍ଠା-୨)



ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା



# ଭାରତ ହେଉଛି ଚତୁର୍ଥ ଶକ୍ତିଶାଳୀ ଦେଶ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତ ଏସିଆର ଚତୁର୍ଥ ଶକ୍ତିଶାଳୀ ଦେଶ। ଲୋଓ୍ ଇନଷ୍ଟିଚ୍ୟୁଟ ପକ୍ଷରୁ ଏସିଆ ପାଓ୍ୱାର୍ ଇଣ୍ଡେକ୍ସ-୨୦୨୧ରେ ଏସିଆର ସବୁଠାରୁ ଶକ୍ତିଶାଳୀ ଦେଶର ତାଲିକା ପ୍ରକାଶ କରାଯାଇଛି। ତାଲିକାରେ ଭାରତ ଚତୁର୍ଥ ସ୍ଥାନରେ ରହିଛି। ଏହି ରିପୋର୍ଟରେ ଭାରତକୁ ଏସିଆର ମଧ୍ୟମ ଶକ୍ତି ବୋଲି ଦର୍ଶାଯାଇଛି। ଅଷ୍ଟ୍ରେଲିଆର ସିଡନୀ ସ୍ଥିତ ଲୋଓ ଇନଷ୍ଟିଚ୍ୟୁଟ ଏସିଆ ପାଓାର ଇଣ୍ଡେକ୍ସରେ ୨୬ଟି ଦେଶର ତାଲିକା ପ୍ରକାଶ କରିଛି।

ପ୍ରାକୃତିକ ସମ୍ପଦ ଏବଂ ପ୍ରଭାବ ଉପରେ ଆଧାର କରି ଏହି ତାଲିକା ପ୍ରସ୍ତୁତ କରାଯାଇଛି। ତାଲିକାରେ ଆମେରିକା ଶୀର୍ଷରେ ରହିଛି। ଏହା ପଛକୁ




ଦ୍ୱିତୀୟ ସ୍ଥାନରେ ଚାଇନା ଅଛି। ସେହିପରି ତୃତୀୟ ସ୍ଥାନରେ ଜାପାନ, ପଂଚମରେ ରୁଷିଆ ରହିଛି। ଏହା ପଛକୁ ଷଷ୍ଠରେଅଷ୍ଟ୍ରେଲିଆ, ସପ୍ତମରେ ଦକ୍ଷିଣ କୋରିଆ ଅଷ୍ଟମରେ ସିଙ୍ଗାପୁର, ନବମରେ ଇଣ୍ଡୋନେସିଆ ଏବଂ ଦଶମରେ ଥାଇଲ୍ୟାଣ୍ଡ ରହିଛି। ଭାରତ ରୁଷିଆଠାରୁ ପାଦେ ଆଗରେ ରହିଛି। ରିପୋର୍ଟ ଅନୁଯାୟୀ,ଏସିଆର ଚତୁର୍ଥ ଶକ୍ତିଶାଳୀ ଦେଶ ଭାବରେ ୨୦୨୧ମସିହାରେ ଭାରତ ପୁଣିଥରେ ପ୍ରମୁଖ ଶକ୍ତିରେ ପରିଣତ ହୋଇଛି। ୨୦୨୦ତୁଳନାରେ ଏହାର ସାମଗ୍ରିକ ସ୍କୋରରେ ଦୁଇଟି ପଏଣ୍ଟ ହ୍ରାସ ପାଇଛି କରୋନାଭାଇରସ ମହାମାରୀର ପ୍ରଭାବ ଯୋଗୁ ଭାରତ ପାଇଁ ଅଭିବୃଦ୍ଧି ସମ୍ଭାବନ ୨୦୩୦ପାଇଁ ଆର୍ଥିକ ପୂର୍ବାନୁମାନ କ୍ଷେତ୍ରରେ ହ୍ରାସ ପାଉଛି ବୋଲି ଲୋଓ୍ୱା ଇନଷ୍ଟିଚ୍ୟୁଟ କହିଛି। ପ୍ରତିରକ୍ଷା ନେଟଓ୍ୱାର୍କ ଦୃଷ୍ଟିର ଭାରତ ସପ୍ତମ ସ୍ଥାନରେ ରହିଛି।

# ସରକାରୀ ଚାକିରୀ ପାଇଁ ବଙ୍ଗାଳୀ ଶିଖିବା ଜରୁରୀ:ମମତା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର କହିଛନ୍ତି ଯେ, ଯେଉଁମାନେ ବଙ୍ଗାଳୀ ଜାଣନ୍ତି ସେମାନଙ୍କୁ ରାଜ୍ୟ ସରକାରଙ୍କ ଚାକିରୀ ପାଇଁ ଆବେଦନ କରିବା ସମୟରେ ଅଗ୍ରାଧିକାର ଦେବେ। ବଙ୍ଗାଳୀ ନଜାଣି ବ୍ୟକ୍ତିଙ୍କ ଅପେକ୍ଷା ବଙ୍ଗାଳୀ ଜାଣିଥିବା ବ୍ୟକ୍ତିଙ୍କୁ ପଶ୍ଚିମବଙ୍ଗରେ ସରକାରୀ ଚାକିରୀ ପାଇଁ ମନୋନୟନ କ୍ଷେତ୍ରରେ ପ୍ରାଥମିକତା ଓ ଅଗ୍ରାଧିକାର ମିଳିବ। ପଶ୍ଚିମବଙ୍ଗ ବାସିନ୍ଦାଙ୍କ ପାଇଁ ସରକାରୀ ଚାକିରୀ ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପକୁ ଏକ ଦୃଢ ପଦକ୍ଷେପ ଭାବରେ ବିଚାର କରାଯାଉଛି।

ବୁଧବାର ଦିନ ମାଲଦା ଜିଲ୍ଲାରେ ଏକ ପ୍ରଶାସନିକ ବୈଠକକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ବାନାର୍ଜୀ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ରହୁଥିବା ଲୋକଙ୍କୁ ଏପରି ଚାକିରୀ ପାଇଁ ପ୍ରାଥମିକତା ଦିଆଯିବା ଆବଶ୍ୟକ। ମୁଁ ସମସ୍ତ ରାଜ୍ୟ ପାଇଁ ଏହା କହୁଛି, ବଙ୍ଗଳାରେ ନିଯୁକ୍ତି ସୃଷ୍ଟି ହେବା ପାଇଁ ବଙ୍ଗଳାର ବାସିନ୍ଦାଙ୍କୁ ଅଗ୍ରାଧିକାର ମିଳିବା ଉଚିତ୍। ଆପଣ ନିଶ୍ଚୟ ବଙ୍ଗଳା ଭାଷା ଜାଣିବେ ଏବଂ ବଙ୍ଗଳାର ବାସିନ୍ଦା ହେବେ ବୋଲି ସେ କହିଛନ୍ତି।

ବିହାର କିମ୍ବା ୟୁପିରେ ରହୁଥିବା ଲୋକଙ୍କ ପାଇଁ ମଧ୍ୟ ସମାନ ନୀତି ପ୍ରଯୁଜ୍ୟ ହୋଇପାରେ, ସେଠାକାର



ଲୋକମାନେ ସ୍ଥାନୀୟ ସରକାରଙ୍କୁ ଉତ୍ତରଦାୟୀ କରିବେ। ସମସ୍ତ ରାଜ୍ୟରେ ରାଜ୍ୟର ବାସିନ୍ଦାମାନଙ୍କୁ ସରକାରୀ ଚାକିରୀ କ୍ଷେତ୍ରରେ ପ୍ରାଥମିକତା ଓ ଅଗ୍ରାଧିକାର ଦିଆଯିବା ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମମତା କହିଛନ୍ତି ଯେ ଯେତେବେଳେ ସ୍ଥାନୀୟ ବାସିନ୍ଦାଙ୍କ ବଦଳରେ ବାହାରର ଅଣ-ବାସିନନ୍ଦା ପ୍ରାର୍ଥୀମାନେ ସରକାରୀ ଚାକିରୀରେ ନିଯୁକ୍ତି ପାଆନ୍ତି ଏବଂ ସ୍ଥାନୀୟ ଭାଷା ଜାଣନ୍ତି ନାହିଁ, ସେତେବେଳେ ସ୍ଥାନୀୟ ଲୋକମାନେ ଯନ୍ତ୍ରଣା ଭୋଗିଥାନ୍ତି। ଯେତେବେଳେ ଜଣେ ପ୍ରାର୍ଥୀଙ୍କୁ ଭଲ ପଦବୀରେ ନିଯୁକ୍ତ କରାଯାଏ ଏବଂ ସେ ସ୍ଥାନୀୟ ଭାଷା ଜାଣନ୍ତି ନାହିଁ, ସେତେବେଳେ ସ୍ଥାନୀୟ ବାସିନ୍ଦାମାନେ କ୍ଷତିଗ୍ରସ୍ତ ହୁଅନ୍ତି। ଯେତେବେଳେ ସେମାନେ ସେମାନଙ୍କର ଅଭିଯୋଗ ସହିତ ଆସନ୍ତି, ସ୍ଥାନୀୟ ଅଧିକାରୀମାନେ ସେମାନଙ୍କ କଥା ବୁଝନ୍ତି ନାହିଁ। ସେମାନେ ସେମାନଙ୍କର ଚିଠି ପଢିପାରିବେ ନାହିଁ କିମ୍ବା ଉତ୍ତର ଦେଇପାରିବେ ନାହିଁ। ତେଣୁ, ସ୍ଥାନୀୟ ଭାଷା ଶିଖିବା ଜରୁରୀ।

ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟ ମୁଖ୍ୟ ସଚିବ ଏଚକେ ଦ୍ୱିବେଦୀଙ୍କୁ ନିଯୁକ୍ତି ସମୟରେ ଭାଷା ପ୍ରତିବନ୍ଧକକୁ ସମାଧାନ କରିବା ପାଇଁ ଏକ ପ୍ରୋଟୋକଲ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ‘ଓମିକ୍ରନ୍’ ଅଧିକ ସଂକ୍ରାମକ କିନ୍ତୁ ବେଶୀ ଘାତକ ନୁହେଁ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସାରା ବିଶ୍ୱରେ ଏବେ କୋଭିଡ ଭାଇରସର ନୂଆ ରୂପକୁ ନେଇ ପୁଣି ଭୟର ବାତାବରଣ। ତେବେ ଏହି ଆତଙ୍କ ମଧ୍ୟରେ କୋଭିଡର ନୂଆ ରୂପ ଓମିକ୍ରନକୁ ନେଇ ଆଶ୍ୱସ୍ତିକର ଖବର ଦେଇଛି ଆମେରିକା। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ସ୍ୱାସ୍ୟ ପରାମର୍ଶଦତା ଆନ୍ଥୋନୀ ଫାଉସୀ କହିଛନ୍ତି, ଓମିକ୍ରନ୍ ଅଧିକ ସଂକ୍ରାମକ କିନ୍ତୁ ବେଶୀ ଘାତକ ନୁହେଁ। ବର୍ତ୍ତମାନ ସୁଦ୍ଧ ରିସର୍ଚ୍ଚରୁ ଏହି ତଥ୍ୟ ସାମନାକୁ ଆସିଛି।

କରୋନା ଟିକାର ଦ୍ୱିତୀୟ ଡୋଜର ୨ ମାସ ପୂର୍ବରୁ ବୁଷ୍ଟର ଡୋଜର କୌଣସି ଆବଶ୍ୟକତା ନାହିଁ; ସାସ୍ଥ୍ୟ ଅଧିକାରୀ ଫାଉସୀ କହିଛନ୍ତି, ଓମିକ୍ରନ୍ ଭାରିଆଣ୍ଟ ଅଧିକରୁ ଅଧିକ ଲୋକଙ୍କ




ପାଖକୁ ସଂକ୍ରମିତ କରିବ। ଡେଲଟା ଅପେକ୍ଷ ଓମିକ୍ରନ୍ ସଂକ୍ରମିତଙ୍କ ସଂଖ୍ୟା ଅଧିକ ହୋଇପାରେ। ପୁନଃ ସଂକ୍ରମଣ ଆଶଙ୍କା ବି ରହିଛି। କିନ୍ତୁ ଡେଲଟା ଭଳି ଘାତକ ହୋଇ ନପାରେ। କାରଣ ଦକ୍ଷଣି ଆଫ୍ରକାରେ ସଂକ୍ରମିତ ଓ ହସ୍ପିଟାଲଇଜେସନ୍ ସଂଖ୍ୟା ଡେଲଟା ଅପେକ୍ଷା ବୃହତ କମ୍। ଆଗକୁ ସବୁଠୁ ଖରାପ ସ୍ଥିତି ଆସିବ ଏବେ ସେଭଳି ପୂର୍ବାନୁମାନେ କରି ନାହାନ୍ତି ଫାଉସୀ। ଏହି ନୂଆ ଭାରିଆଣ୍ଟ ଆଗରେ ବର୍ତ୍ତମାନ ଦିଆଯାଉଥିବା ଟିକା କେତେ ଫଳପ୍ରଦ ଓ ଏହାକେତେ ମାରାତ୍ମକ ଆଉ କିଛି ସପ୍ତାହ ଭିତରେ ତଥ୍ୟ ସାମନାକୁ ଆସିବ ବୋଲି ଆନ୍ଥୋନୀ ଫାଉସୀ କହିଛନ୍ତି। ଓମିକ୍ରନ ବିରୋଧରେ ଟିକା କେତେଦୂର ପ୍ରଭାବଶାଳି ସେ ସମ୍ପର୍କରେ ସେ ସମ୍ପର୍କରେ ବୈଜ୍ଞାନିକ ଗବେଷଣା ଜାରି ରଖିଛନ୍ତି।

# ଏଣିକି ପାଣିରେ ଚାଲିବ ଗାଡି, ସରିଲା ପେଟ୍ରୋଲ ଆଉ ଡିଜେଲ ଯୁଗ:ନୀତିନ ଗଡକରି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଖୁବଶୀଘ୍ର ପେଟ୍ରୋଲ ଓ ଡିଜେଲ ଯୁଗ ସରିବାକୁ ଯାଉଛି। ଜନସାଧାରଣଙ୍କୁ ଆଉ ତୈଳ ଦର ବୃଦ୍ଧି ନେଇ ଚିନ୍ତା କରିବାକୁ ପଡିବ ନାହିଁ। ପେଟ୍ରୋଲ ଓ ଡିଜେଲର ବିକଳ୍ପ ଭାବେ ବର୍ତ୍ତମାନ ପାଣିର ବ୍ୟବହାର କରାଯିବା ଫଳରେ ସାଧାରଣ ଜନତାଙ୍କ ଦୁଃଖ ଲାଘବ ପାରିବ। ଏପରି ଘୋଷଣା କରିଛନ୍ତି କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ସୂଚନା ମୁତାବକ, ଖୁବଶୀଘ୍ର ହାଇଡ୍ରୋଜେନ ଚାଳିତ କାର ବଜାରକୁ ଆସିବ। ଏବେ ଗ୍ରୀବ ହାଇଡ୍ରୋଜେନର ସମୟ ଆସିଯାଇଛି। ଅର୍ଥାତ ପାଣିରୁ ହାଇଡ୍ରୋଜେନ ଓ ଅକ୍ସିଜେନକୁ ଅଲଗା କରାଯିବ। ଏହା ବିଶ୍ୱାସ ନହେଲେ ବି ସତ୍ୟ ହେବାକୁ ଯାଉଛି। ଏଥିପାଇଁ ସେ ଭାରତୀୟ ବୈଜ୍ଞାନିକମାନଙ୍କୁ ପ୍ରଶଂସା




କରିଛନ୍ତି। ଏହି କାର ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ହୋଇଥିବା ବେଳେ ଦିଲ୍ଲୀ ରାସ୍ତାରେ ସେ କାର ନେଇ ବୁଲିବା ପରେ ଜନସାଧାରଣଙ୍କୁ ଏହା ବିଶ୍ୱାସ ହୋଇଯିବ। ଦେଶରେ ଗ୍ରୀନ ହାଇଡ୍ରୋଜେନର ବ୍ୟବହାର ନେଇ ଏକ ପାଇଲଟ୍ ଇନ୍ଧନ ଭାବେ ଆରମ୍ଭ ହେବାକୁ ଯାଉଛି। ଦେଶର ମହାନଗରୀଗୁଡିକର ଦୈନିକ ଲକ୍ଷ ଲକ୍ଷ କ୍ୟୁସେକ ସେରେଜ୍ ପାଣି ବାହାରଛି। ଏହି ପାଣିକ ପ୍ଲାଣ୍ଟରେ ପ୍ରକିୟାକରଣ କରାଯାଇ ଏଥର ହାଇଡ୍ରୋଜେନକୁ ଅଲଗା କରାଯିବ। ପରବର୍ତ୍ତ ସମୟରେ ଉକ୍ତ ହାଇଡ୍ରୋଜେନକୁ ଇନ୍ଧନ ଭାବେ ବ୍ୟବହାର କରାଯିବ। ଏନେଇ ଫରିଦାବାଦରେ ଏକ ଅଏଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପ୍ରୋଜେକ୍ଟ କାର୍ଯ୍ୟକାରୀ ହେଲେ ପ୍ରଦୂଷଣ ମୁକ୍ତ ପଥରେ ଆଗେଇ ଚାଲିବା ସହ ସମସ୍ତ ସହର ସ୍ୱଚ୍ଛରହି ପାରିବେ ବୋଲି ଗଡନକୀ କହିଛନ୍ତି।

# ଭାଇ ବାହାଘରରେ ବଳିଯାଇଥିବା ଖାଦ୍ୟକୁ ନେଇ ରାତି ୧ଟା ବେଳେ ଷ୍ଟେସନରେ ପହଞ୍ଚିଲା ଭଉଣୀ, କଲା ଏପରି କାମ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଇଣ୍ଟରନେଟ୍ ଦୁନିଆରେ ପ୍ରତି ମୁହୂର୍ତ୍ତରେ କିଛି ନା କିଛି ଘଟଣା ଦେଖିବାକୁ ମିଳୁଛି। ଏହାରି ଭିତରେ କିଛି ଏପରି ଖବର ରହିଛି ଯାହା ସମସ୍ତଙ୍କ ମନ କିଣି ନେଉଛି। ଆଉ ତାହା ପ୍ରେରଣା ଯୋଗାଉଛି। ଏହି କ୍ରମରେ ପଶ୍ଚିମବଙ୍ଗର କିଛି ଫଟୋ ସାମନାକୁ ଆସିଛି ଯେଉଁଥିଲେ ଜଣେ ମହିଳା ବଳକା ରହିଯାଇଥିବା ଖାଦ୍ୟ ଆଣି ଭୋକିଲା ମାନଙ୍କୁ ଖାଦ୍ୟ ଦେଉଛି। ମହିଳା ଜଣକ ରାଣାଘାଟ ରେଳ ଷ୍ଟେସନରେ ଖାଇବା ପରସି ଭୋକିଲା ଓ ଦୁଃଖୀରଙ୍କୀଙ୍କୁ ଦେଉଛି। ଏଥିରେ ପରିବାର ଲୋକ ମଧ୍ୟ ସାହାଯ୍ୟ କରୁଛନ୍ତି। ଏହି ମହିଳା ଜଣକ ରାତି ଅନ୍ଧାରରେ ସେଲ୍ଟର୍ ହାଉସ୍ ଓ



ଷ୍ଟେସନ୍ ପାଖପାଖି ଅଂଚଳରେ ଥିବା ଗରିବ ମାନଙ୍କୁ ଖାଦ୍ୟ ଦେଉଛନ୍ତି।ତେବେ ସାଧାରଣତଃ ବିବାହ ଭୋଜିରେ ଅନେକ ପରିମାଣରେ ଖାଦ୍ୟ ତିଆରି ହୋଇଥାଏ। ଲୋକମାନଙ୍କୁ ଖାଦ୍ୟ କମ୍ ପଡିବ ବୋଲି ଲୋକେ ଅଧିକ ଖାଦ୍ୟ ତିଆରି କରାଯାଇଥାଏ ଓ ପରେ ଯଦି ସେସବୁ ବଳକି ଯାଏ ତାକୁ ଫୋପଡା ଯାଇଥାଏ। ହେଲେ ପଶ୍ଚିମବଙ୍ଗର ଏହି ମହିଳା ଖାଦ୍ୟକୁ ନଷ୍ଟ ହେବାକୁ ଦେଇନାହାନ୍ତି। ଓଲଟି ସେ ଉକ୍ତ ଖାଦ୍ୟକୁ ଭୋକିଲାଙ୍କୁ ଦେଇଛନ୍ତି। ସେ ରାତି ୧ଟା ବେଳେ ଖାଦ୍ୟ ନେଇ ବାଣ୍ଟିଥିବା ଜଣାପଡିଛି। ମହିଳାଙ୍କର ଘରେ ବିବାହ ଭୋଜି ଆୟୋଜନ ହୋଇଥିବା ବେଳେ ସେ ସେଥିରେ ବଳକା ରହିଯାଇଥିବା ଖାଦ୍ୟକୁ ଏପରି ଭାବରେ ବାଣ୍ଟି ଦେଇଛନ୍ତି।

## ଦହି କିଣି ସସ୍‌ପେଣ୍ଡ ଟ୍ରେନ୍ ଚାଳକ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ନିର୍ଦ୍ଧାରିତ ଷ୍ଟେସନ୍ ପୂର୍ବରୁ ଟ୍ରେନ ଅଟକାଇଥିଲେ ଚାଳକ। ଖାସ ଦହି କିଣିବାକୁ ଏପରି ନିଷ୍ପତ୍ତି ନେବା ଟ୍ରେନ୍ ଚାଳକୁ ମହଙ୍ଗା ପଡିଛି। ଶେଷରେ ଟ୍ରେନ୍ ଚାଳକଙ୍କ ଏପରି ଚାଳକଙ୍କ ଏପରି ମାନସିକତାକୁ ନେଇ ତାକୁ ନିଲମ୍ବିତ କରାଯାଇଥିବା ସୂଚନା ରହିଛି। ଏହି ଭିଡିଓରେ ଆପଣ ସ୍ପଷ୍ଟ ଭାବେ ଦେଖିପାରୁ ଥିବେ ଜଣେ ବ୍ୟକ୍ତି ହାତରେ ପଲିଥିନ ଧରି ଟ୍ରେନ ଉପରକୁ ଚଢିଥିଲେ। ପରେ ସେହି ବ୍ୟକ୍ତି ଜଣକ ହିଁ ଟ୍ରେନ ଚାଳକ ବୋଲି ଜଣାପଡିଥିଲା। ଏହି ଘଟଣାକୁ ନେଇ ଚର୍ଚ୍ଚାକୁ ଆସିଛି ପାକିସ୍ତାନୀ ରେଳବାଇ। ଲାହୋରଠାରେ ନିର୍ଦ୍ଧାରିତ ଷ୍ଟେସନ ପୂର୍ବରୁ ଚାଳକ ଜଣକ ଖାସ ଦହି କିଣିବାକୁ ଅଟକିଥିଲେ । ପରେ ଦହି ଧରିସେ ପୁଣି ଟ୍ରେନ ଗଡାଇଥିଲେ। ଏହି ମାମଲାରେ ଟ୍ରେନ୍ ଚାଳକ ରାଣା ମହମ୍ମଦ ଶେହଜାଦ ଓ ତାଙ୍କ ସହକାରୀ ଇଫ୍ତିକାର୍ ହୁସୈନ ନିଲମ୍ବିତ ହୋଇଥିବା ଜଣାପଡିଛି। ଭିଡିଓଟି ବହୁଳ ମାତ୍ରାରେ ଭାଇରାଲ୍ ହେବା ପରେ ପାକିସ୍ତାନୀ ରେଳବାଇ ମନ୍ତ୍ରୀ ରେଳବାର ମନ୍ତ୍ରୀ ଆଜମ ଖାନ ସାତି ମଙ୍ଗଳବାର ଦୁହିଁଙ୍କୁ ନିଲମ୍ବିତ କରିଥିଲେ। ଏହି ଏକ ଅଭାବନୀୟ ଘଟଣାକୁ ନେଇ ପାକିସ୍ତାନୀ ରେଳବାଇ ତୀବ୍ର ସମାଲୋଚନାରେ ଶିକାର ହେବା ସହ ବିଭାଗୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଜାରି ହୋଇଛି।

## ବିବାହ ଉପହାର, ଦେଖିଲେ ହସିବ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିବାହରେ ବର ଏବଂ କନ୍ୟାର ପ୍ରବେଶ, ମଞ୍ଚରେ ଫଟୋ ସୁଟ୍ କମେଡି ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଆପଣ ଭାଇରାଲ୍ ହେଉଥିବା ଅନେକ ଭିଡିଓ ଦେଖିଥିବେ, କିନ୍ତୁ ଆଜି ଆମେ ଆଉଣଙ୍କୁ ଭିଡିଓ ଦେଖାଇବାକୁ ଯାଉଛୁ ଯାହା ଆପଣଙ୍କୁ ହସାଇ ବେଦମ କରିବ। କିଛି ସାଙ୍ଗ ନିଜର ସାଙ୍ଗର ବିବାହ ଭୋଜିରେ ଦେଇଥିବା ଉପହାରର ଭିଡିଓ ଏବେ ଚାରିଆଡେ ଭାଇରାଲ ହେବାରେ ଲାଗିଛି। ସାଙ୍ଗମାନେ ଯେତେବେଳେ ଉପହାର ପେଟିରୁ ଧରି ଷ୍ଟେଜ ଉପରକୁ ଆସୁଛନ୍ତି, ସେତେବେଳେ ପେଟି ଭିତରେ କ,ଣ ରହିଛି, ସେ ପ୍ରଶ୍ନ ସମସ୍ତଙ୍କ ମନରେ ଆସୁଛି। ପେଟି ଉପରେ ଓ୍ୱାସିଂ ମେସିନ ଲେଖାଥିବାରୁ ଭିତରେ ଓ୍ୱାସିଂ ମେସିନ ଥିବା ବୋଲି ଲୋକେ ଭାବୁଥିବା ବେଳେ ଶେଷରେ ଅସଲ ଘଟଣାଟି ସାମ୍ନାକୁ ଆସୁଛି।

# ଅତୀତର ଭିଆଇପି ହେଲିକପ୍ଟର ଦୁର୍ଘଟଣା



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆନ୍ଧ୍ରପ୍ରଦେଶର ତକଠାଳୀନ ମୁଖ୍ୟମନ୍ତ୍ରୀ ଓାଇଏସ ରାଜଶେଖର ରେଡ୍ଡୀଙ୍କ ହେଲିକପ୍ଟରଟି କୁର୍ଣ୍ଣୁଲର ଏକ ପାହାଡରେ ଦୁର୍ଘଟଣାଗ୍ରସ୍ତ ହୋଇଥରଲା ସେତେବେଳେ ପାଗ ଅନକୂଳ ନଥିଲା ୨୦୦୧ସେପ୍ଟେମ୍ବର ୩୦; ଖରାପ ପାଗ ଯୋଗୁଁ ପୂର୍ବତନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ମାଧବରାଓ ସିନ୍ଧିଆ ଯାଉଥିବା ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ସେ କାନପୁର ଯାଉଥିବାବେଳେ ଏଭଳି ଅଘଟଣା ଘଟିଥିଲା

୨୦୦୨ମାର୍ଚ୍ଚ ୩ ; ଲୋକସଭା ବାଚସ୍ପତି ବାଲଯୋଗୀଙ୍କର ମଧ୍ୟ ହେଲିକପ୍ରତି ଦୁର୍ଘଟଣାରେ ମୁତ୍ୟୁ ହୋଇଥିଲା ପ୍ରବଳ ବର୍ଷା ଯୋଗୁଁ ତାଙ୍କ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା ୨୦୧୧ଅପ୍ରେଲ ; ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଖାଣ୍ଡୁଙ୍କ ହେଲିକପ୍ଟର ଦୁର୍ଘଣାଗ୍ରସ୍ତ ହୋଇଥିଲା ଦୁର୍ଘଟଣାର ୫ ଦିନ ପରେ ତାଙ୍କର ଶବ ଚୀନ ସୀମାନ୍ତର ଲୁଗୁଥାଙ୍ଗ ନିକଟରେ ମିଳିଥିଲା

# ପ୍ରଥମ ପୃଷ୍ଠାରୁ...

## ପୋଲିସ୍...

କୋର୍ଟ ଉପରେ ଯେଉଁମାନଙ୍କର ବିଶ୍ୱାସ ନାହିଁ ସେମାନଙ୍କ ଠିଁ ମଣିଷପଣିଆ ନଥିବା ମଧ୍ୟ ଆଲୋଚନା ହେଉଛି। ବର୍ତ୍ତମାନର ପରିସ୍ଥିତିରେ ଯାହା କରୁଛନ୍ତି ବିରୋଧୀ ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ, ପୌର ଓ ୨୦୨୪ ସାଧାରଣ ନିର୍ବାଚନରେ ସେମାନଙ୍କ ଯାହା ପ୍ରତିଫଳିତ ହେବ ସେ ବିଷୟରେ ଚିନ୍ତା କରୁଛନ୍ତି କି ନାହିଁ ବୁଝିବା ଆବଶ୍ୟକ ବୋଲି ମଧ୍ୟ ରାଜ୍ୟବାସୀଙ୍କ ପକ୍ଷରୁ ସଚେତନତା ବାର୍ତ୍ତା ଏପରି ଦିଆଯାଉଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ, ବିଧାନସଭାକୁ ୨୦ ଦିନ ଆଗରୁ ମୁଲତବୀ କରାଯିବା ଠିକ୍ ହୋଇଥିବାକୁ ମଧ୍ୟ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି। ୯ ଦିନ ବିଧାନସଭା ମଧ୍ୟରେ ଯାହା ସବୁ ଘଟିଛି ଏବଂ ବିରୋଧୀ ଦଳଙ୍କ ଦ୍ୱାରା ଯାହା ରଚା ଯାଇଛି ସେ ସବୁ କ୍ୟାମେରାରେ କଏଦ ହୋଇଛି। ବିଧାନସଭା ୨୦ଦିନ ଆଗରୁ କାହିଁକି ବନ୍ଦ କରାଗଲା ବୋଲି ବିରୋଧୀଙ୍କ ନିକଟରେ ଆଇନ୍‌ଗତ ଶକ୍ତି ନାହିଁ ପଚାରିବାକୁ ବୋଲି କୁହାଯାଉଛି। ଅତୀତତରେ ଏହିପରି ବିରୋଧୀଙ୍କ ବିଶୃଙ୍ଖଳା ଯୋଗୁଁ ବିଧାନସଭା ମୁଲତବୀ ରଖାଯାଇଛି ଏବଂ ସେ ସଂକ୍ରାନ୍ତରେ ବିରୋଧୀ ଅଭିଯୋଗ କରି ଯେଉଁ ଯେଉଁ ସ୍ଥାନରେ ଅଭିଯୋଗ କରିଛନ୍ତି କ'ଣ ଫଳପ୍ରଦ ହୋଇଛି ? ତଥାପି ସରକାରଙ୍କୁ ବଦନାମ କରିବା ଓ ଜଣେ **ନିଷ୍କଳଙ୍କ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ** ଯେଉଁପରି ଭାବରେ ଅଭିଯୋଗ କରି ସମାଜରେ ନିନ୍ଦୀତ ଓ ତାଙ୍କ ପରିବାରରେ ବିଶୃଙ୍ଖଳା ସୃଷ୍ଟି କରିବାକୁ ଅପଚେଷ୍ଟା କରୁଛନ୍ତି ଆଗାମୀ ନିର୍ବାଚନ ସେମାନଙ୍କ ଘାତକ ହୋଇପାରେ ବୋଲି ମଧ୍ୟ ସାଧାରଣରେ ଆଲୋଚନା ହେଉଛି।

## ସରକାରକୁ...

ପଟ୍ଟନାୟକ ଆଦୌ ଗୃହକୁ ଆସିଲେନି କି ବିରୋଧୀଙ୍କ ଦାବିକୁ ସମ୍ମାନ ଦେଲେନି। ମମିତା ମାମଲାରେ ସିବିଆଇ ତଦନ୍ତ କଥା ଆଦୌ ଉଠିଲା ନାହିଁ। ବିରୋଧୀଙ୍କୁ ପୋଲିସ୍ ଗୋଡେଇ ଗୋଡେଇ ପିଟୁଛି। ବିଧାନସଭାରେ ଆମେ ଲୋକଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଥିବାରୁ ଶେଷରେ ମହାପ୍ରଭୁଙ୍କ ଶରଣାପନ୍ନ ହୋଇ ଏ ରାଜ୍ୟକୁ ବଞ୍ଚାଇବା ଲାଗି ଗୁହାରି କରିଛୁ ବୋଲି ବିଜେପି ବିଧାୟକମାନେ କହିଛନ୍ତି।

ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ କହିଛନ୍ତି, “ମୁଖ୍ୟମନ୍ତ୍ରୀ ଗୃହକୁ ଆସିଲେ ନାହିଁ। ମମିତା ମେହେର ବିଷୟରେ ପଦୁଟିଏ କହିଲେ ନାହିଁ। ଅଭିଯୁକ୍ତକୁ ମଞ୍ଚରେ ବସାଇ ସଭା କଲେ। ସାଢେ ୪ କୋଟି ଓଡ଼ିଆଙ୍କ ସମ୍ବେଦନଶୀଳତା ଉପରେ ଆଘାତ କଲେ। ହେ ପ୍ରଭୁ ଏ ସରକାରକୁ ସଦ୍‌ବୁଦ୍ଧି ଦିଅ।”।

ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ କହିଛନ୍ତି, “ଚାଷୀମାନେ ବିଲରେ କାନ୍ଦୁଛନ୍ତି। ସେମାନଙ୍କ ଧାନ ଷଢି ଯାଉଛି। ରତ୍ନଭଣ୍ଡାର ଚାବି ହଜାଇ ଡ୍ରାମା କରୁଛନ୍ତି। ସେ ବିଷୟରେ ବିଧାନସଭାରେ ଚର୍ଚ୍ଚା ହୋଇଥାଆନ୍ତା। ୨୦ ଦିନ ବାକି ଥିଲା, ବିଧାନସଭାକୁ ବନ୍ଦ କରିଦିଆଗଲା। ସାଢେ ୪ କୋଟି ଲୋକ କେମିତି ସୁରକ୍ଷା ପାଇବେ ? କେମିତି ଲୋକଙ୍କ ମଙ୍ଗଳ ହେବ ? ଛାତ୍ର ଅଶାନ୍ତି ଲାଗି ଥିବା ବେଳେ ଯୁବକମାନେ ବେକାର ହୋଇ ବସିଛନ୍ତି। ମହିଳାମାନେ ଅସୁରକ୍ଷିତ ଅଛନ୍ତି। ପୂରା ରାଜ୍ୟର କଥା ତୁମେ ବୁଝ ହେ ମହାପ୍ରଭୁ।”

ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭରୁ ସନ୍‌ସାଇନ୍ ସ୍କୁଲ୍ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାକୁ ନେଇ ଉଷ୍ମ ହୋଇଥିଲା। ଏହି ମାମଲାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସଂପୃକ୍ତ ଅଭିଯୋଗ ଆଣି ବିରୋଧୀ ଜୋରଦାର ବିରୋଧ କରିଥିଲେ। କିଏ ବିଧାନସଭାରେ ଘଣ୍ଟି ବାଡେଇଲା ତ କିଏ ଗଙ୍ଗା ଓ ଗୋବର ପାଣି ଛିଞ୍ଚିଲା। ଆଉ କିଏ ତୁଳସୀ ପାଣି ଛିଞ୍ଚି ପ୍ରତିବାଦ କଲା।

ବିଜେପି ଓ କଂଗ୍ରେସ ବିଧାୟକଙ୍କ ହୋହାଲ୍ଲା ଯୋଗୁ ଚାଲି ପାରିନଥିବା ବିଧାନସଭା। ବାଚସ୍ପତି ବାରମ୍ବାର ଗୃହକୁ ମୁଲତବୀ ଘୋଷଣା କରୁଥିଲେ। ତେବେ ଗୃହ ଚାଲି ନ ପାରିବାରୁ ୨୦ ଦିନ ପୂର୍ବରୁ ବନ୍ଦ କରିଦେଲେ ବାଚସ୍ପତି। ଯେଉଁଥିପାଇଁ ରତ୍ନଭଣ୍ଡାର ଖୋଲିବା, ଚାଷୀଙ୍କୁ ହତାଶ ପରି ବହୁ ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରିନାହିଁ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

## ବିଜେପିର...

ଏଥିରୁ ନଜର ହଟାଇବା ପାଇଁ ବିଜେପି ବିଧାୟକମାନେ ଓଡ଼ିଶା ବିଧାନସଭାକୁ ଅଚଳ କରି ରଖିଲେ। ବାଚସ୍ପତି ବାରମ୍ବାର ସର୍ବଦଳୀୟ ବୈଠକ ଡାକି ବିଧାନସଭାରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାକୁ ଅନୁରୋଧ କଲେ।

ମାତ୍ର ବିଧାନସଭା ଚଲାଇନଦେବା ଲାଗି ବିଜେପି ବିଧାୟକମାନେ କେତେବେଳେ ଘଣ୍ଟ ବଜାଇଲେ ତ ଆଉ କେତେବେଳେ ହୋହଲ୍ଲା କଲେ ଏବଂ ବିଧାନସଭାକୁ ନିର୍ଦ୍ଧାରିତ ଅବଧି ପୂର୍ବରୁ ବନ୍ଦ କରିବାକୁ ରାଜ୍ୟବାସୀ ଟିଭି ମାଧ୍ୟମରେ ଦେଖିବା ପରେ ବି ବିଜେପି କେଉଁ ମୁହଁରେ ରାଜ୍ୟପାଳଙ୍କୁ ବାଚସ୍ପତି ଓ ଶାସକ ଦଳ ବିରୋଧରେ ଫେରାଦ ହେବାକୁ ଗଲା, ତାହା ବିସ୍ମୟ ସୃଷ୍ଟି କରିଛି। ରାଜ୍ୟବାସୀଙ୍କ ମୌଳିକ ସ୍ୱାର୍ଥକୁ ଉପେକ୍ଷା କରିବା ବିଜେପି ପାଇଁ ମହଙ୍ଗା ପଡିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ରାଜ୍ୟ ବିଜେପିର ଏଭଳି ଆଚରଣ ଯୋଗୁଁ ଲୋକେ ଏହି ଦଳକୁ ଓଡ଼ିଶାରେ ବାରମ୍ବାର ପ୍ରତ୍ୟାଖ୍ୟାନ କରୁଛନ୍ତି। ଯେଉଁଥିପାଇଁ ବିଜେପିର ଆଗଧାଡିର ନେତାମାନେ ଜଣକ ପରେ ଜଣେ ଦଳ ଛାଡୁଛନ୍ତି। ଆଗାମୀ ଦିନରେ ଏହା ଆହୁରି ବଢିବ। ରାଜ୍ୟ ବିଜେପି ୮ଜଣ ଯାକ ସାଂସଦ ଦିଲ୍ଲୀରେ ଓଡ଼ିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ଲଢେଇ କରିବା ଲାଗି ଜଗନ୍ନାଥ ସେମାନଙ୍କୁ ସଦ୍‌ବୁଦ୍ଧି ଦେବାକୁ ବିଜେଡି ପ୍ରାର୍ଥନା କରୁଛି। କିନ୍ତୁ ବିଜେପି ତାହା ନ କରି ଦଳ ପକ୍ଷରୁ ଯେଭଳି ଲୋକଙ୍କ ମୌଳିକ ସମସ୍ୟାକୁ ଅଣଦେଖା ତାହାକୁ ଓଡ଼ିଶାବାସୀ ଦେଖୁଛନ୍ତି ଓ ଆଗାମୀ ଦିନରେ ରାଜ୍ୟର ସଚେତନ ଲୋକେ ଏଭଳି ଦଳକୁ ଉଚିତ ଜବାବ ଦେବେ ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି।

## ବିଡିଓ...

ସରପଞ୍ଚଙ୍କ ସହିତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଯୋଗ କରିଛନ୍ତି। କେତେକ କାର୍ଯ୍ୟ ନିମ୍ନମାନର କରାଯାଇ ସରକାରୀ ଅର୍ଥକୁ ତୁଷାରପାତ କରାଯାଇଛି। ଏହି ସମସ୍ତ କାର୍ଯ୍ୟର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ପଞ୍ଚାୟତର ଆହୁରି ଅନେକ ଦୁର୍ନୀତି ସାମ୍ନାକୁ ଆସିବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳ, ବିଡିଓ, ୫-ଟି ସଚିବ, ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠ, ପଞ୍ଚାୟତରାଜ ମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ ପଠାଯାଇଥିବାର ଗ୍ରାମବାସୀ ଜଣାଇଥିବାକୁ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହି ଖବର ପାଠକ ତଥା ଜିଲ୍ଲାର ସମସ୍ତେ ଜାଣିଲା ପରେ ବିଡିଓଙ୍କୁ ଆକ୍ଷେପ କରି ଅନେକ କଥା କହି ନିନ୍ଦା କରୁଥିବାର ଲକ୍ଷ୍ୟ କରାଯାଉଛି। ଏହି ଖବର ସଂକ୍ରାନ୍ତରେ ବିଡିଓଙ୍କ ସହ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

## ପ୍ରେମ...

ତେବେ ପ୍ରେମର ବୈଜ୍ଞାନିକ ତଥ୍ୟ ବିଷୟର କ୍ବଚିତ୍ ଜାଣିଥିବେ। ପ୍ରେମ କରିବା ଦ୍ୱାରା ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟ ଯେ ଭଲ ରହିପାରେ ଏ କଥା ଏକ ଗବେଷଣାରୁ ଜଣାପଡିଛି। ଏହି ପ୍ରେମ ଆପଣଙ୍କ ସ୍ୱାସ୍ଥ୍ୟ ରଖିବା ସହ ଆପଣଙ୍କୁ ହସ୍ପିଟାଲ୍‌ରୁ ଦୂରେଇ ରଖିଥାଏ। ନିକଟରେ ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡିଛି ଯେ, ପ୍ରେମ ଆପଣ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇଥାଏ। ରିସର୍ଚ୍ଚରୁ ଜଣାପଡିଛି ଯେ, ଯେଉଁ ଲୋକ ପ୍ରେମ କରୁଛନ୍ତି ସେମାନଙ୍କୁ ହସ୍ପିଟାଲର ଚକ୍କର କାଟିବାକୁ ବହୁତ କମ୍ ପଡୁଛି। ହେଲ୍‌ଥୀ ରିଲେସନ୍‌ସିପ୍‌ରେ ରହୁଥିବା ଲୋକଙ୍କ ପାଖରେ ଷ୍ଟ୍ରେସ୍ କମ୍ ରହିଥାଏ। ରିଲେସନ୍‌ସିପ୍‌ରେ ରହୁଥିବା ବ୍ୟକ୍ତିଙ୍କ ଆୟୁଷ ବଢିଥାଏ। ହାର୍ଟକୁ ରଖିଥାଏ ସୁସ୍ଥ- ଯେଉଁ ଲୋକ ପ୍ରେମରେ ବୁଡି ରୁହନ୍ତି ତାଙ୍କ ହାର୍ଟ ବହୁତ ସୁସ୍ଥ ରହିଥାଏ। ଏହା ବ୍ୟତୀତ ବ୍ଲଡ୍ ପ୍ରେସର ବି ନିୟନ୍ତ୍ରଣରେ ରହିଥାଏ। ବୈବାହିକ ଦମ୍ପତ୍ତିଙ୍କ ଠାରେ ଭାସୋପ୍ରସିନ ଏକ ହର୍‌ମୋନ୍ କ୍ଷରିତ ହୋଇଥାଏ। ତାହା ହାଇ ବିପିକୁ କମ୍ କରିବାରେ ସାହାର୍ଯ୍ୟ କରିଥାଏ।

ଫୁସ୍‌ଫୁସ୍ ସୁସ୍ଥ ରହିଥାଏ- ଲଭ୍ ଲାଇଫ୍‌ରେ ଥିବା କପଲ୍ ଫୁସ୍‌ଫୁସ୍ ସମ୍ବନ୍ଧୀୟ ରୋଗଠାରୁ ଲଢିବାରେ ଅଧିକ କ୍ଷମତା ରହିଥାଏ। ସେହିପରି ଅନ୍ୟଲୋକଙ୍କ ତୁଳନାରେ ପ୍ରେମ କରୁଥିବା ଲୋକଙ୍କଠାରେ ନିମୋନିଆ ଭଳି ରୋଗରେ ମୃତ୍ୟୁବରଣ କରିବାର ଭୟ ମଧ୍ୟ କମ୍ ଥାଏ।

ଷ୍ଟ୍ରେସ୍ ଫ୍ରୀ ରୁହନ୍ତି- ଲଭ ଏବଂ ବିବାହ ଭଳି ସୁ-ସଂପର୍କରେ ଥିବା ଲୋକମାନେ ଅଧିକ ଖୁସି ରହିଥାନ୍ତି। ରିପୋର୍ଟ ଅନୁଯାୟୀ ରିଲେସନ୍‌ସିପ୍‌ରେ ରହୁଥିବା ଲୋକଙ୍କଠାରେ ଅକ୍ସିଟନ୍‌ସିନ୍, ଡୋପାମାଇନ୍ ଏବଂ ଭାସୋପ୍ରେସିନ୍ ନାମକ ହରମୋନ୍ କ୍ଷରିତ ହୋଇଥାଏ। ଯାହା ମୁଡ୍‌କୁ ଭଲ ରଖିବାରେ ସାହାଯ୍ୟ କରିଥାଏ ଏହା ସହିତ ପ୍ରେମ କରୁଥିବା ଲୋକ ବହୁତ ପଜେଟିଭ୍ ମଧ୍ୟ ରୁହନ୍ତି।

# ପ୍ରଭାତ ଓ ପୁଅ ସୌଭିକ ବିଶ୍ୱାଳ ପାଇଁ ଚୌଦ୍ୱାର ଆଜି ଗର୍ବିତ

**କଟକ(ସଂପର୍କବାର୍ତ୍ତା):-** ମହାନଦୀବିହାର ନିକଟ ଅନନ୍ତ ଗୋପାଳ ଆଶ୍ରମ ଠାରୁ ମୋ-ବସ୍ ସେବାକୁ ଚୌଦ୍ୱାର କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଆଜିଠାରୁ ଶୁଭାରମ୍ଭ କରିଛନ୍ତି। ଦୀର୍ଘଦିନରୁ ମହାନଦୀ ବିହାର, ପୋତାପୋଖରୀ, ନୂଆବଜାର, ଶିଖରପୁର, ଗଣ୍ଡରପୁର ଆଦି ପୂର୍ବାଞ୍ଚଳରୁ ମୋ ବସ୍ ସେବା ପାଇଁ ଦାବି ହୋଇ ଆସୁଥିବା ବେଳେ ଏଥିପାଇଁ ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ସୌଭିକ୍ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ମଧ୍ୟ ପ୍ରସ୍ତାବ ରଖି ଉଦ୍ୟମ କରି ଆସୁଥିଲେ। ଏଥିପାଇଁ ପୂର୍ବାଞ୍ଚଳବାସୀଙ୍କ ସହ ମହାନଦୀ ବିହାର ଅଞ୍ଚଳ ବାସୀ ଓପୂର୍ବତନ ବିଧାୟକ ଶ୍ରୀ ବିଶ୍ୱାଳ ଓ ଚୌଦ୍ୱାର କଟକର ବିଧାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂଆବଜାର ଛକରୁ ପୋତାପୋଖରୀ କାଳିଆବୋଦା ଶିଖରପୁର ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ ହୋଇଥିବାରୁ ଏହି ବସ୍ ସେବା ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ସକାଳ ୬ ଟା ୨୦ରୁ ସନ୍ଧ୍ୟା୭ ଟା ୪୦ ପର୍ଯ୍ୟନ୍ତ ଲଗାତର ଭାବେ ୧୪ଟି ବସ୍ ମହାନଦୀ ବିହାର ନଦୀକୂଳ ସାହି କାଳିଆ ବୋଦା-ଶିଖରପୁର ଛକ-ଗଣ୍ଡରପୁର ଛକ-ଓମଏପି ଦେଇ ଭୁବନେଶ୍ୱର ଚାଲିବ। ଏହି କାର୍ଯ୍ୟକ୍ରମରେ- ମହାନଦୀ ବିହାର ଉନ୍ନୟନ ପରିଷଦର ସଭାପତି- ରବୀନ୍ଦ୍ର ନାଥ ଶତପଥୀ, ଉପସଭାପତି- ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ପୂର୍ବତନ ସଭାପତି- ଗୋପାଳ କୃଷ୍ଣ ବେହେରା, ସମ୍ପାଦକ- ରମାକାନ୍ତ ଲେଙ୍କା, ନଗର କାର୍ଯ୍ୟକାରୀ ସଭାପତି-ଙ୍ଗ ସୁବ୍ରତ ଘଡ଼ାଇଏ ପୂର୍ବାଞ୍ଚଳ କଲ୍ୟାଣ ସମିତିର ସଭାପତି- ତୁଷାର ରଞ୍ଜନ ଦାସ, ବରିଷ୍ଠ ନାଗରିକ ସଂଘର ସଭାପତି- ରବୀନ୍ଦ୍ର ନାଥ ମହାନ୍ତି, କଟକ ଜିଲ୍ଲା ବ୍ରାହ୍ମଣ ମହାସଭା ସଭାପତି- ପ୍ରମୋଦ ମିଶ୍ର, ୫୪ ନଂ ଓ୍ୱାର୍ଡ଼ର ପୂର୍ବତନ କର୍ପୋରେଟର- ତାପସ ରଞ୍ଜନ ସାମନ୍ତରାୟ, ଜଗନ୍ନାଥ ମନ୍ଦର ମହାନଦୀ ବିବହାରର ସମ୍ପାଦକ- ପ୍ରହ୍ଲାଦ ଚନ୍ଦ୍ର ମହାନ୍ତି, ରାକେଶ ଚନ୍ଦ୍ର ତ୍ରିପାଠୀ, ଜ୍ଞାନ ରଞ୍ଜନ ଦାଶ, ଶ୍ରୀଧର ନାୟକ, ଜଗମୋହନ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତ

**କଟକ(ସଂପର୍କବାର୍ତ୍ତା):-** ଆସନ୍ତା ୧୩ ତାରିଖରେ କଟକ ଯିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଜନାର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସ୍ମାର୍ଟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ କଟକ ବାଲିଯାତ୍ରା ପଡିଆରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଆଗୁଆ ସମୀକ୍ଷା କରିବା ସହ ବାଲିଯାତ୍ରା ପଡିଆ ଅନୁଧ୍ୟାନ କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା। ଅନ୍ୟ ପଟେ ମନ୍ତ୍ରୀ ସମୀକ୍ଷା କରିବା ସମୟରେ ତାଙ୍କ ସହିତ କଟକ ମହାନଗର ନିଗମ କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ ସିଂ, ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ,ସିଏମସି ପୂର୍ବତନ ସ୍ୱାସ୍ଥ୍ୟ କମିଟି ଅଧକ୍ଷ ରଞ୍ଜନ ବିଶ୍ୱାଳ ଏବଂ ଜିଲ୍ଲା ପ୍ରଶସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ କଟକ ଗସ୍ତ ସଫଳ ହେବା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ମାର୍ଟ ହେଲଥ୍ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ୧୦୦ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବ। ଏହା ସହ ସହରରେ ନୂଆ ପ୍ରକଳ୍ପର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି।

RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଡିସେମ୍ବର ୧୩ ରୁ ୧୯, ୨୦୨୧, ଜଗତସିଂହପୁର

December 13 to 19, 2021, Jagatsinghpur

www.samparkabarta.in





# ଦୁର୍ଷ୍କମରେ ଛାତ୍ରୀ ଘାଇଲା, ବାପା ମୁଁ ସ୍କୁଲ୍ ଯିବିନି

## ୪ ନାବାଳିକା ଛାତ୍ରୀଙ୍କୁ ବର୍ଷେ ହେବ ଗଣଦୁର୍ଷ୍କମ କରୁଥିଲେ ୯ ଶିକ୍ଷକ, ଭିଡିଓ ରେକିଡିଂ କରୁଥିଲେ ଶିକ୍ଷୟିତ୍ରୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବାପା ମୁଁ ସ୍କୁଲ୍ ଯିବନି..., ନାବାଳିକା ଝିଅର ଏପରି କରୁଣ ମିନତୀ ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ବାପା। କାହିଁକି ସ୍କୁଲ୍ ଯିବନୀ ଝିଅ, ଏକଥା ପଚାରି ବୁଝିବାରୁ ଝିଅ ଯାହା କହିଥିଲା ତାହା ସବୁ ବାପାଙ୍କ ଗୋଡ ତଳୁ ଯେପରି ମାଟି ଖସିଯାଉଥିଲା। ସବୁଦିନ ସ୍କୁଲ୍‌ର ଚାରିକାନ୍ଥ ଭିତରେ ଝିଅର ଭାଗ୍ୟ ଓ ଭବିଷ୍ୟତକୁ ଦଳିମକଚି ନଷ୍ଟ କରିଦେଉଥିଲେ ଶିକ୍ଷକ। ପାଠ ପଢି ଖେଳି ବୁଲିବା ବୟସରେ ଯୌନ ଶୋଷଣର ଶିକାର ହେଉଥିବା କିଶୋରୀ ଝିଅ। ଜଣେ କି ଦୁଇଜଣ ନୁହେଁ ଚାରି ଜଣ ନବାଳିକା ଛାତ୍ରୀଙ୍କୁ ଏଭଳି ଦୁଷ୍କର୍ମ କରୁଥିଲେ ୯ ଜଣ ଶିକ୍ଷକ। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ନାରୀ ହୋଇ ବି ରାକ୍ଷସୀ ପାଲଟୁଥିଲେ ଶିକ୍ଷୟିତ୍ରୀ। ଗଣଦୁର୍ଷ୍କମ ଭଳି ପାପ ଦୃଶ୍ୟକୁ ଭିଡିଓ ରେକର୍ଡିଂ କରୁଥିଲେ ଶିକ୍ଷୟିତ୍ରୀ। ଏହିଭଳି ହୃଦୟବିଦାରକ ଘଟଣା ଘଟିଛି ରାଜସ୍ଥାନର ଏକ ସରକାରୀ ସ୍କୁଲ୍‌ରେ। ଏହି ସ୍କୁଲ୍‌ରେ ପ୍ରିନ୍ସିପାଲଙ୍କ ସହିତ ମୋଟ ୯ ଜଣ ଶିକ୍ଷୟଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି।

ଘଟଣା ଅନୁସାରେ, ଜଣେ ଛାତ୍ରୀ ସ୍କୁଲ୍ ନ ଯିବାରୁ ତାଙ୍କ ବାପା ଏହାର କାରଣ ପଚାରିଥିଲେ। ଝିଅ ମୁହଁରୁ ସବୁକଥା ଶୁଣିବା ପରେ ପୁରା ଘଟଣା ଉପରୁ ପରଦା ଉଠିଥିଲା। ଛାତ୍ରୀଜଣକ କହିଥିଲେ ଯେ ବର୍ଷେ ହେବ ତାଙ୍କୁ ପ୍ରିନ୍ସିପାଲ୍‌ଙ୍କ ସମେତ ଅନ୍ୟ ଶିକ୍ଷକମାନେ ଗଣଦୁଷ୍କର୍ମ କରିଆସୁଥିଲେ। ଆଉ ଦୁଇ ମହିଳା ଶିକ୍ଷୟିତ୍ରୀ ଏହାର ଭିଡିଓ ସୁଟିଂ କରୁଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ସିବିଇଓ ସରିତା ଯାଦବ ସ୍କୁଲ୍‌ରେ




ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ପରେ ରିପୋର୍ଟ ବନାଯାଇ ଅଧିକାରୀଙ୍କ ପାଖକୁ ପଠାଯିବ ବୋଲି କହିଥିବା ଖବର ପ୍ରକାଶ ପାଇଛି। ୧୦ମ ଶ୍ରେଣୀରେ ପଢୁଥିବା ଜଣେ ପୀଡିତାଙ୍କ ଅଭିଯୋଗ ଅନୁସାରେ ସେମାନଙ୍କ ସହିତ ସ୍କୁଲ୍‌ର ଶିକ୍ଷକମାନେ ଗଣଦୁର୍ଷ୍କମ କରୁଥିବା ବେଳେ ଆଉ ଦୁଇଜଣ ମହିଳା ଶିକ୍ଷୟିତ୍ରୀ ଏହାର ଭିଡିଓ ଉତ୍ତୋଳନ କରୁଥିଲେ। ଶିକ୍ଷକମାନେ ଏତେ ନୃଂସଶ ଓ ଅମାନବୀୟ ପାଲଟିଯାଇଥିଲେ ଯେ ସେମାନେ ୪ର୍ଥ ଓ ୩ୟ ଶ୍ରେଣୀର ଛାତ୍ରୀଙ୍କୁ ମଧ ଛାଡି ନାହାଁନ୍ତି। ଘଟଣାକୁ ନେଇ ଥାନା ଅଧିକାରୀ କହିଛନ୍ତି ଯେ, ନାବାଳିକା ଛାତ୍ରୀମାନଙ୍କ ସଂପର୍କୀୟମାନେ ପ୍ରଧାନ ଶିକ୍ଷକ, ଶିକ୍ଷକଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି। ଜଣେ ପୀଡିତାଙ୍କ ବାପା ଅଭିଯୋଗ କରି କହିଛନ୍ତି ଯେ, ଏଭଳି କାର୍ଯ୍ୟ ବର୍ଷେ ହେବ ସ୍କୁଲ୍‌ରେ ଚାଲିଆସୁଛି। ମଦ ନିଶାରେ ଶିକ୍ଷକମାନେ ଏଭଳି ଗଣଦୁଷ୍କର୍ମ କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଜଣେ ଶିକ୍ଷକ ଅନ୍ୟ ଏକ ସ୍କୁଲ୍‌କୁ ବଦଳି ହୋଇଥିଲେ ମଧ ଏଭଳି କାର୍ଯ୍ୟ କରିବା ପାଇଁ ସ୍କୁଲ୍‌କୁ ଆସୁଥିଲେ ବୋଲି ପୀଡିତାଙ୍କ ବାପା କହିଛନ୍ତି। ଦୁର୍ଷ୍କମ ଓ ନିର୍ଯ୍ୟାତନା ଭାରତରେ ଦିନକୁ ଦିନ ଉଗ୍ରରୂପ ନେବାରେ ଲାଗିଛି। କେବଳ ଅଶିକ୍ଷିତମାନେ ଯେ ଏଭଳି ପାପ କାମରେ ଲିପ୍ତ ରହୁଛନ୍ତି ତାହା ନୁହେଁ, ଉଚ୍ଚ ଶିକ୍ଷିତମାନେ ଏଭଳି ଘୃଣ୍ୟ କାର୍ଯ୍ୟ କରିବାକୁ ପଛାଉନାହାଁନ୍ତି। ଛାତ୍ରୀ ଓ ମହିଳାଙ୍କ ଉପରେ ହେଉଥିବା ଦୁର୍ଷ୍କମ ଓ ନିର୍ଯ୍ୟାତନାକୁ ରୋକିବା ପାଇଁ ସ୍କୁଲ୍ ଓ କଲେଜ୍‌ରେ ଆତ୍ମରକ୍ଷା ଓ ସଚେତନ ବାର୍ତ୍ତା ଦିଆଯାଉଛି। ଏଥିରୁ ବର୍ତ୍ତିବା ପାଇଁ କୌଶଳ ଶିଖା ଯାଉଛି। ହେଲେ ସେହି ସ୍କୁଲରେ ଶିକ୍ଷକମାନେ ଯେ ଏଭଳି କାର୍ଯ୍ୟ କରିବେ ତାହା ଅତ୍ୟନ୍ତ ନିନ୍ଦନୀୟ।

# ଶ୍ରୀମନ୍ଦିରରେ ନାବାଳକକୁ ସେବାୟତଙ୍କ ଯୌନ ନିର୍ଯାତନା

**ପୁରୀ(ସଂପର୍କବାର୍ତ୍ତା):-** ପୁରୀ ଶ୍ରୀମନ୍ଦିରରେ ଜଣେ ନାବାଳକକୁ ଯୌନ ନିର୍ଯାତନା ଅଭିଯୋଗ ହୋଇଛି। ଏ ନେଇ ଜଣେ ସେବାୟତ ଅନ୍ୟଜଣେ ବରିଷ୍ଠ ସେବାୟତଙ୍କ ବିରୁଦ୍ଧରେ ଏଭଳି ଅଭିଯୋଗ ଆଣିଛନ୍ତି। ତାଙ୍କ ନାବାଳକ ପୁଅକୁ ବରିଷ୍ଠ ସେବାୟକ ଜଣକ ଯୌନ ନିର୍ଯ୍ୟାତନା ଦେଇ ଆସୁଥିବା ସିଂହଦ୍ୱାରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶ୍ରୀ ମନ୍ଦିର ପ୍ରଶାସନ ସହିତ ନିଯୋଗ ଏବଂ ଏସ୍‌ପିଙ୍କୁ ଏ ନେଇ ଅବଗତ କରିଛନ୍ତି। ଜଣେ ସେବାୟତଙ୍କ ଅଭିଯୋଗ ହେଉଛି କି ସେ ଦୃଷ୍ଟିହୀନ ଅଟନ୍ତି। ଏଣୁ ନାବାଳକ ପୁଅ ତାଙ୍କୁ ସର୍ବଦା ଶ୍ରୀମନ୍ଦିରକୁ ନେବାଆଣିବା କରେ, ନାବାଳକ ପୁଅ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପାଳି ଖଟୁଥିବା ବେଳେ ସେ ନିର୍ମାଲ୍ୟ ଖଳାରେ କାମ କରନ୍ତି। ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶୁଖିଲା ମହାପ୍ରସାଦ ପ୍ରସ୍ତୁତ କରନ୍ତି। ଦୁଇ ମାସ ତଳେ ନାବାଳକ ପୁଅ ଭୁବନେଶ୍ୱରୀ ମନ୍ଦିରରେ ଦର୍ଶନ କରୁଥିବା ବେଳେ ଲକ୍ଷ୍ମୀ ମନ୍ଦିର ସେବାୟତ ହରଶଣ୍ଡି ସାହିର ଲକ୍ଷ୍ମୀନାରାୟଣ ଖୁଣ୍ଟିଆ ତାଙ୍କୁ ଯୌନ ନିର୍ଯ୍ୟାତନା ଦେଇଥିଲେ। ପ୍ରତିବାଦ କରିବାରୁ ଧମକ ଦେଇଥିଲେ। ତୁ ମୋ ସହ ହୋଟେଲ୍ ଯିବୁ, ନ ହେଲେ ତୋତେ ମନ୍ଦିର ଭିତରେ ମାଡ ମାରିବି ବୋଲି ଧମକାଇଥିଲେ। ଭୟଭିତ ହୋଇ ପୁଅ ସେଠାରୁ ଯାଇ ଲକ୍ଷ୍ମୀଙ୍କ ମନ୍ଦିରରେ ଦର୍ଶନ କରୁଥିବା ସମୟରେ ପୁନର୍ବାର ସେବାୟତ ଲକ୍ଷ୍ମୀ ନାରାୟଣ ଅସଦାଚରଣ



କରିଥିଲେ। ପୁଅ କାନ୍ଦି କାନ୍ଦି ପଳାଇ ଆସିଥିଲା। ଏହି ସମୟରେ ଲକ୍ଷ୍ମୀନାରାୟଣ କାହାକୁ କହିଲେ ଶ୍ରୀ ମନ୍ଦିରରେ ପଶି ପାରୁବୁନି, ମାଡ ମାରିବି ବୋଲି ଧମକ ଦେଇଥିଲେ। ତାଙ୍କ କଥା ମାନିବାକୁ ବାଧ କରିଥିଲେ। ସେହି ଦିନ ଠାରୁ ପୁଅ ଶାରୀରିକ ଓ ମାନସିକ ଯନ୍ତ୍ରଣା ପାଇଆସୁଛି। ଜଣେ ଦୃଷ୍ଟିହୀନ ସେବାୟତ ହୋଇଥିବାରୁ ସେ ନ୍ୟାୟ ଦାବି କରିଛନ୍ତି। ଶ୍ରୀ ମନ୍ଦିର ଭଳି ପବିତ୍ର ସ୍ଥାନରେ ଏଭଳି କାର୍ଯ୍ୟକୁ ସେ ଦୃଢ ନିନ୍ଦା କରିବା ସହ ନିଜ ପରିବାରର ସୁରକ୍ଷା ଲୋଡିଛନ୍ତି। ତଦନ୍ତରେ ସେ ସଂପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି। ପୋଲିସ୍ ବି ଚାହିଁଲେ ପୁଅର ବୟାନ ରେକର୍ଡ କରିପାରିବେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସିଂହଦ୍ୱାରା ଥାନା ଅଧିକାରୀ ସୁନିଲ୍ କୁମାର ପ୍ରଧାନ କହିଛନ୍ତି ଯେ ଏ ସଂପର୍କରେ ଥାନାରେ ଅଭିଯୋଗ ହୋଇଛି। ଶ୍ରୀ ମନ୍ଦିର ଭଳି ପବିତ୍ର ସ୍ଥାନରେ ଏଭଳି କୁକର୍ମକୁ ସେ ଦୃଢ ନିନ୍ଦା କରିବା ସହ ପୁଅର ସୁରକ୍ଷା ଲୋଡିଛନ୍ତି। ତେଣୁ ଅଭିଯୋଗ ଆଧାରରେ ଶ୍ରୀମନ୍ଦିର ଯାଇ ତଦନ୍ତ ଆରମ୍ଭ କରିଛନ୍ତି ସିଂହଦ୍ୱାରା ଥାନା ଅଧିକାରୀ ଶ୍ରୀ ପ୍ରଧାନ। ତଦନ୍ତ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ହେବ ବୋଲି ସୂଚନା ଦେଇଛନ୍ତି। ମାସକ ତଳେ ମଧ ଶ୍ରୀମନ୍ଦିର ଭିତରେ ଜଣେ ନାବାଳିକାକୁ ଅସଦାଚରଣ ଅଭିଯୋଗ ହୋଇଥିଲା। ସିଂହଦ୍ୱାରା ଥାନା ଅଧିକାରୀ ଶ୍ରୀ ପ୍ରଧାନଙ୍କୁ ଜଗନ୍ନାଥ ମହାପ୍ରଭୁ ସାହାର୍ଯ୍ୟ କରନ୍ତୁ ଯେପରି ମୋ ନାବାଳକ ପୁଅଟିକୁ ନ୍ୟାୟ ମିଳୁ ବୋଲି ନାବାଳକର ପିତା ଏଭଳି ଠାକୁରଙ୍କୁ ଜଣାଉଥିବା ଶୁଣାଯାଉଛି।

# ପାରାଦ୍ୱୀପ:'ସାଇକୃପା କନ୍‌ଷ୍ଟ୍ରକସନ୍' ଆକାଉଣ୍ଟାଣ୍ଟ ଫେରାର

**ପାରାଦୀପ(ସଂପର୍କବାର୍ତ୍ତା):-** ପାରାଦୀପର ସାଇକୃପା କନ୍‌ଷ୍ଟ୍ରକସନ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଧରି ସଂସ୍ଥାରେ ଆକାଉଣ୍ଟାଣ୍ଟ ଫେରାର ହୋଇଯିବା ନେଇ ପାରଦୀପ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ,ପାରାଦୀପର ସାଇକୃପା କନ୍‌ଷ୍ଟ୍ରକସନ୍‌ରେ ପ୍ରାୟ ୭ବର୍ଷ ଧରି ସଂସ୍ଥାର ହିସାବ ନିରୀକ୍ଷକ ଭାବେ କାମ କରୁଥିଲେ ବିଶ୍ୱଜିତ ବଳ। ପାରାଦୀପ ସିଏଚ୍ କଲୋନୀରେ ରହୁଥିବା ବେଣୁ ବଳଙ୍କ ପୁଅ ବିଶ୍ୱଜିତ୍ ଏହି ଠିକା ସଂସ୍ଥାରେ କାମ କରିବା ସହ ସଂସ୍ଥା ଅଧିନରେ ବିଭିନ୍ନ ସପ୍ଲାୟ କାମରେ ନିୟୋଜିତ ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କ ଦେୟ ପ୍ରଦାନ କରିଥାନ୍ତି। ସଂସ୍ଥାର ସମସ୍ତ ଆର୍ଥିକ କାରବାର ନଗଦ, ଚେକ୍ ଆଦି ବିଶ୍ୱଜିତ୍ ପ୍ରଦାନ କରୁଥିଲେ। ବାଲି, ଗୋଡି, ଗାଡି, ମେସିନ୍ ଆଦି ବିଭିନ୍ନ ବ୍ୟକ୍ତିମାନେ ଏହି ସଂସ୍ଥା ଅଧିନରେ ନିୟୋଜିତ କରିଥାନ୍ତି। ସେମାନଙ୍କର ଦେୟ ବାବଦରେ ଥିବା ରେଜିଷ୍ଟର, ତଥା ଅନ୍ୟ ରେଜିଷ୍ଟର ଗୁଡିକ ନେଇ ବିଶ୍ୱଜିତ୍ କେଉଁ ଆଡେ ଫେରାର ହୋଇଯାଇଥିବା ନେଇ ସଂସ୍ଥାର ମୁଖ୍ୟ ରାକେଶ କୁମାର ପଟ୍ଟନାୟକ ଗତ ୨୨ ତାରିଖରେ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଏପରିକି ଆକାଉଣ୍ଟାଣ୍ଟ ଶ୍ରୀ ବଳ କମ୍ପ୍ୟୁଟରରେ ଥିବା ହିସାବ ଗୁଡିକୁ ମଧ ଉଡେଇ ଦେଇଥିବା ନେଇ ଶ୍ରୀ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଭିନ୍ନ ସାମଗ୍ରୀର ରୟାଲଟି ଅର୍ଥ ଭରଣା ନକରି ସେ ଗୁଡିକୁ ବିଶ୍ୱଜିତ୍ ନକଲି ଚାଲଣ ଦେଇ ଅର୍ଥ ହରିଲୁଟ୍ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଶ୍ରୀ ପଟ୍ଟନାୟକ କରିଛନ୍ତି। ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ଅର୍ଥାତ୍ ଫେବୃୟାରୀ ମାସରୁ ସମସ୍ତ ହିସାବ ଖାତା ଓ କମ୍ପ୍ୟୁଟରରେ ଡାଟା ଉପଲବ୍ଧ ଥିବା ବେଳେ ଏହାପୂର୍ବରେ ୫ ବର୍ଷର କୌଣସି ତଥ୍ୟ ନମିଳିବା ସଂସ୍ଥା ପାଇଁ ଚିନ୍ତା ବଢାଇ ଦେଇଛି। ଏନେଇ ଶ୍ରୀ ପଟ୍ଟନାୟକ ଶ୍ରୀ ବଳଙ୍କୁ ଯୋଗାଯୋଗ କରିବା ପରେ ସେ ଓ ତାଙ୍କ ସମ୍ପର୍କୀୟଙ୍କ ସହ ସଂସ୍ଥାର କାର୍ଯ୍ୟାଳୟକୁ ଆସି ସମସ୍ତ କାଗଜପତ୍ର ଫେରାଇ ଦେବାର ପ୍ରତିଶୃତି ଦେବା ପରେ ଆଉ ତାଙ୍କ ମୋବାଇଲ୍ ଅନ୍ ନଥିବାରୁ ସଂସ୍ଥା ଚଳେଇବାରେ ନାନା ଅସୁବିଧା ସୃଷ୍ଟି ହୋଇଥିବା ନେଇ ଶ୍ରୀ ପଟ୍ଟନାୟକ କହିଛନ୍ତି। ଏସମ୍ପର୍କରେ ପାରାଦୀପ ପୋଲିସ୍ ବିଶ୍ୱଜିତ୍‌ଙ୍କୁ ନିଖୋଜ ଥିବା ନେଇ କହିଥିବା ସେ କହିଛନ୍ତି। ଏସଂମ୍ପର୍କରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ତାଙ୍କ ସଂସ୍ଥାର ହିସାବ ଖାତା ଓ ଫେରିପାଇବାକୁ ସେ ଅନୁରୋଧ କରିଥିବା କହିଛନ୍ତି। ଏହି ସଂସ୍ଥା ମାଧ୍ୟମରେ ବାର୍ଷିକ କୋଟି କୋଟି ଟଙ୍କାର କାରବାର ହୋଇଥାଏ। ହିସାବ ଖାତା ଓ କମ୍ପ୍ୟୁଟର ଡାଟା ନଥିବାରୁ ବିଭିନ୍ନ ସପ୍ଲାୟର୍ସମାନଙ୍କୁ ପେମେଣ୍ଟ କରିବାରେ ବହୁ ଅସୁବିଧା ହେଉଥିବା ନେଇ ଶ୍ରୀ ପଟ୍ଟନାୟକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ନେଇ ସୂଚନା ଦେଇଛନ୍ତି।

# କଟକ:ଭଡ଼ାଘରେ ଚାଲିଛି ଦେହ ବ୍ୟବସାୟ

**କଟକ(ସଂପର୍କବାର୍ତ୍ତା):-** ସହର ଉପକଣ୍ଠ ଅଞ୍ଚଳରେ ଭଡ଼ାଘରେ ଏବେ ଚାଲିଛି ଅର୍ଥନୈତିକ କାରବାର। ପୁଲିସ ଚଢ଼ଉ ଭୟରେ ଦଲାଲମାନେ ସହର ଉପକଣ୍ଠ ଅଞ୍ଚଳକୁ ସୁରକ୍ଷିତ ସ୍ଥାନ ଭାବେ ବାଛି ନେଇଛନ୍ତି। ରାଜ୍ୟ ବାହାର ଯୁବତୀଙ୍କୁ ଦେହ ବ୍ୟବସାୟରେ ନିୟୋଜିତ କରୁଛନ୍ତି। ଭଲ ଚାକିରି ଓ ମାସିକ ମୋଟା ଅଙ୍କ ଦରମାର ପ୍ରଲୋଭନ ଦେଖାଇ ଯୁବତୀଙ୍କୁ କଲିକତାରୁ କଟକ ଆଣିବରେ ସଫଳ ହେଉଛନ୍ତି। ଧରାପଡ଼ିଯିବା ଆଶଙ୍କା ଅଧିକ ରହିଥିବାରୁ ଯୁବତୀଙ୍କୁ ଗୋଟିଏ ସ୍ଥାନରେ ରଖାଯିବା ପରିବର୍ତ୍ତେ ମର୍କତନଗର, ମଧୁପାଟଣା, ଜଗତପୁର ଓ ସଦରଥାନା ଅଞ୍ଚଳରେ ଭଡ଼ା ଘରେ ରଖାଯାଉଛି। ଗ୍ରାହକଙ୍କ କହିବା ଅନୁସାରେ ଦଲାଲମାନେ ଉକ୍ତ ଯୁବତୀଙ୍କୁ ନେଇ ବିଭିନ୍ନ ହୋଟେଲ ଓ ଲଜରେ ଛାଡୁଛନ୍ତି। ବଦଳରେ ସେମାନେ ଗ୍ରାହକ ପିଛା ମୋଟା ଅଙ୍କର କମିଶନ ନେଇ ଯୁବତୀଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦେଉଛନ୍ତି। ଦୀର୍ଘଦିନ ଧରି ଏଭଳି ଅନୈତିକ କାରବାର ସହରରେ ଚାଲିଥିଲା। ୨୦୨୦ ଅଗଷ୍ଟରେ ବିଦ୍ୟାଧରପୁଠାରେ ଏକ ସେକ୍ସ ରାକେଟ ଠାବ ହୋଇଥିଲା। ସେଠାରେ ଲୋକଙ୍କ ଦୃଷ୍ଟି ଆଢୁଆଳରେ ପରିବା ଦୋକାନକୁ ଢାଲ କରି ଦେହ ବ୍ୟବସାୟ ଚାଲିଥିଲା। ଚୌଦ୍ୱାର ଅଞ୍ଚଳର ଶିବ ସାମଲ ଏକ ଦୁଇମହଲା ଘରର ତଳେ ପରିବା ଦୋକାନ କରିଥିଲାବେଳେ ଉପର ମହଲାରେ ଯୁବତୀଙ୍କୁ ରଖି ଅନୈତିକ କାର୍ଯ୍ୟ ଚଳାଇଥିଲା।

ଗତବର୍ଷ ତାଲାବନ୍ଦ ସମୟରେ କଲେଜ ଛକସ୍ଥିତ ଏକ ହୋଟେଲ ଓ ବାଦାମବାଡ଼ି ଥାନା ଅନ୍ତର୍ଗତ ଶଙ୍କରପୁର ଦାସ ସାହିରୁ ସେକ୍ସ ରାକେଟ ଠାବ କରାଯାଇଥିଲା। ଧରାପଡ଼ିଥିବା ଅଭିଯୁକ୍ତଙ୍କୁ ଜେରା କରାଯିବା ପରେ ନୂଆ ନୂଆ ତଥ୍ୟ ପୁଲିସ ହାତରେ ଲାଗିଥିଲା। ଅନଲାଇନ ଦେହ ବ୍ୟବସାୟକୁ ଭଲ ସୁହାଇଛି। ଏଥିପାଇଁ ଦଲାଲମାନଙ୍କ ନିର୍ଦ୍ଦିଷ୍ଟ ହ୍ୱାଟସଆପ ଗ୍ରୁପ ରହିଛି। ଉକ୍ତ ଗ୍ରୁପରେ କେବଳ ପରିଚିତ ତଥା ସମ୍ଭ୍ରାନ୍ତ ଶ୍ରେଣୀୟ ନିୟମିତ ଗ୍ରାହକ ଯୋଡ଼ି ହେଉଛନ୍ତି। ନୂଆ ଯୁବତୀ ଆସିଲେ ଦଲାଲ ଶକ ଉକ୍ତ ଯୁବତୀଙ୍କ ଫଟୋ ସହ ତଥ୍ୟ ଉକ୍ତ ଗ୍ରୁପରେ ଅପଲୋଡ଼ କରିଦେଇଥାଏ। ଯେଉଁ ଗ୍ରାହକ ଇଚ୍ଛା ପ୍ରକାଶ କରନ୍ତି, ସେମାନଙ୍କଠାରୁ ଅଗ୍ରିମ ଅର୍ଥ



ଅନଲାଇନ୍ ମଧ୍ୟରେ ନିଆଯାଇଥାଏ। କଲେଜଛକ ଘଟଣାରେ ଏହି ବିଷୟ ଜଣାପଡ଼ିଥିଲଶ। ସବୁଠାରୁ ଗୁରତ୍ତ୍ୱବପୂର୍ଣ୍ଣ ବିଷୟ ହେଲା କି କଟକର ଏକାଧିକ ସ୍ଥାନରେ ଅଣଓଡ଼ିଆ ଯୁବତୀ ଭଡ଼ା ନେଇ ରହୁଛନ୍ତି। ସେମାନଙ୍କ ମଧ ୮୦ ପ୍ରତିଶତ ହେଉଛନ୍ତି ବଙ୍ଗୀୟ। ସୁନ୍ଦର ଚେହେରା ସାଙ୍ଗକୁ ଆଧୁନିକ ବେଶଭୂଷା ପରିଧାନ କରିଥିବା ଏହି ଯୁବତୀଙ୍କ ମଧ୍ୟରେ ଅନେକ ଘୃଣ୍ୟ କାର୍ଯ୍ୟରେ ଲିପ୍ତ ଅଛନ୍ତି। ଅନ୍ୟପକ୍ଷରେ ରାଜଧାନୀରୁ ବାରମ୍ବାର ସେକ୍ସ ର୍‍ୟାକେଟ୍ ଠାବ ହେବା ସହିତ ଦଲାଲ ଓ ଗ୍ରାହକଙ୍କୁ ଜେଲ ପଠାଇ ଦିଆଯାଇଛି। ଏଭଳି ପରିସ୍ଥିତିରେ ଭୁବନେଶ୍ୱର ବିପଦ ହୋଇଥିବାରୁ କଟକକୁ ନିରାପଦ ସ୍ଥାନ ଭାବେ ବାଛିଛନ୍ତି ଦଲାଲମାନେ। ଏଭଳି ଘଟଣାରେ ଧରାପଡ଼ି ସୁଧାର ଗୃହରୁ ଫେରିଥିବା ଯୁବତୀଙ୍କୁ ଆଣି ପୁନଃଚ ଘୃଣ୍ୟ କାର୍ଯ୍ୟରେ ଲଗାଯାଉଛି ଏହି କାର୍ଯ୍ୟପାଇଁ ସହରରେ କିଛି ନିର୍ଦ୍ଦିଷ୍ଟ ହୋଟେଲ ଓ ଲଜ୍ ରହଛି। ଅଜଣା ବ୍ୟକ୍ତିଙ୍କ ନାମରେ କେତୋଟି ପ୍ରକୋଷ୍ଠ ସଂରକ୍ଷିତ ରହୁଛି। ଗ୍ରାହକ ଯେଗାଡ଼ ହେବାପରେ ତାଙ୍କୁ ରୁମ୍ ନମ୍ବର କୁହାଯାଇଥାଏ। ଗଲା ଜୁନରେ କଲେଜ ଛକ ସ୍ଥିତ ଏକ ହୋଟେଲରେ ଏଭଳି କାରନାମା ଧରାପଡ଼ିଥିଲା। ଦଲାଲ ଓ ହୋଟେଲ କର୍ମଚାରୀଙ୍କ ଭିତରେ ଏମିତି ଅନୁବନ୍ଧିତ ରହିଛି ଯେ, ଗ୍ରାହକଙ୍କୁ ସେଠାରେ ଆଧାର କାର୍ଡ଼ ଦେଖାଇବାକୁ ପଡୁନାହିଁ। ଏପରିକି ହୋଟେଲର ରେଜିଷ୍ଟରରେ ମଧ ସେମାନଙ୍କ ନାମ ରହୁନାହିଁ।

ଏପଟେ ସହରରେ ଅଶ୍ଳୀଳ ଆରୋପରେ କିଛି ଅଣ ଓଡ଼ିଆ ଯୁବତୀ ଓ ମହିଳାଙ୍କ ଉତ୍ପାତ ଘଟଣା ସାମ୍ନାକୁ ଆସିଛି। ଭଦ୍ର ଭଳି ଦେଖାଯାଉଥିବା ଏହି ଯୁବତୀ ଓ ମହିଳାମାନେ ବସଷ୍ଟାଣ୍ଡ, ରେଳଷ୍ଟେସନ ଭଳି ଗହଳି ସ୍ଥାନରେ ବୁଲାବୁଲି କରୁଛନ୍ତି। କେହି ସରଳ ଯୁବକ କିମ୍ବା ବ୍ୟକ୍ତି ସେମାନଙ୍କ ନଜର ପଡ଼ିଲେଏ ତାଙ୍କୁ ନିଜ ଜାଲରେ ଫସାଉଛନ୍ତି। ପ୍ରଥମେ ଗପସପ କର ନିଜ ଆଡ଼କୁ ଆକର୍ଷିତ କରୁଛନ୍ତି। ବ୍ୟକ୍ତି ଜଣକ ଯଦି ମହିଳାଙ୍କ ନିକଟରେ ହେବାକୁ ଚେଷ୍ଟା କରେ, ତେବେ ସେହିଠାରେ ତାଙ୍କୁ ବ୍ଲାକେମଲ କରାଯାଉଛି। ଅଶ୍ଳୀଳ ବ୍ୟବହାରରେ ମିଥ୍ୟା ଆରୋପ ଲାଗଇ ନରୀହ ବ୍ୟକ୍ତିଙ୍କଠାରୁ ଜବରଦସ୍ତ ଟଙ୍କା ଦାବି କରଉଛନ୍ତି। ଏ ସବୁକୁ ଦୃଷ୍ଟିରେ ଦେଖିଲେ ସହରରେ ଏବେ ବିଭିନ୍ନପ୍ରକାର ଅର୍ଥନିତିକ କାର୍ଯ୍ର ବେଧଡକରେ ଚାଲିଥିବା ସ୍ପଷ୍ଟ ହୋଇଛି।

# ଯେଉଁଠି କନିଷ୍ଠ ସେଇଠି ସହକାରୀ

**କଟକ(ସଂପର୍କବାର୍ତ୍ତା):-** ବ୍ଲକରେ ଯନ୍ତ୍ରୀଙ୍କର କୌଣସି ବଦଳି ନୀତି ନାହିଁ। ଜିଲ୍ଲା ପ୍ରଶାସନ ଅଧିକାରୀଙ୍କ ଏଭଳି ଉତ୍ତର ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏହି କାରଣରୁ ଗୋଟିଏ ଗୋଟିଏ ବ୍ଲକରେ ବର୍ଷବର୍ଷ ଧରି ଯନ୍ତ୍ରୀ ଗାଦି ମାଡ଼ି ବସିଥିବା ବେଳେ କନିଷ୍ଠ ଯନ୍ତ୍ରରୁ ସହକାରୀ ଯନ୍ତ୍ରୀ ହୋଇ ବି ସେହିଠାରେ କାର୍ଯ୍ୟ କରୁଛନ୍ତି। ପ୍ରଶସନିକ ଅଧିକାରୀମାନଙ୍କର ବଦଳି ହାରାହାରି ଭାବେ ୩ ବର୍ଷରେ ହେଉଥିବାବେଳେ ଯନ୍ତ୍ରଙ୍କ କ୍ଷେତ୍ରରେ ସେଭଳି ନୀତି କାହିଁକି ଲାଗି କରାଯାଉ ନାହିଁ ବୋଲି ପ୍ରଶ୍ନ ଉଠୁଛି।

ପ୍ରାୟ ୬ ବର୍ଷ ହେଲା ନିଶ୍ଚିନ୍ତକୋଇଲି ବ୍ଲକରେ ପି.କେ. ସାହୁ ସହକାରୀ ଯନ୍ତ୍ରୀଭାବେ କାର୍ଯ୍ୟ କରୁଛନ୍ତି। ୨୦୧୫-୧୬ରୁ ସେ ସେଠାରେ ରହି ଆସିଛନ୍ତି। ନିଆଳି ବ୍ଲକରେ ମଧ ସମାନ ସ୍ଥିତି। ସେଠାରେ କନିଷ୍ଠ ଯନ୍ତ୍ରୀ ଭାବେ ବସନ୍ତ କୁମାର ରାଉତ ୨୦୧୨ ରୁ କାମ ଆରମ୍ଭ କରି ଏବେ ସରକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇ ସେଠାରେ କାର୍ଯ୍ୟ କରୁଛନ୍ତି। ନିଆଳିରେ ଚାକିରି କାଳ ଭିତରେ ମାତ୍ର ୩ ମାସ ପାଇଁ ଅନ୍ୟତ୍ର ଯାଇ ପୁଣି ଫେରି ଆସିଥିଲେ।

କଟକ ସଦର ବ୍ଲକରେ କନିଷ୍ଠ ଯନ୍ତ୍ରୀ ଥିବା ବିକାଶ କୁମାର ଭୂୟାଁ ଏବେ ପଦୋନ୍ନତି ପାଇ ସହକାରୀ ଯନ୍ତ୍ରୀ ଭାବେ ବି ସେଠାରେ କାର୍ଯ୍ୟ କରୁଛନ୍ତି। ଶ୍ରୀ ଭୂୟାଁ ସଦର ବ୍ଲକରେ ରହିଲେଣି ୫ ବର୍ଷରୁ ଅଧିକ। ୨୦୧୭ରେ ତମପଡ଼ା ବ୍ଲକରେ କନିଷ୍ଠ ଯନ୍ତ୍ର ଥିବା ପ୍ରଭାତ କୁମାର ରାଉତ ୨୦୧୯ରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇ ସେହି ବ୍ଲକରେ କାର୍ଯ୍ୟ କରୁଛନ୍ତି। ବଡ଼ମ୍ବା ବ୍ଲକରେ ଅନେକ ବର୍ଷ ଧରି କନିଷ୍ଠ ଯନ୍ତ୍ରୀ ଥିବା ଅଶୋକ ଦାଶ ସହକାରୀ ଯନ୍ତ୍ରଭୀବେ ପଦୋନ୍ନତି ପାଇ ସେହି ବ୍ଲକରେ କାର୍ଯ୍ୟ କରୁଛନ୍ତି। ଟାଙ୍ଗୀ ବ୍ଲକରେ ଶୈଳେନ୍ଦ୍ର ନାରାୟଣ ଜେନା କନିଷ୍ଠ ଯନ୍ତ୍ରୀ ଥିବାବେଳେ ପଦୋନ୍ନତି ପାଇ ସହକାରୀ ଯନ୍ତ୍ରୀଭାବେ ସେଠାରେ ଦେଢ଼ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। କଟକ ଜିଲ୍ଲାରେ ଦୁଇ, ତିନିଟି ବ୍ଲକ ଛାଡ଼ି ଦେଲେ ଅଧିକାଂଶ ବ୍ଲକରେ ଏଭଳି ସ୍ଥିତି। ଯନ୍ତ୍ରୀ ଗାଦି ମାଡ଼ି ବର୍ଷ ଧରି କାର୍ଯ୍ୟ କରିବା ଯୋଗୁଁ ବିଭିନ୍ନ ଯୋଜନାରେ ଦୁର୍ନୀତିକୁ ପ୍ରୋତ୍ସାହନ ମିଳୁଥିବା ଅଭିଯୋଗ ହେଉଛି। କଟକ ଜିଲ୍ଲା ପିଡ଼ି ଡିଆରଡିଏ ଅମ୍ବର କର କିନ୍ତୁ କହିଛନ୍ତି ଯେ ଏ କ୍ଷେତ୍ରରେ ବଦଳି ନୀତି ନାହିଁ। ତେଣୁ ଯେଉଁଠି ଯିଏ କନିଷ୍ଠ ଯନ୍ତ୍ରୀ ଥିଲେ ସେମାନଙ୍କୁ ସେହି ବ୍ଲକରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ଦିଆଯାଇଛି। ସରକାରଙ୍କୁ ସବୁ ଅଧିକାରୀ ସ୍ତରରେ ସ୍ପଷ୍ଟ ବଦଳି ନୀତି ଥିବା ବେଳେ ବ୍ଲକ୍ ଯନ୍ତ୍ରୀଙ୍କ କ୍ଷେତ୍ରରେ ବଦଳି ନୀତି କେମିତି ନାହିଁ ବୋଲି ଏବେ ପ୍ରଶ୍ନ ଉଠୁଛି।

# କାଜୁନିଗମ ଅଧ୍ୟକ୍ଷ ଅମରେନ୍ଦ୍ରଙ୍କ ମାନବିକତା

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଥାନା ଅଧିନ ନୂଆପୋଲ(ଗ୍ରନ୍ଦଗଡ)ନିକଟରେ ଗତକାଲି ରାତିରେ ସଡକ ଦୁର୍ଘଟଣାର ଶିକାର ହୋଇ ମୁମୁର୍ଷ ଅବସ୍ଥାରେ ପଡି ରହିଥିଲେ ଜାହାନପୁର ପଞ୍ଚାୟତ ନଚ୍ଛିପୁର ଗ୍ରାମର ଦୁଇଜଣ ଯୁବକ। ସେମାନେ ହେଲେ ସୌମ୍ୟରଂଜନ ସାହୁ,ପ୍ରଦୋଷ ରଞ୍ଜନ ବିଶ୍ୱାଳ। ସେହି ବାଟଦେଇ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯାଉଥିବା ସମୟରେ ଦୁର୍ଘଟଣାରେ ଛଟପଟ ହେଉଥିବା ଯୁବକ ଦ୍ୱୟଙ୍କୁ ଦେଖି ତତ୍‌କ୍ଷଣାତ୍ ସଦର ପୋଲିସ କୁ ଖବର ଦେବା ସହିତ ଆମ୍ବୁଲାନ୍ସକୁ ଫୋନ କରିଥିଲେ ଓ କିପରିଅନ୍ୟ ଗାଡି ମଟର ସେହି ପିଲାଙ୍କର କ୍ଷତି ଆଉ ନକରିବ ସେଥିପାଇଁ ତାଙ୍କ ଚତୁଃପାର୍ଶ୍ୱରେ ଘେରି ହୋଇ ରହିଥିଲେ।ଏହା ପରେ ଜଗତସିଂହପୁର ଥାନା ଅଧିକାରୀପହଞ୍ଚି ଥିଲେ ଓ ପରେ ତାଙ୍କ ଗାଡିରେ ଯୁବକ ଦ୍ୱୟଙ୍କୁ ଜଗତସିଂହପୁର ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ନେଇଥିଲେ। ସୂଚନା ଅନୁସାରେ ଆହତ



ଯୁବକଙ୍କ କହିବା ମୁତାବକ ସେମାନେ ନିଜ ଘର ଜାହାନପୁରକୁ ବିବାହ ପାଇଁ ଫୁଲ ନେଇ ଯାଉଥିବା ସମୟରେ କଟକ ଆଡୁ ଆସୁଥିବା ଏକ ବାଇକ ଦ୍ରୁତ ଗତିରେ ଆସି ତାଙ୍କୁ ସାମ୍ନାପଟୁ ଧକାଦେଇଥିଲା। ପରେ ନିଗମ ଅଧ୍ୟକ୍ଷ ଜଗତସିଂହପୁର ଚିକିତ୍ସାଳୟରେ ପହଞ୍ଚି ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରାଇ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ।

ତେବେ ରାଜ୍ୟ କାଜୁ ନିଗମ ।ଧ୍ୟକ୍ଷ ।ମରେନ୍ଦ୍ର ଦାସଙ୍କ ଏଭଳି ମହାନତା କାର୍ଯ୍ୟକୁ ସାଧାରଣରେ ପ୍ରଶଂସସା କରିବା ସହ ସେ ଏକ ଉଦାହରଣ ପାଲଟିଛନ୍ତି କହିଛନ୍ତି।

# ତରଡାପଡା ଟାଇମ୍ସ ଗୁରୁକୁଳରେ ଅଭିବାବକଙ୍କ ବୈଠକ



ଜଗତସିଂହପୁର:ଜଗତସିଂହପୁର ତରଡାପଡା ସ୍ଥିତ ଟାଇମ୍ସ ଗୁରୁକୁଳରେ ଶିକ୍ଷକ ଅଭିଭାବକ ମାନଙ୍କର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଟାଇମ୍ସ ଗୁରୁକୁଳର ଅଧକ୍ଷା ସୌଦାମିନୀ ସାହୁ ଅଧକ୍ଷତା କରି ବୈଠକର ଆଭିମୁଖ୍ୟ ସଂପର୍କରେ ସୂଚନା ଦେଇ କରୋନା ପରବର୍ତ୍ତି କାଳରେ ଶିକ୍ଷାର ଧାରାକୁ ଶିକ୍ଷକ ମାନଙ୍କୁ ଫେରାଇଆଣିବା ପାଇଁ ଉଭୟ ଶିକ୍ଷକ ଓ ଅଭିବାବକ ମାନଙ୍କର ଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ଟାଇମ୍ସ ଗୁରୁକୁଳ ର ଭିତ୍ତିଭୂମୀ ,ଶିକ୍ଷକ ଓ କର୍ମଚାରୀ ମାନଙ୍କର କର୍ତ୍ତବ୍ୟ ନିଷ୍ଠା ଓ ଗୁରୁକୁଳ ଭିତ୍ତିଭୁମୀର ଉଚ୍ଚ ପ୍ରଶଂସା କରିଥିଲେ। ଶିକ୍ଷକ ପ୍ରତୀକ ଜେନା ,ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁ,ଲକ୍ଷ୍ମୀପ୍ରିୟା ଗୋଛାୟତ,କନକ ମୁଦୁଲି ଆଲୋଚନାରେ ଅଂଶଗ୍ରହଣ କରି ଥିଲେ। ଅଭିବାବକ ମାନଙ୍କ ମଧ୍ୟରୁ ଆଲୋକ ମହାପାତ୍ର,ଓ ଦିଲ୍ଲିପ କୁମାର ସ୍ୱାଇଁ,ଗଠନମୁଳକ ପରାମର୍ଶ ଦେବା ସହ ଟାଇମ୍ସ ଗୁରୁକୁଳର ଶୈକ୍ଷିକ ମାନ ଉଚ୍ଚ ମାନର ବୋଲି ମତ ଦେଇଥିଲେ। ଶେଷରେ ସୁଶ୍ରୀ ଅଞ୍ଜୁସା ଧନ୍ୟବାଦ ଦେଇଥିଲେ। ହେଲିକାପ୍ଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ୍ ବିପିନ ରାଓ୍ୱତ ଙ୍କ ସମେତ ୧୩ଜଣ ବୀର ଶହୀଦଙ୍କ ଶ୍ରଦ୍ଧାଞ୍ଜଳୀଜଣାଇ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# କଟକରେ ଲଜ୍ଜା !

## ଆଦିବାସୀ ନାବାଳିକାକୁ ଦୁଷ୍କର୍ମ

**କଟକ(ସଂପର୍କବାର୍ତ୍ତା):-** ରାଜ୍ୟରେ ସୀମାପାର ହେଲାଣି ନାରୀମାନଙ୍କ ପ୍ରତି ଅତ୍ୟାଚାର। ଏମିତିକି ଯୌନ ପିପାଶୁଙ୍କ କବଳରୁ ବର୍ତ୍ତି ପାରୁନାହାଁନ୍ତି ଛୋଟ ଛୁଆ। ଦୁଷ୍କର୍ମ ତାହା ପୁଣି ନାବାଳିକା ସହିତ। ଏଭଳି ଏକ ଲଜ୍ଜାକର ଘଟଣା ଘଟିଛି କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳରେ। ସୂଚନା ଅନୁସାରେ କଟକ ଟାଙ୍ଗୀ ଅଞ୍ଚଳରେ ଜଣେ ୧୦ବର୍ଷର ଆଦିବାସୀ ନାବାଳିକା ଝିଅ ସହିତ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଟାଙ୍ଗୀ ଉଚ୍ଚପଦା ପଞ୍ଚାୟତ



ନଟିମାଳ ଗାଁରେ ଗତ ୮ ତାରିଖ ଦିନ ଘରେ କେହି ନ ଥିବା ସମୟରେ ସେହି ଗାଁର ବସନ୍ତ ସ୍ୱାଇଁ ନାମକ ଜଣେ ବ୍ୟକ୍ତି ବାନାଳିକାକୁ ପାଣି ପିଇବା ପାଇଁ ମାଗିଥିଲେ। ଝିଅଟି ଘର ଭିତରକୁ ପାଣି ଆଣିବା ପାଇଁ ଯିବା ସମୟରେ ଘରେ ପଶି ବସନ୍ତ ଛୋଟ ଝିଅଟି ସହ ଜୋରଜବରଦସ୍ତ ଦୁଷ୍କର୍ମ କରିଥିବା ନାବାଳିକା ପୀଡିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ପରିବାର ଲୋକ ଘରକୁ ଫେରି ଗୁରୁତର ଅବସ୍ଥାରେ ଝିଅକୁ ଦେଖି ସଙ୍ଗେ ସଙ୍ଗେ ହସ୍ପିଟାଲ୍‌ରେ ଭର୍ତ୍ତି କରାଇବା ସହିତ ଘଟଣା ସମ୍ପର୍କରେ ପୋଲିସ୍‌କୁ ଖବର ଦେଇଥିବା ସୂଚନା ମିଳିଛି। ତେବେ ପୋଲିସ୍ ଏହି ମାମଲାରେ ତଦନ୍ତ ଆରମ୍ଭ କରିଥିଲେ ବି ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତ ବସନ୍ତ ସ୍ୱାଇଁ ଫେରାର ଅଛି।

ଏପଟେ ନାବାଳିକା ପୀଡିତାକୁ ପ୍ରତମେ ଟାଙ୍ଗୀ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ଅବସ୍ଥା ଗୁରୁତର ରହିଥିବାରୁ ବର୍ତ୍ତମାନ କଟକ ବଡ ମେଡିକାଲ୍‌ରେ ନାବାଳିକାର ଚିକିତ୍ସା ଜାରି ରହିଛି।

# ସମ୍ପାଦକୀୟ

## ଅଲକ୍ଷ୍ମୀ

ମାର୍ଗଶୀର ମାସ ହେଉଛି ଲକ୍ଷ୍ମୀଙ୍କ ବାର । କିନ୍ତୁ ଏ ମାସରେ ଲକ୍ଷ୍ମୀଙ୍କ ପୂଜା କଲାବେଳେ ସ୍ୱତଃ ଅଲକ୍ଷ୍ମୀଙ୍କ ପ୍ରସଙ୍ଗ ମନକୁ ଆସେ । ଯେଉଁଠି ଶୁଚିତା ଓ ଶୁଦ୍ଧତା, ସେଠାରେ ଅନ୍ନ ଓ ଐଶ୍ୱର୍ଯ୍ୟର ଦେବୀ ଲକ୍ଷ୍ମୀ ରୁହନ୍ତି । ଯେଉଁଠି ଅସୁଚିତା ଓ ଅଶୁଦ୍ଧତା ସେ ସ୍ଥାନରୁ ଲକ୍ଷ୍ମୀ ଛାଡ଼ି ଯାଆନ୍ତି, ଅଲକ୍ଷ୍ମୀ ସେ ସ୍ଥାନ ଅଧିକାର କରନ୍ତି । ମହାଦେବ ଦାସ ବିରଚିତ 'କାର୍ତ୍ତିକ ମହାତ୍ମ୍ୟ'ରେ ଅଲକ୍ଷ୍ମୀଙ୍କ ସ୍ଥାନ ନିରୂପଣ ପ୍ରସଙ୍ଗ ଅଛି । ଅଲକ୍ଷ୍ମୀଙ୍କ ଅନୁରୋଧରେ ସଙ୍ଗ ବିଷ୍ଣୁ ତାଙ୍କ ପାଇଁ ଉପଯୁକ୍ତ ସ୍ଥାନର ନିରୂପଣ କରିଥିଲେ ।



ଭଗବାନ ବିଷ୍ଣୁ ଅଲକ୍ଷ୍ମୀଙ୍କୁ ଅହିବା ଅନୁସାରେ ଯେଉଁ ଘରେ ସବୁବେଳେ କଳିଗୋଳ ଲାଗିଥାଏ, ସେ ଘରେ ଅଲକ୍ଷ୍ମୀ ନିବାସ କରନ୍ତି । ଯିଏ କୁ-ପୁରୁଷ ଓ ମିଥ୍ୟା ଭାଷା-ଅଲକ୍ଷ୍ମୀ ତା କାନ୍ଧରେ ବସି ତା'ର ଅନିଷ୍ଟ କରନ୍ତି । ସେହିପରି ଯିଏ ପର ନାରୀ ଓ ପର ଅର୍ଥ ପାଇଁ ଆଶକ୍ତ ହୁଏ, ପର ନିନ୍ଦା କରେ ଏବଂ ଅନ୍ୟକୁ କଷ୍ଟ ଦିଏ -ଅଲକ୍ଷ୍ମୀ ତା' ପାଖ କେବେ ଛାଡ଼ନ୍ତି ନାହିଁ । ଏହି ପ୍ରସଙ୍ଗରେ ଭଗବାନ ବିଷ୍ଣୁ ଅଲକ୍ଷ୍ମୀଙ୍କ ପାଇଁ ଉପଯୋଗୀ ଆହୁରି ଅନେକ ସ୍ଥାନ ନିରୂପଣ କରିଛନ୍ତି । ସେସବୁ ହେଉଛି- ଯିଏ ଅପବିତ୍ର ଆଉ ଦେବଦର୍ଶନ କରିବାକୁ ଯାଏ, ଯେ ନିଜ ପ୍ରିତି କରେ, ଯିଏ ଧର୍ମ ଶାସ୍ତ୍ରକୁ ନିନ୍ଦା କରେ, ଯିଏ ପିତା, ମାତା ଓ ଗୁରୁଙ୍କୁ କପଟ ସ୍ନେହ କରେ-ତା' କାନ୍ଧରେ ଅଲକ୍ଷ୍ମୀ ବସନ୍ତି ଏବଂ ସବୁ ଧନ ସଂପତ୍ତିକୁ ଧ୍ୱଂସ କରିଦିଅନ୍ତି ।



ସମ୍ପାଦକ

ଏହି ପ୍ରସଙ୍ଗରେ ଯେଉଁ ନାରୀଙ୍କଠାରେ ଅଲକ୍ଷ୍ମୀ ରହନ୍ତି ତାହା ମଧ୍ୟ ବିଷ୍ଣୁ ତାଙ୍କୁ କହିଛନ୍ତି ତାହା ଅନୁସାରେ ଯେଉଁ ନାରୀ ବିନା କୌଣସି କାମରେ ଏଣେ ତେଣେ ଘୁରି ବୁଲେ, ପର ଆଗରେ ଘର କଥା କହେ, ସ୍ୱାମୀର ସ୍ନେହରେ ଅଖୁସି ହୁଏ, ପୁଅ, ଝିଅ ଓ ବନ୍ଧୁବାନ୍ଧବଙ୍କ ସହ କଳିଗୋଳ କରେ, ଗୁରୁ ଓ ଗୁରୁଜନଙ୍କୁ ନିନ୍ଦା କରେ ତା' ନିକଟରେ ଅଲକ୍ଷ୍ମୀ ମଧ୍ୟ ଖୁସିରେ ରୁହନ୍ତି । ଅଲକ୍ଷ୍ମୀଙ୍କର ଏହି ସ୍ଥାନ ନିରୂପଣ ପ୍ରସଙ୍ଗ ସୂଚାଏ ଆମେ ଲକ୍ଷ୍ମୀଙ୍କ ସହ ରହିବା ନା ଅଲକ୍ଷ୍ମୀଙ୍କ ସହ ରହିବା ତାହା ଆମ ଉପରେ ହିଁ ନିର୍ଭର କରେ ।

# ଯେଉଁଠି ପୁରସ୍କାର କ୍ରୟ କରାଯାଏ

**॥ ହିମାଂଶୁ ଶେଖର ଆଚାର୍ଯ୍ୟ ॥**

ପ୍ରତିଭା ଈଶ୍ୱରଙ୍କ ଅନନ୍ୟ ବରଦାନ ।କୁହାଯାଏ- 'ରାଜା ସିନା ପୂଜା ପାଏ ଆପଣା ଦେଶରେ, କବି ପୂଜା ପାଏ ଦେଶ ବିଦେଶରେ' । ସେଥିପାଇଁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇଥାନ୍ତି । ତେଣୁ ସେମାନଙ୍କୁ ନିଜ ନିଜର ପ୍ରତିଭାର ଅଧିକରୁ ଅଧିକ ଉନ୍ମେଷ ପାଇଁ ପ୍ରୋତ୍ସାହନ ଦିଆଯାଇଥାଏ । ଏପରି ହେବା ବି ଯଥାର୍ଥ । ଅତୀତରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ଦେବାର ପରମ୍ପରା ଥିଲା ।ପ୍ରୋତ୍ସାହନ ନିମନ୍ତେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା । ଏପରିକି ରାଜରାଜୁଡା ଶାସନରେ ବି କବି, ସାହିତ୍ୟିକ, ଚିତ୍ରକର, କଳାକାର, ସଙ୍ଗୀତଜ୍ଞ, ନୃତ୍ୟ ବିଶାରଦ ଓ ଅନ୍ୟାନ୍ୟ ପ୍ରତିଭାଧରଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ପରମ୍ପରା ରହିଥିଲା । ସେଇଥିପାଇଁ ତ ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନ ତାଙ୍କ ରାଜସଭାକୁ ମହିମାମଣ୍ଡିତ କରିଥିଲେ । କାଳିଦାସଙ୍କ ଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ -ସବୁଠି ସମ୍ବର୍ଦ୍ଧନାର ଏକ ଉଜ୍ଜ୍ୱଳ ପରମ୍ପରା ଥିଲା । ସେହିପରି ଦୁଃସ୍ଥ,ଅସହାୟ, ନିଷ୍ପେସିତ, ଅବହେଳିତ ଓ ଜରାଗ୍ରସ୍ତ ଜନତାର ସେବାରେ ବଦାନ୍ୟତାର ହାତ ବଢାଇଥିବା ବ୍ୟକ୍ତି ବିଶେଷ, ଅନୁଷ୍ଠାନ ମଧ୍ୟ ପ୍ରଶଂସାର ପାତ୍ର । ମାତ୍ର ବର୍ତ୍ତମାନ ବଦାନ୍ୟତା ପଛରେ ବ୍ୟକ୍ତି ସ୍ୱାର୍ଥ ବା ସମୂହ ସ୍ୱାର୍ଥ ଯୋଡି ହୋଇଯାଇଛି । ଏବେ ପ୍ରଚାର ସର୍ବସ୍ୱ ହୋଇପଡିଛି ଏସବୁ ।

ମାତ୍ର ଏବେ ସମାଜର ଢଙ୍ଗ ବଦଳିଗଲାଣି । ସବୁଠି ପ୍ରତିଷ୍ଠା ହାସଲ ପାଇଁ ଚାଲିଛି ଜୋରସୋର୍ ଉଦ୍ୟମ ।ଯେମିତି ହେଉ ପଛେ, ବ୍ୟକ୍ତିଗତ ଭାବେ ପ୍ରତିଷ୍ଠା ମିଳୁ । ରାଜନେତାଙ୍କଠାରୁ ଆରମ୍ଭ କରି ପ୍ରଶାସକ ,କବି, ସାହିତ୍ୟିକ,ଗାଳ୍ପିକ,ନାଟ୍ୟକାର, କଳାକାର,ସାମ୍ବାଦିକ,ଶିକ୍ଷକ,କ୍ରୀଡାବିତ୍ ଓ ଅଭିନେତା ସମସ୍ତେ ଏଇ ଦୌଡରେ ସାମିଲ ହୋଇଛନ୍ତି । ଏହାକୁ ଲକ୍ଷ୍ୟ ରଖି ସଂପ୍ରତି ବିଭିନ୍ନ ପ୍ରକାରର ସାହିତ୍ୟ, ସସ୍କୃତି, ସାଂସ୍କୃତିକ ଓ ଏହିଭଳି ଅନେକ ସଂଗଠନ ସୃଷ୍ଟି ହେଲାଣି । ସୃଷ୍ଟି ହେବା ବି ଭଲ କଥା । କିନ୍ତୁ ଏଠି ସମ୍ବର୍ଦ୍ଧନା ଦେବାର ମାନିଆ ସୁନାମୀ ପରି ଗ୍ରାସ କରିଛି ସମସ୍ତଙ୍କୁ । ସମ୍ବର୍ଦ୍ଧନା ଦେବାପାଇଁ ସଂଗଠନ ଗୁଡିକ ମଧ୍ୟରେ ଯେତିକି ଆଗ୍ରହ, ସମ୍ବର୍ଦ୍ଧନା ନେଉଥିବା ବ୍ୟକ୍ତିର ମଧ୍ୟ ସେତିକି ଆଗ୍ରହ । ସତେ ଯେମିତି ସମ୍ବର୍ଦ୍ଧନା ଦେବା ଓ ନେବା ଏକ ନିଶା ପାଲଟି ଗଲାଣି । ଏପରିକି ଗୋଟିଏ ଗୋଟିଏ ସଭାରେ ପଚାଶ ଷାଠିଏ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ଘଟଣାମାନ ଦେଖିବାକୁ ମିଳୁଛି । ଏହା କ'ଣ ସତରେ ପୂଜ୍ୟପୂଜା ପାଇଁ ଉଦ୍ଦିଷ୍ଟ । ଏପରିକି ଏବେ କତିପୟ ଅନୁଷ୍ଠାନ ସମ୍ବର୍ଦ୍ଧନା ଓ ମୋଟା ଅଙ୍କର ପୁରସ୍କାର ରାଶି ଦେଇ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦେବା ନାଁରେ ରୋଜଗାର କରିବାର ଭିନ୍ନ ପନ୍ଥା ଆଦରି ନେଇଛନ୍ତି । ସମ୍ବର୍ଦ୍ଧନା ପୂର୍ବରୁ ଏହି ଅନୁଷ୍ଠାନ ସମ୍ବର୍ଦ୍ଧିତ ବ୍ୟକ୍ତି ବିଶେଷଙ୍କୁ ଅଗ୍ରୀମ ଟଙ୍କା ଦେବାକୁ କହୁଛନ୍ତି । ତାପରେ ସେମାନଙ୍କୁ ସହ ମାନପତ୍ର, ଉତ୍ତରୀୟ ସହ ଅଗ୍ରୀମ ଟଙ୍କା ଠାରୁ ଅଧିକ ପୁରସ୍କାର ରାଶି ଦେବାର ଲୋଭ ଦେଖାଉଛନ୍ତି । ଏଭଳି ଚିନ୍ତାଧାରା ସର୍ବଦା ବର୍ଜନୀୟ । ଏଥିପ୍ରତି ଆମକୁ ସତର୍କ ଓ ସଚେତନ ହେବାକୁ ପଡିବ । ସମ୍ବର୍ଦ୍ଧନାର ଏକ ନିର୍ଦ୍ଦିଷ୍ଟ ମାନ ରହିବା ଦରକାର । ତାହେଲେ ଯୋଗ୍ୟତମ ବ୍ୟକ୍ତି ଯୋଗ୍ୟତା ଅନୁରୂପ ସମ୍ବର୍ଦ୍ଧନା ପାଇବା ସୁଯୋଗ ସୃଷ୍ଟି ହେବ ଏବଂ ପ୍ରତିଭାକୁ ଯଥାରୀତି ସମ୍ମାନ ମିଳିବ । ତା ନ ହେଲେ ଧୁଆମୂଳା ଓ ଅଧୁଆମୂଳା ସବୁ ସମାନ ହୋଇଯିବେ । ଇଏ ତ ଗଲା ଗୋଟିଏ ଦିଗ । ଅନ୍ୟ ଦିଗଟି ହେଉଛି ସମ୍ବର୍ଦ୍ଧିତ କରୁଥିବା ଅନୁଷ୍ଠାନ ମଧ୍ୟ ନିରପେକ୍ଷ ରହିବା ବିଧେୟ । ଅନେକ ସମୟରେ ପ୍ରିୟାପ୍ରୀତି, ରାଜନୈତିକ ଚାପ ଓ ଆର୍ଥିକ ସହାୟତା ପ୍ରକୃତ ପ୍ରତିଭା ଚିହ୍ନଟ କରିବାରେ ବାଧକ ସାଜୁଛି । ଫଳରେ ଅନେକ ସମୟରେ ଯୋଗ୍ୟ ପ୍ରତିଭାଧର ବ୍ୟକ୍ତିମାନେ ସମ୍ବର୍ଦ୍ଧିତ ହେଉଥିବା ସୁଯୋଗରୁ ବଞ୍ଚିତ ହେଉଥିବା ବେଳେ ପ୍ରତିଭା ନଥାଇ ଆଉ କେତେକ ସହଜରେ ସମ୍ବର୍ଦ୍ଧନା ପାଇବାରେ ସଫଳ ହେଉଛନ୍ତି । ଏବେ ପୁଣି ଅର୍ଥ ଦେଇ ସମ୍ବର୍ଦ୍ଧିତ ହେବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି । ଏପରି ଅସୁସ୍ଥ ପରମ୍ପରା ସର୍ବଦା ପରିହାର କରିବା ଆବଶ୍ୟକ । ସେହିପରି ସଂଗଠନ ଗୁଡିକର ଆଭିମୁଖ୍ୟ ମଧ୍ୟ ବିଚିତ୍ର । ଅନୁଷ୍ଠାନ ଗୁଡିକ ନିଜ ନିଜ ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦେବାର ମାନସିକତାରେ ନାହାଁନ୍ତି । ଗାଁ କନିଆଁ ସିଙ୍ଘାଣୀ ନାକି - ପରି ସେମାନେ ଅଲୋଡା, ଅଖୋଜା ହୋଇ ପଡି ରହିଛନ୍ତି ବଣମଲ୍ଲୀ ପରି । ସେହିପରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନେ ମଧ୍ୟ କୌଣସି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ ହେବାପାଇଁ ଯିବା ପୂର୍ବରୁ ତାର ମାନ ଅନୁସାରେ ସମ୍ବର୍ଦ୍ଧିତ ହେବାର ମାନସିକତା ରଖିବା ଦରକାର । ତାହାହେଲେ ସମ୍ବର୍ଦ୍ଧନାର ଗୁରୁତ୍ୱ ଓ ପ୍ରାସଙ୍ଗିକତା ରହିବ ।

ଆହୁରି ଆଶ୍ଚର୍ଯ୍ୟର କଥା ଭଲ ଶିକ୍ଷକଟିଏ ଏଠି ରାଜ୍ୟ ପୁରସ୍କାର ଓ ରାଷ୍ଟ୍ରୀୟ ପୁରସ୍କାର ପାଇବା ପାଇଁ ନିଜେ ଆବେଦନ କରିଥାଏ । ସେ ନିଜେ ଭଲ ଓ ସେଥିପାଇଁ ସମ୍ମାନ ପାଇବାକୁ ହକ୍‌ଦାର ବୋଲି କହିବାକୁ ହୁଏ । ଏହାଠାରୁ ବଳି ଲଜ୍ଜାକର କଥା କ'ଣ ଥାଇପାରେ ? ଏଥିନିମନ୍ତେ ପାଠ ଅପେକ୍ଷା ଶାଠ ଅଧିକ ଦରକାର । ସେଥିପାଇଁ ବିଭିନ୍ନ ପ୍ରମାଣପତ୍ର ଅଣନିଶ୍ୱାସୀ ହୋଇ ଧାଁ ଧପଡ କରି ଯୋଗାଡ କରିବାକୁ ହୁଏ କୃତୀ ଶିକ୍ଷକର ସମ୍ମାନ ପାଇବା ପାଇଁ ।ଏବେ ପୁଣି ଜିଲ୍ଲା ସ୍ତରରେ ପୁରସ୍କୃତ କରିବା ପାଇଁ ବ୍ୟବସ୍ଥା ରହିଛି ।ଏଥିପାଇଁ ସେମାନେ ଆବେଦନ ପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ । ସେଇ ଏକା ବ୍ୟବସ୍ଥା । ଗୋଟିଏ ପୁରସ୍କାର ଓ ଖଣ୍ଡିଏ ମାନପତ୍ର ପାଇବା ପାଇଁ ବାରଦୁଆର ବୁଲି ଆବେଦନ କରିବାକୁ ହେବ । ସମ୍ବର୍ଦ୍ଧନା ଦେବାର ଏ ବ୍ୟବସ୍ଥା କେବେ ବଦଳିବ କେଜାଣି ? ଶିକ୍ଷକର ପଦମର୍ଯ୍ୟାଦା ରକ୍ଷା ପାଇଁ କଣ ଆଉ କିଛି ବିକଳ୍ପ ବ୍ୟବସ୍ଥାରେ ଭଲ ଶିକ୍ଷକ ଚୟନ କରାଯାଇପାରନ୍ତା ନାହିଁ ? ସେହିପରି ସମାଜ ସେବା ନକରି ସମାଜସେବୀ , ଗଛଟିଏ ନ ଲଗାଇ ପ୍ରକୃତି ବନ୍ଧୁ ପୁରସ୍କାର, ସୃଜନଶୀଳତା ନଥାଇ କବି ଓ କବୟତ୍ରୀ ସର୍ବୋପରି କୃତିତ୍ୱ ନଥାଇ କୃତିଶିକ୍ଷକର ମାନ୍ୟତା ପାଇବାର ଉଦାହରଣ ଦେଖାଇବାକୁ ମିଳୁଛି । ଏହା ଏକ ସୁସ୍ଥ ସୁନ୍ଦର ସମାଜ ପ୍ରତି ଶୁଭଙ୍କର ନୁହେଁ ।

ସମ୍ପ୍ରତି ମହାମାରୀ କରେନା ସାର ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି । ଏହି ସଂକଟ ଜନକ ପରିସ୍ଥିତିରେ ସରକାରୀ କଳ ସମେତ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପ୍ରଶାସକ ଓ ପୋଲିସ ପ୍ରଶାସନ ଓ ଏବଂ ଯେଉଁ ସରକାରୀ ଓ ବେସରକାରୀ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ସେମାନେ ସମସ୍ତେ ପ୍ରଶଂସାର ପାତ୍ର । ଏହି ସାମାଜିକ ସଂକଟ ସମୟରେ ଅନେକ ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟକ୍ତି ବିଶେଷ ସାହାଯ୍ୟ ସହଯୋଗ ଓ ବଦାନ୍ୟତାର ହାତ ବଢାଇଛନ୍ତି ସେମାନେ ସମସ୍ତେ ଧନ୍ୟବାଦ ପାଇବାର ହକ୍‌ଦାର । ଅନ୍ୟପଟେ କିଛି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଶସ୍ତା ଲୋକପ୍ରିୟତା ହାସଲ ପାଇଁ ସାହାଯ୍ୟ ଓ ସହଯୋଗର ମଧ୍ୟ ହାତ ବଢାଇଛନ୍ତି ।ଏଭଳି କାର୍ଯ୍ୟ ଗ୍ରହଣୀୟ ନୁହେଁ । ନିକଟରେ କିଲେ ଆଳୁକୁ ପାଞ୍ଚଜଣ ଦାନକରି ଫଟୋ ଉଠାଇ ତାକୁ ସୋସିଆଲ ମିଡିଆ ବା ଗଣମାଧ୍ୟମରେ ପ୍ରଚାର କରିବା ଏହାର ଗୋଟିଏ ନଗ୍ନ ଉଦାହରଣ । ସେମିତି କିଛି ରେସନ ସାମଗ୍ରୀ ,ମାସ୍କ ବା କିଛି ଆର୍ଥିକ ସହାୟ୍ୟ ଯୋଗାଇ ଗଣମାଧ୍ୟମରେ ପ୍ରଚାର ଓ ପ୍ରସାର ସହିତ ବାହାବାଃ ସାଉଁଟିବା ଅନୁଷ୍ଠାନ ଓ ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ ।ଏଭଳି ଘଟଣା ଗରିବଙ୍କ ପ୍ରତି ଉପହାସ ନୁହେଁକି ? । ବଦାନ୍ୟତା ଦେଖାଇବାର ଭାବ ନିଆରା । କିନ୍ତୁ ପ୍ରଚାର ଓ ପ୍ରସାର ସର୍ବସ୍ୱ ମାନସିକତା ଭିତରେ ଲୁଚିଯାଉଛି ସୁସ୍ଥ ମାନସିକତା ଓ ନୈସର୍ଗିକ ଭାବନା । କାରଣ ବଦାନ୍ୟତା ବିଜ୍ଞାପିତ ହେଲେ ତାହା ତାମସିକ ଓ ରାଜସିକ ହୋଇଥାଏ ।

ଏଇଠି ମନେପଡେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କଥା । ଶ୍ରୀମନ୍ଦିର ପ୍ରତିଷ୍ଠା ପରେ ଯେତେବେଳେ ସୃଷ୍ଟି କର୍ତ୍ତା ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ବର ମାଗିବାକୁ କହିଲେ ସେତେବେଳେ ଉତ୍ତରରେ ସେ ଯାହା କହିଲେ ତାହା ହେଉଛି-'ଏ ମନ୍ଦିର ମୋ ବାପା ବା ଜେଜେବାପା କରିଥିଲେ ବୋଲି ମୋ ବଂଶରେ କେହି ନରୁହନ୍ତୁ' । ସେହିପରି ସନ୍ଥ ମଦର ଟେରେସାଙ୍କୁ ନୋବେଲ ପୁରସ୍କାର ମିଳିସାରିବା ପରେ ପ୍ରତିକ୍ରିୟାରେ ସେ ଯାହା କହିଥିଲେ- 'ଦୁସ୍ଥ,ନିଷ୍ପେସିତ ଓ ଅବହେଳିତ ଜନତାର ସେବା ଲାଗି ଈଶ୍ୱରଙ୍କ ଏହି ଦାନ ଲାଗି ତାଙ୍କର ଜୟ ହେଉ' ।ସେହିପରି ରାମାୟଣ , ମହାଭାରତ ଓ ପୁରାଣ ପୃଷ୍ଠାରେ ଦାନୀ କର୍ଣ୍ଣ, ଦାନବୀର ହରିଶ୍ଚନ୍ଦ୍ର ଓ ମହର୍ଷି ଦଧୀଚିଙ୍କ ଅମର ଗାଥା ଏବେବି ଆମ ପାଇଁ ମାର୍ଗଦର୍ଶିକା ହୋଇରହିଛି ।ସେହିପରି ବନ୍ୟାଦୁର୍ଗତଙ୍କ ସେବାପାଇଁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ତ୍ୟାଗ ଓ ବଳିଦାନ ଅଦ୍ୟାବଧି ଆମପାଇଁ ଉଦାହରଣ ହୋଇରହିଛି । ତେଣୁ ଏଥିରୁ ସ୍ୱଷ୍ଟ ଯେ ନିଜ ସଂସ୍ଥାକୁ ଅର୍ଥ ଦେଇ ପୁରସ୍କାର ଦେଇ ନିଜକୁ ଶ୍ରେଷ୍ଠ ବୋଲି ପ୍ରମାଣ କରିବା ବର୍ତ୍ତମାନ ଗୋଟିଏ ନିଶା ହୋଇଗଲାଣି । ଅବଶ୍ୟ ଏହା ଦ୍ୱାରା ପୁରସ୍କୃତ ବ୍ୟକ୍ତି କିଛି ସମୟ ପାଇଁ ଆନନ୍ଦ ପାଇପାରନ୍ତି କିନ୍ତୁ ସାଧାରଣରେ ଏହା ଗ୍ରହଣ ଯୋଗ୍ୟ ହେବ ନାହିଁ । ବରଂ ପ୍ରତିଭା ବା ବ୍ୟକ୍ତିତ୍ୱ ଥିଲେ ସମ୍ମାନ ଓ ପୁରସ୍କାର ଆପେ ଆପେ ଆସିବ ଏକଥାକୁ ଗଭୀର ଭାବେ ଅନୁଶୀଳନ କରିବାର ଅଛି ।

**ସଭାପତି**
**ସାରସ୍ୱତ ପରିଷଦ,ଜଗତସିଂହପୁର**
**ମୋ-୯୯୩୭୧୫୧୦୫୨**

# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର

**॥ ଅକ୍ଷୟ କୁମାର ରାଉତ ॥**

ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ । ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ । ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ । ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ । ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ଦିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି । ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ । ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି । ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି ।

ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ । ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି । ତେଣୁ ସେ ସଦାରୋଗୀ, ରୁଗ୍‌ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା । ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା । ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ । ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରୀତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ ।

ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା । ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ । ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ । ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ । ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ । ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ । ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୁ ଓ ବିଦଗ୍‌ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ । ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା । ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ । ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ । ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ । ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ । ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୁରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ । ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ । ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଳ' ଓ 'ଉଲମ୍ବିଚକ୍ର' ।

ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ କେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା । ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା । ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ । ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ । ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ । ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ । ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି ।

*ପାରାଦ୍ୱୀପଗଡ଼,*
*ମୋ: ୯୯୩୭୬୯୧୪୭୫*

# ମାସ୍କ ପିନ୍ଧିଥିଲେ 'ଓମିକ୍ରନ' ହେବନି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନା ଭାଇରସରୁ ବର୍ତ୍ତିବା ପାଇଁ ସାମାଜିକ ଦୂରତା ଅପେକ୍ଷା ମାସ୍କର ବଡ ଭୂମିକା ରହିଛି । ଏହାର ସୂଚନା ନିକଟରେ ପ୍ରକାଶିତ ଏକ ଅଧ୍ୟୟନରୁ ମିଳିଛି । ଅନୁସନ୍ଧାନ କାରୀମାନେ ଜାଣିବାକୁ ପାଇଛନ୍ତି ଯେ, ୩ ମଟିର ଦୂରତା ତୁଳନାରେ ମୁହିଁରେ ମାସ୍କ ପିନ୍ଧିବା ଦ୍ୱାରା ବିପଦ ୨୨୫ ଗୁଣ କମିପାରେ । କରୋନା ମହାମାରୀର ଆରମ୍ଭରୁ ବିଶେଷଜ୍ଞମାନେ ମାସ୍କର ମହତ୍ୱ ବିଷୟରେ ବୁଝାଇଥିଲେ ।



ନୂଆ ଭାରିଆଣ୍ଟ ଓମିକ୍ରନରୁ ରକ୍ଷା ପାଇବା ପାଇଁ ହାତ ସଫା ରଖିବା, ସାମାଜିକ ଦୂରତା ସହିତ ମାସ୍କର ବ୍ୟବହାର ବିଷୟରେ ବିଶେଷଜ୍ଞମାନେ କହିଛନ୍ତି । ନିକଟରେ ଜର୍ମାନୀ ଓ ଆମେରିକାରେ ହୋଇଥିବା ରିସର୍ଚ୍ଚରୁ ଜଣାପଡିଛି ଯେ, ମୁହଁକୁ ଘୋଡାଇବା ଅଧିକ ସୁରକ୍ଷା ମିଳିଥାଏ । ଯଦି ଆପଣ କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ଠାରୁ ୩ ମଟିର ଦୂରରେ ୫ମିନିଟ୍ ପାଇଁ ଠିଆ ହେବେ ଓ ଦୁହିଁରେ ମାସ୍କ ନଥିବ, ତେବେ କୋଭିଡରେ ସଂକ୍ରମଣ ହେବାର ଆଶଙ୍କା ୯୦% ବଢିଯାଏ । ଏଥିପାଇଁ ସାମାଜିକ ଦୂରତା ପାଳନ କରିବା ଅପେକ୍ଷା ମାସ୍କ ପିନ୍ଧିବା ସର୍ବୋତ୍ତମ ବୋଲି ବିଶେଷଜ୍ଞମାନେ କହିଛନ୍ତି ।

# ପାରାଦୀପ ଏନ୍.ସି.ସି. କ୍ୟାଡେଟ୍‌ମାନଙ୍କ ବେଳାଭୂମି ସଫେଇ



ପାରାଦୀପ -୧୧।୧୨- ପାରାଦୀପ ମହାବିଦ୍ୟାଳୟ ଓ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ନାଭାଲ ଏନ୍.ସି.ସି., ମ୍ୟୁନିସିପାଲ ହାଇସ୍କୁଲ ଓ ଇଫକୋ ଡି.ଏ.ଭି.ସ୍କୁଲର ଆର୍ମି ଏନ୍.ସି.ସି.ଙ୍କ ସମେତ ରିଫାଇନାରୀର ଡି.ପି.ଏସ୍.ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶନିବାର ଦିନ ପାରାଦୀପ ସମୁଦ୍ର ବେଳାଭୂମିରେ ପୁନୀତ ସାଗର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସମସ୍ତ ଛାତ୍ରଛାତ୍ରୀମାନେ ପାରାଦୀପ ମହାବିଦ୍ୟାଳୟରେ ପହଂଚିଥିଲେ । ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସମୁଦ୍ର ବେଳାଭୂମିରେ ପହଂଚିଥିଲେ । ପାରାଦୀପ ମହାବିଦ୍ୟାଳୟର ଏନ.ସି.ସି. ଅଫିସର ଲେଫନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର, ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ଏନ.ସି.ସି. ଅଫିସର ପ୍ରଦୀପ କୁମାର ଦାଶ, ମ୍ୟୁନିସିପାଲ ହାଇସ୍କୁଲର ଏନ.ସି.ସି. ଅଫିସର କାଳନ୍ଦୀ ଚନ୍ଦ୍ର ନାଥ,ଏସ୍.ଏସ.ମିଶ୍ର,ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ବେଳାଭୂମି ସଫେଇ ରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ପାରଦୀପ ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍.ସୋଣ୍ଡୀ ଓ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ.ସସ୍ମିତା ଶତପଥି ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ବ୍ଲାକ ବକ୍ସ କ'ଣ ?

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ତାମିଲନାଡୁ କୁନ୍ନୁରରେ ଗତକାଲି ବାୟୁସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇ ସିଡିଏସ ବିପିନ ରାୱାତଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା ଆଜି ଏହି ଘଟଣା ତନାଘନା ଆରମ୍ଭ ହୋଇଛି ଦୁର୍ଘଟଣାଗ୍ରସ୍ତ ବାୟୁସେନା ହେଲିକପ୍ଟରର ବ୍ଲାକ ବକ୍ସ ଆଜି ସକାଳେ ଉଦ୍ଧାର କରାଯାଇଛି । ସେନାରେ ଉଦ୍ଧାରକାରୀ ୟୁନିଟ୍ ଉକ୍ତ ଏମ୍ଆଇ-୧୭ଭି୫ ହେଲିକପ୍ଟରର ଭଙ୍ଗାରୁଜା ଅଂଶରୁ ତାହାକୁ ଖୋଜି ବାହାର କରିଛନ୍ତି ।

ଦୁର୍ଘଟଣାସ୍ଥଳର ୩୦୦ମିଟର୍‌ରୁ ୧କିଲୋମିଟର୍ ବ୍ୟାପ୍ତ ଅଂଚଳ ମଧ୍ୟରେ ବ୍ୟାପକ ତଲାସ କରିବା ପରେ ହେଲିକଟପ୍ଟରର ବାକ୍ଲ ବକ୍ସ ଉଦ୍ଧାର କରାଯାଇଛି । କେଉଁ କାରଣ ଯୋଗୁଁ ଏଭଳି ଭୟଙ୍କର ଦୁର୍ଘଟଣା ଘଟିଲା ବ୍ଲାକ ବକ୍ସ ସେ ସବୁ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମର ତଥ୍ୟ ଯୋଗାଇ ଦେବା




ବ୍ଲାକ ବକ୍ସ କଣ ?

ତେବେ ବହୁତ କମ୍ ଲୋକ ଜାଣିଥିବେ ଯେ ଏହି ବ୍ଲାକ କଣ ? ଏହି ବ୍ଲାକ୍ ବକ୍ସ ରଙ୍ଗରେ କଳା ନୁହେଁ, କିମ୍ବା ଆକୃତିର ବାକ୍ସ ପରିମଧ୍ୟ ନୁହେଁ । କମଳା ରଙ୍ଗର ଏହି ଉପକରଣ ହୋଇଥିଲେ ମଧ୍ୟ ଏହାକୁ ବ୍ଲକ୍ସ କୁହାଯାଏ । ବାସ୍ତବରେ, ଏହା ପଛରେ ଅନେକ ରୋଚକ କାରଣ ଲୁଚି ରହିଛି । ଐତିହାସିକମାନେ କୁହନ୍ତି ୧୯୫୦ମସିହାରେ ଅଷ୍ଟ୍ରେଲୀୟ ବୈଜ୍ଞାନିକ ଡେଭିଡ ୱାରେନଲ୍ ଏହାର ଉଦ୍ଭାବନ କହିଥିଲେ । ବିମାନ କ'ଣ ପାଇଁ ଦୁର୍ଘଟଣା ହୁଏ ତାହା ଜାଣିବା ଏବଂ ଆଗକୁ କିପରି ବିମାନ ଦୁର୍ଘଟଣା ରୋକାଯିବ ତାହା ଜାଣିବା ପାଇଁ ବ୍ଲାକ ବକ୍ସକୁ ସମସ୍ତ ବିମାନରେ ଲଗାଯାଏ ।

# ରଘୁନାଥପୁର କୁମ୍ଭାର ସାହିରେ ୩୦୪ ବର୍ଷରେ ପହଂଚିଲା ଶିବ ପାର୍ବତୀ ପୂଜା

**ରଘୁନାଥପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ରଘୁନାଥପୁର କୁମ୍ଭାର ସାହିରେ ଆଜକୁ ୩୦୪ ବର୍ଷ ଧରି ଶିବ ପାର୍ବତୀଙ୍କର ପୂଜା ଅନୁଷ୍ଠିତ ହୋଇ ଆସୁଅଛି । ଚଳିତ ବର୍ଷ କୋଭିଡ-୧୯ ନିୟମମାନି ସାମାଜିକ ଦୂରତ୍ୱ ରକ୍ଷା କରି ନିରାଡମ୍ବର ଭାବେ ପୂଜା ଆରମ୍ଭ ହୋଇଛି । ପ୍ରକାଶ ଥାଉକି, କୁରାଳ ପଂଚମୀ ଗୁରୁବାର ଠାରୁ କୁମ୍ଭକାର ମାନଙ୍କର ଆରାଧ୍ୟ ଦେବତା ମହାଦେବ ଓ ଦେବୀ ମା ପାର୍ବତୀଙ୍କର ପୂଜା ଏଠାରେ ଆରମ୍ଭ ହୋଇଛି । ଏହି ପୂଜା ୫ ଦିନ ଧରି ନିରାଡମ୍ବର ଭାବେ ଅନୁଷ୍ଠିତ ହେବ । କୁମ୍ଭକାର ପରିବାରରେ କୁରାଳ ପଂଚମୀ ଦିନ ପରିବାରର ସମସ୍ତ ସଦସ୍ୟ ମାନେ ନୂତନ ବସ୍ତ୍ର ପରିଧାନ କରି ପ୍ରତ୍ୟେକ ପରିବାରର ମୁଖ୍ୟ ମାନେ ସେମାନଙ୍କର କୌଳିକ ବୃତ୍ତିର ସରଂଯାମ ଯଥା ପିଟଣା, ଚକ, ପିଣ୍ଡ, ଚକଲା, ହାଣ୍ଡି, ଚକ ସୂତା, ମୁଠା, ଦଉଡ ପ୍ରଭୃତିକୁ ଧୌତ କରି ଚାଉଳ ଚିଟାଉରେ ଚିତା ପକାଇ ପୂଜାର୍ଚ୍ଚନା କରିଥାନ୍ତି ଏବଂ ପ୍ରତ୍ୟେକ ପରିବାରରେ ବିଭିନ୍ନ ସ୍ୱାଦିଷ୍ଟ ପିଠା ଏବଂ ସ୍ୱାଦିଷ୍ଟ ବ୍ୟଞ୍ଜନ ରୋଷେଇ କରି ଏହାକୁ ଭୋଗ ଲଗାଇ ନିଜ ପରିବା ସଦସ୍ୟ, ବନ୍ଧୁବାନ୍ଧବ, ଆତ୍ମୀୟ ସ୍ୱଜନ, ପଡାପଡୋଶୀ ଓ ବନ୍ଧୁବାନ୍ଧବ ମାନଙ୍କୁ ବଂଟନ କରିଥାନ୍ତି । ରଘୁନାଥପୁର କୁମ୍ଭାର ସାହିରେ କୁରାଳ ପଂଚମୀ ଉପଲକ୍ଷେ ଶିବ ପାର୍ବତୀ ପୂଜା ଆଜକୁ ୩୦୪ ବର୍ଷ ଧରି ଗ୍ରାମର



ପ୍ରତ୍ୟେକଙ୍କର ସକ୍ରିୟ ସହଯୋଗରେ ଅନୁଷ୍ଠିତ ହୋଇଆସୁଅଛି । ଏହି ପୂଜାକୁ ଭୁବନେଶ୍ୱରସ୍ଥିତ ପ୍ରିଷ୍ଟଟେକ୍ ଅଫ୍‌ସେଟର ପରିଚାଳନା ନିର୍ଦ୍ଦେଶକ ସମାଜସେବୀ ବୃନ୍ଦାବନ ବେହେରା, ବଟକୃଷ୍ଣ ବେହେରା, ରଘୁନାଥ ବେହେରା, ପ୍ରହଲ୍ଲାଦ ବେହେରା, ଧ୍ରୁବ ବେହେରା, ଗୋବିନ୍ଦ ବେହେରା, ଲକ୍ଷ୍ମୀଧର ବେହେରା, ଭଗବାନ ବେହେରା, ମଙ୍ଗରାଜ ବେହେରା, ବିଦ୍ୟାଧର ବେହେରା, ପଂଚାନନ ବେହେରା, ବିଜୟ ବେହେରା, କେଶବ ବେହେରା, ଦିଲିପ ବେହେରା, ଅଶୋକ ବେହେରା, ସୁବାସ ବେହେରା, ନରେନ୍ଦ୍ରବେହେରା, ରବିନ୍ଦ୍ର ବେହେରା, ବାବାଜୀ ବେହେରା, ମଙ୍ଗରାଜ ବେହେରା, ଅଲେଖ ବେହେରା, ବାବୁଲି ବେହେରା, କାଶୀନାଥ ବେହେରା ପ୍ରମୁଖଙ୍କ ଉଦ୍ୟମରେ ଏହି ପୂଜା ଅନୁଷ୍ଠିତ ହେଉଛି ।

# 'ସମ୍ ନର୍ସିଂ କଲେଜ'ରେ ପ୍ରାଥମିକ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମ, ୧୬ ନେଲେ ତାଲିମ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶିକ୍ଷା ଓ ଅନୁସନ୍ଧାନ ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ପ୍ରାଥମିକ ଚିକିତ୍ସା ନେଇ ସଚେତନତା କାର୍ଯ୍ୟକ୍ରମ ଆୟେଜିତ ହୋଇଯାଇଛି । ଗତ୮ ତାରିଖରେ ଓଡିଶା କ୍ରିକେଟ ଆସୋସିଏସନ୍‌ର ୧୬ ଜଣ ପ୍ରଶିକ୍ଷକଙ୍କ ନିମନ୍ତେ ଏହି ତାଲିମ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସମ୍ ନର୍ସିଂ କଲେଜର ଡିନ୍ ପ୍ରଫେସର ଡଃ ପ୍ରଭାତୀ ତ୍ରିପାଠୀ,ଆସେସିଏଟ୍ ଡିନ ପ୍ରଫେସର ସସ୍ମିତା ଦାସ, ପ୍ରଶିକ୍ଷକ ଏବଂ ଫ୍ୟାକଲ୍ଟି ମେମ୍ବର୍ସମାନଙ୍କ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା । ଦୁଇଟି ଅଧିବେଶନରେ ଦୁଇ ପ୍ରକାର ପ୍ରାଥମିକ ଚିକିତ୍ସା କାର୍ଯ୍ୟକ୍ରମ ପ୍ରଶିକ୍ଷକ ସୂର୍ଯ୍ୟୋସ୍ନା ଜେନା, ପି.ଇ ଦିଗଲ୍ ଓ ନିବେଦିତା ରାଉତ ଶିକ୍ଷା ଦେଇଥିଲେ । ଏସ୍‌ଏନସିର ଆସିଷ୍ଟାଂଟ ପ୍ରଫେସର ଝୁନିଲତା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଛେପ ଲଗାଇ ପ୍ରସ୍ତୁତ ହେଉଥିଲା ତନ୍ଦୁରୀ ରୁଟି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଢାବା ବିହାର ଭୋଜିରେ ତନ୍ଦୁରୀ ନାନ୍ କିମ୍ବା ରୁଟି ଖାଉଥିଲେ ହୋଇଯାଆନ୍ତୁ ସାବଧାନ । ହୁଏ ତ ଆପଣଙ୍କ ବିଶ୍ୱାସ ସହ କେହି ସଂଘାତକ ଖେଳ ଖେଳିଥାଇପାରନ୍ତି । ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିବା ଏହିଭିଡିଓଟିକୁ ଦେଖିଲେ ଆପଣ ସବୁକିଛି ବୁଝିପାରିବେ । ଦାବିହୋଇଛି ଏହି ଭିଡିଓଟି ଉତ୍ତରପ୍ରଦେଶ ମିରଟରୁ ଆସିଛି । ଏକ ବିବାହ ଉତ୍ସବରେ ତନ୍ଦୁରୀ ନାନ ପ୍ରସ୍ତୁତ କରୁଥିବା ବ୍ୟକ୍ତି ଜଣକ ଛେପ ପକାଇବାରେ ଦେଖାଯାଇପାରେ । ସୋସିଆଲ ମିଡିଆରେ ଅନେକ ଲୋକ ଏହି ବ୍ୟକ୍ତିର ପରିଚୟ ନୌସାଦ ବୋଲି ଦାବି କରିଛନ୍ତି । ବ୍ୟକ୍ତି ଜଣକ ମଇଦା ଗୁଳାରେ ରୁଟି ପ୍ରସ୍ତୁତ କରି ସେଥିରେ ଛେପ ପକାଇବାରେ ସ୍ପଷ୍ଟ ଦେଖାଯାଇପାରେ । ଏହି ଘଟଣା ପ୍ରଘଟ ହେବା ପରେ ଅଭିଯୁକ୍ତ ନୌସାଦକୁ ପୋଲିସ ଗିରଫ କରିଥିବା ସୂଚନା ରହିଛି । ପୂର୍ବରୁ ଏଭଳି ଅନେକ ସାମ୍ନାକୁ ଆସିଥିଲାବେଳେ ଏଭଳୋ ଘୃଣ୍ୟ ମାନସିକତା ଲୋକଙ୍କ ଭୟରେ ଲୋକେ ବିବାହ ଭୋଜିରେ ସାମିଲ ହେବାକୁ କୁଣ୍ଠାବୋଧ ମନେ କରୁଛନ୍ତୁ ।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା


# ଜଗତସିଂହପୁର ଜିଲ୍ଲାରେ ପଞ୍ଚାୟତ ଦଖଲ କରିବୁ:ବିଜେଡି

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ବିଜୁଜନତାଦଳ ପକ୍ଷରୁ ଜୋନ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଓ କର୍ମୀସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମାବେଶରେ ଗଣଶିକ୍ଷା ମନ୍ତ୍ରୀ ତଥା ଜିଲ୍ଲା ପର୍ଯ୍ୟବେକ୍ଷକ ସମୀର ରଞ୍ଜନ ଦାଶ ,ଜଳସମ୍ପଦ,ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ,ତିର୍ତୋଲ ବିଧାୟକ ବିଜୟଶଙ୍କର ଦାସ,ରାଜ୍ୟ ମହିଳା ବିଜେଡି ବରିଷ୍ଠ ଉପସଭାନେତ୍ରୀ କନକ ପ୍ରଭା ଲେଙ୍କା,ପୁରୀ ଜିଲ୍ଲାପରିଷଦ ଅଧ୍ୟକ୍ଷ ତଥା ସହ ପର୍ଯ୍ୟବେକ୍ଷକ ଅଶୋକ କୁମାର ଦଳାଇ,ଜିଲ୍ଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶୀନୀ ବିଶ୍ୱାଳ,କୃଷକ ମୋର୍ଚ୍ଚା ସଭାପତି ପ୍ରକାଶ ବଡ଼ିଆ ଯୋଗଦେଇ ନବୀନ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟର ସଫଳ ରୂପାୟନ ସମ୍ପର୍କରେ ଉପସ୍ଥିତ କର୍ମୀଙ୍କୁ ଅବଗତ କରାଇବା ସହିତ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟ ଲାଭ କରି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମଜବୁତ କରିବା ସହ ବିଧାୟକପ୍ରଶାନ୍ତ କୁମାର ମୁଦୁଲିଙ୍କ ସଂଗଠନ କୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ପର୍ଯ୍ୟବେକ୍ଷକ ସମୀରରଞ୍ଜନ ଦାଶ କହିଥିଲେ କି ମାନ୍ୟବର ମୁଖ୍ୟମନ୍ତ୍ରୀ ଏବେ ସ୍ମାର୍ଟ ହେଲଥ୍ କାର୍ଡ ପ୍ରତ୍ୟେକ ପରିବାରକୁ ପ୍ରଦାନ କରୁଛନ୍ତି। ଯାହାଫଳରେ ମାଆମାନଙ୍କ ପାଇଁ ୧୦ଲକ୍ଷ ଟଙ୍କା ଓ ପୁରୁଷ ମାନଙ୍କ ପାଇଁ ପାଞ୍ଚଲକ୍ଷ ଟଙ୍କା ରହିଛି। ସାଧାରଣ ଲୋକ ମାନେ ସ୍ୱାସ୍ଥ୍ୟଗତ ସମସ୍ୟାହେଲେ ଯେକୋଣସି ବଡ ଚିକିତ୍ସାଳୟରେ ଚିକିତ୍ସା କରିପାରିବେ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିନଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତଯୋଜନା ମାନ ସାଧାରଣ ଲୋକମାନଙ୍କ ପାଇଁ କରିଛନ୍ତି। ସେଗୁଡିକର କିପରି ଗ୍ରାମାଞ୍ଚଳରେ ସଫଳ ରୁପାୟନ ହେବ ସେଥିପାଇଁ ସମସ୍ତେ ନିରନ୍ତର କାର୍ଯ୍ୟକରିବା ଆବଶ୍ୟକ। ଆଗକୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ। ତେଣୁ ସମସ୍ତେ ଏକାଠି ହୋଇ ଜଗତସିଂହପୁର ଜିଲାର ୨୬ଟି ଜିଲ୍ଲାପରିଷଦ ଓ ୮ଟି ବ୍ଲକରେ କ୍ଷମତା ଦଖଲ କରିବା ଓ ତାହାକୁ ସାଧାରଣ ଜନତାଙ୍କ ସାର୍ଥରେ ବିନିଯୋଗ କରିବା ବୋଲି କହିଥିଲେ। ଏହି ଅବସରରେ ଜଗତସିଂହପୁ



ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶ ଓ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ନେତୃତ୍ୱକୁ ପାଥେୟ କରି ବିଜୁଜନତା ଦଳରେ ସାମିଲ ହୋଇଛନ୍ତି। କଂଗ୍ରେସ ଦଳର ଯିଏକି ଚିରଞ୍ଜୀବ ବିଶ୍ୱାଳଙ୍କ ଏକାନ୍ତ ଅନୁଗତ ଥିବା ଆଲୋକ କୁମାର ଖୁଣ୍ଟିଆ,ସ୍ୱରୁପ ରଂଜନ ସ୍ୱାଇଁ(ସୁନିଲ),ନିତ୍ୟାନନ୍ଦ ପଣ୍ଡା,ଦିବାକର ନାୟକ,ବିରବର ନାୟକ,ସୁଧୀର ପତି,ଶ୍ରୀକାନ୍ତ ଜେନା, ସଂଜୀବ ଗୋଚ୍ଛାୟତ,ନଟବର ହାତୀ,ସୁର ଦଳେଇ,ବେନୁ ଭୋଇ,ନାରାୟଣ ଜେନା,ସୁଶାନ୍ତ ସ୍ୱାଇଁ,ଅଶୋକ ସ୍ୱାଇଁ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଓ ବିଜେପି କର୍ମୀ ବିଜୁଜନତାଦଳରେ ସାମିଲ ହୋଇଥିଲେ।ସେମାନଙ୍କୁ ମଧ୍ୟ ବିଜୁ ଜନତାଦଳ ପକ୍ଷର ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ,ଜଗତସିଂହପୁର ବ୍ଲକ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ବେହେରା,ଉପାଧ୍ୟକ୍ଷ ପ୍ରସନ୍ନ ମହାନ୍ତି,ଜୋନ ପର୍ଯ୍ୟବେକ୍ଷକ କାଳନ୍ଦୀ ପତି,ଜିଲ୍ଲାପରିଷଦ ସଭ୍ୟ ଜଗନ୍ନାଥ ମୁଦୁଲି,ସଭ୍ୟା କିରଣବାଳା ସାମଲ,ମଞ୍ଜୁ ମଲ୍ଲିକ,ବିଜୟିନୀ ଦେବୀ,ବ୍ଲକ ବିଜେଡି ମହିଳା ସଭାନେତ୍ରୀ ପ୍ରଭାତୀ ମହାନ୍ତି,ଜିଲ୍ଲା ବିଜେଡି ଉପସଭାପତି ଦିପ୍ତୀ ଦାସ,ବ୍ଲକ ବିଜେଡି ସଭାପତି ମନୋଜ କୁମାର ଭୋଇ,ନଗରବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର,ଯୁବ ବିଜେଡି ସାଧାରଣ ସଂପାଦକ ବିରେନ୍ଦ୍ର ବିଶ୍ୱାଳ,ଜିଲ୍ଲା ଆଇଟି ସଂଯୋଜକ ରତିରଂଜନ ବେହେରା,ଯୁବ ବିଜେଡି ବ୍ଲକ ସଭାପତି ସସ୍ମିତ କୁମାର ମହାନ୍ତି,ଛାତ୍ରବିଜେଡି ଜିଲ୍ଲା ସଭାପତି ସମିତ୍ କୁମାର ଲେଙ୍କା,ନାଉଗାଁ ବ୍ଲକ ବିଜେଡି ସଭାପତି ସୁଜିତ୍ ମଲ୍ଲିକ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ,ଜୋନ ପର୍ଯ୍ୟବେକ୍ଷକ ଅଜୟ କୁମାର ସ୍ୱାଇଁ,ଯୁବ ବିଜେଡି ସଂପାଦକ ପ୍ରଦୀପ୍ତ ରାଉତ,ପଞ୍ଚାୟତ ବିଜେଡି ସଂପାଦକ ସୁବାଷ ଗୋଚ୍ଛାୟତ ପ୍ରମୁଖ ବିଭିନ୍ନ ଜୋନରୁ ଶତାଧିକ ବିଜେଡି ର କର୍ମୀ ମାନେ ଯୋଗଦେଇଥିଲେ।

# ୧୫ରେ କଂଗ୍ରେସର ଧାରଣା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** "ଜୱାଦ" କ୍ଷତିଗ୍ରସ୍ତ ଚାଷୀଙ୍କୁ ରାଜ୍ୟ ସରକାର ତୁରନ୍ତ କ୍ଷତିପୂରଣ ଦିଅନ୍ତୁ ବୋଲି କଂଗ୍ରେସ କହିଛି। ଆର୍ଥୀକ ସହାୟତା, କୃଷି ରଣ ଛାଡ ସମେତ ବିଭିନ୍ନ ଦାବୀ ପୂରଣ ନ ହେଲେ ଚଳିତ ମାସ ୧୫ ତାରିଖରେ ରାଜଭବନ ସମ୍ମୁଖରେ ଧାରଣା ଦେବ ପ୍ରଦେଶ କିଷାନ କଂଗ୍ରେସ। "ଜୱାଦ" ଜନିତ ଅଦିନିଆ ବର୍ଷା ଓଡ଼ିଶାର ଚାଷୀଭାଇମାନଙ୍କ ବର୍ଷକର ଆହାର ଛଡାଇ ନେଇଛି। ଏଭଳି ବିପ୍ରାତ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ତରଫରୁ ସରକାରଙ୍କ ପାଖରେ ଦାବି କରାଯାଇଛି। ଏ ସଂପର୍କରେ କଂଗ୍ରେସ ଭବନଠାରେ ଗତ ୮ ତାରିଖରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ, ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଓ ବରିଷ୍ଠ ମୁଖପାତ୍ର ଅମୀୟ ପାଣ୍ଡବ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ, ଏଭଳି ସଂଗୀନ ପରିସ୍ଥିତିରେ ସରକାର ଅବିଳମ୍ବେ ଚାଷୀମାନଙ୍କ ଉପରୁ କୃଷି ରଣ ଛାଡ କରନ୍ତୁ। ସରକାରଙ୍କ ତରଫରୁ ୩୩% ରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ଯେଉଁ କୃଷି ଇନ୍‌ପୁଟ୍ ସହାୟତାର ପ୍ରଚଳିତ ବ୍ୟବସ୍ଥା ରହିଛି ତାହାକୁ ତୁରନ୍ତ ପରିବର୍ତ୍ତନ କରାଯାଇ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସଂଶୋଧିତ ବୃଦ୍ଧି ସହାୟତା ପ୍ରଦାନ କରାଯିବାକୁ କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଦୃଢ ଦାବି କରିଛନ୍ତି।

ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଗୁଣ୍ଠ ପ୍ରତି ସର୍ବନିମ୍ନ ୩ହଜାର ଟଙ୍କା କ୍ଷତିପୂରଣ ରାଶି ସରକାର ପ୍ରଦାନ କରିବା, ଚଳିତ ରବି ଋତୁ ପାଇଁ ସରକାର ମାଗଣାରେ ଚାଷୀଙ୍କୁ ଉତ୍କୃଷ୍ଟମାନର ବିହନ, ସାର, କୀଟନାଶକ ଔଷଧ ଯୋଗାଇଦେବା ଓ କ୍ଷତିଗ୍ରସ୍ତ ଭାଗ ଚାଷୀଙ୍କୁ ସରକାର ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ମୁଖପାତ୍ର ଶ୍ରୀ ଗୁରୁ ସରକାରଙ୍କ ନିକଟରେ ଦୃଢ ଦାବି କରିଛନ୍ତି। "ଜୱାଦ" କ୍ଷତିଗ୍ରସ୍ତ କୃଷକମାନଙ୍କୁ ଉପଯୁକ୍ତ ସହାୟତା ରାଶି ପ୍ରଦାନ କରିବାକୁ ଗତକାଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ମାନବ୍ୟର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି।

# କଟକରେ ୱାର୍ଡ ସଂରକ୍ଷଣ ପ୍ରକାଶ ପାଇଲା

**କଟକ(ସଂପର୍କବାର୍ତ୍ତା):-** ଆସନ୍ତା ପୌର ନିର୍ବାଚନ ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କଟକ ମହାନଗର ନିଗମ (ସିଏମ୍‌ସି)ରେ ୱାର୍ଡ଼ ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ଚିଠା ତାଲିକା ପ୍ରକାଶ ପାଇଛି। ଓଡ଼ିଶା ପୌର ନିଗମ-୨୦୦୩ ଧାରା ୬୦ ଉପଧାରା(୧) ନିୟମ ୩ ମୁତାବକ (ସହର ୱାର୍ଡ଼ ବିଭାଜନ, ସଂରକ୍ଷଣ ଏବଂ ନିର୍ବାଚନ ଆଚରଣ) ନିୟମ ୨୦୦୩ ଅନୁସାରେ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ଏଠି ଚିଠା ତାଲିକାରେ କଟକ ମହାନଗର ନିଗମ (ସିଏମସି) କୁ ୫୯ଟି ୱାର୍ଡ଼ରେ ବିଭକ୍ତ କରାଯିବା ସହିତ ସୀମାରେଖା ନିର୍ଦ୍ଧାରଣ କରାଯାଇଛି। ସେହିପରି ୫୦ ପ୍ରତିଶତ ସଂରକ୍ଷଣ ତାଲିକା ମଧ୍ୟ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଜାରି କରାଯାଇଛି। ଏ ସଂକ୍ରାନ୍ତରେ କୌଣସି ଆପତ୍ତି ଓ ଅଭିଯୋଗ ପାଇଁ ୧୦ଦିନ ସମୟ ରଖାଯାଇଛି। ଧାର୍ଯ୍ୟ ସମୟ ବିତିବା ପରେ ଆପତ୍ତି ଓ ପରାମର୍ଶ ଗ୍ରହଣ କରାଯିବ ନାହିଁ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

୨୦୧୪ ରେ ୫୯ ୱାର୍ଡ଼ ପାଇଁ ରାଜ୍ୟ ସରକାରଙ୍କୁ ପକ୍ଷରୁ ଯାହା ସୀମା ନିର୍ଦ୍ଧାରଣ କରାଯାଇଥିଲା ତାହାକୁ ବଳବତ୍ତର ରଖାଯାଇଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ତେବେ ୱାର୍ଡ଼ ସଂରକ୍ଷଣରେ ପରିବର୍ତ୍ତନ ହୋଇଛି। ନିୟମ ଅନୁସାରେ ୫୦ ପ୍ରତିଶତ ହିସାବରେ ସମୁଦାୟ ୪୦ଟି ୱାର୍ଡ଼ ସଂରକ୍ଷିତ ରଖାଯାଇଛି। ପଛୁଆ ବର୍ଗଙ୍କ ନିମନ୍ତେ ୧୫ଟି ୱାର୍ଡ଼ ସଂରକ୍ଷଣ ଥିଲା ବେଳେ ଏଥିମଧ୍ୟରୁ ୭ଟି ୱାର୍ଡ଼ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ସେହିପରି ଅନୁସୂଚିତ ଜାତି ପାଇଁ ୭ଟି ୱାର୍ଡ଼ରୁ ମହିଳାଙ୍କ ନିମନ୍ତେ ୪ଟି ସଂରକ୍ଷିତ ରହିଥିଲା ବେଳେ ଅନୁସୂଚିତ ଜନଜାତି ପାଇଁ ୧ଟି ୱାର୍ଡ଼ ଏବଂ ୧୭ଟି ୱାର୍ଡ଼ କେବଳ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ପଛୁଆବର୍ଗ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ମହିଳା ସଂରକ୍ଷଣକୁ ମିଶାଇ ସମୁଦାୟ ୩୦ଟି ୱାର୍ଡ଼ କେବଳ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ୧୯ଟି ୱାର୍ଡ଼ ସାଧାରଣବର୍ଗ ରହିଛି। ୱାର୍ଡ଼ ସଂରକ୍ଷଣ ତାଲିକା ପ୍ରକାଶ ପରେ ସହରରେ ରାଜନୈତିକ ଉଷ୍ମତା ପ୍ରକାଶ ପାଇଛି।

# ପଦ୍ମଶ୍ରୀ ନନ୍ଦସାର୍‌ଙ୍କ ବିୟୋଗରେ ମନ୍ତ୍ରୀ ସମୀର ଦାଶଙ୍କ ଶୋକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟିଙ୍କ ବିୟୋଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗଭୀର ଶୋକ ପ୍ରକାଶ କରି କହିଛନ୍ତି ଯେ ନନ୍ଦସାର୍ ଜଣେ ଅମାୟିକ, ସମାଜସେବୀ ଏବଂ ଚାଟଶାଳୀର ଶିକ୍ଷାଗୁରୁ ଥିଲେ। ତାଙ୍କର ତିରୋଧାନ ସମଗ୍ର ଶିକ୍ଷା ସମାଜ ପାଇଁ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଦୀର୍ଘ ୭୫ବର୍ଷ ଧରି ବିନା ପାରିଶ୍ରମିକରେ ଚାଟଶାଳୀରେ ସେ ପିଲାମାନଙ୍କୁ ଶିକ୍ଷାଦାନ କରି ଆସୁଥିଲେ।



ସ୍ୱର୍ଗତ ନନ୍ଦସାର୍‌ଙ୍କ ଶେଷକୃତ୍ୟରେ ମନ୍ତ୍ରୀ ଶ୍ରୀ ଦାଶ ସମ୍ମାନ ପ୍ରଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ମନ୍ତ୍ରୀ ଶ୍ରୀ ଦାଶ ଶୋକସନ୍ତପ୍ତ ପରିବାରବର୍ଗ, ଶୁଭେଚ୍ଛୁମାନଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

# ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ପତାକା ପ୍ରଦାନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗତ ୭ ତାରିଖ ପୂର୍ବାହ୍ନରେ ଜାତୀୟ ସଶସ୍ତ୍ରବାହିନୀ ପତାକା ଦିବସ ଉପଲକ୍ଷେ ବିଧାନସଭା କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଗୃହରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ କମୋଡର ଘନଶ୍ୟାମ୍ ଓଝା ସଶସ୍ତ୍ରବାହିନୀ ପତାକା ପ୍ରଦାନ କରିଥିଲେ। ରାଜ୍ୟ ସୈନିକ ବୋର୍ଡ ଆନୁକୂଲ୍ୟରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଦିବଂଗତ ସୈନିକଙ୍କ ପରିବାରବର୍ଗଙ୍କ ଆର୍ଥିକ ସହାୟତା ନିମନ୍ତେ ଦାନ ପାଣ୍ଠି ସଂଗ୍ରହ ଅଭିଯାନ କରାଯାଇଥାଏ। ଏହା ବ୍ୟତୀତ ଆଘାତପ୍ରାପ୍ତ ସୈନିକଙ୍କ ଚିକିତ୍ସା, ଯୁଦ୍ଧବିଧବା, ଅନାଥ ଶିଶୁ, ଅକର୍ମଣ୍ୟ ସୈନିକ, ବୃଦ୍ଧ ଓ ଦୁର୍ବଳ ସୈନିକମାନଙ୍କ ସହାୟତାରେ ଏହି ଅର୍ଥ ବିନିଯୋଗ କରାଯାଇଥାଏ। ଏହି ଅବସରରେ ଅନୌପଚାରିକ ଭାବେ ରାଜ୍ୟ ସୈନିକ ବୋର୍ଡ ନିମନ୍ତେ ଭୁବନେଶ୍ୱରଠାରେ ଏକ ଦପ୍ତର ଖୋଲିବା ସକାଶେ ରାଜ୍ୟ ସରକାରଙ୍କଠାରୁ ଖଣ୍ଡେ ଜମି ପାଇଁ ଆବେଦନ କରିବାକୁ ବୋର୍ଡ ତରଫରୁ ପରାମର୍ଶ ମଗାଯାଇଥିଲା। ଆଗାମୀ ଦିନରେ ଅବସରପ୍ରାପ୍ତ



ସୈନିକମାନଙ୍କୁ ନେଇ ଏକ ବୈଠକ ଆହୂତ କରିବା ଏବଂ ସୈନିକ ବୋର୍ଡର ପରିସରକୁ ଆହୁରି ବ୍ୟାପକ କରିବାରେ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର ସହଯୋଗ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ନୂଆବଜାର ଓଭର ବ୍ରିଜ ତଳେ 'ସେକ୍ସ'

**କଟକ(ସଂପର୍କବାର୍ତ୍ତା):-** ନୂଆବଜାର ଓଭରବ୍ରିଜ ଏବେ ପାଲଟିଛି ଗାଡ଼ି ପାର୍କିଂ ସ୍ଥାନ। ଏପଟେ ଗାଡ଼ି ପଛପଟେ ଚାଲିଛି ପ୍ରେମୀ ଯୁଗଳଙ୍କୁ ସେକ୍ସ ର୍ୟାକେଟ। ସନ୍ଧ୍ୟା ହେଲା ମାତ୍ରେ ଓଭର ବ୍ରିଜରେ ପ୍ରେମୀ ଯୁଗଳଙ୍କ ଭିଡ଼ ଜମୁଛି। ସେଲଫି ଚାଲିଛି। ଗାଡ଼ି ପାର୍କିଂ ଯୋଗୁଁ ଏମାନଙ୍କୁ ଭଲ ସୁହାଇଛି। ସାଧାରଣ ଲୋକ ଯାତାୟତାରେ ଅସୁବିଧା ଭୋଗୁଥିବା ଅଭିଯୋଗ ହେଉଛି।

ପୋଲ ଉପରେ କିଏ ସେଲଫି ନେଉଛି ତ ଆଉ କିଏ କେକ କାଟି ଜନ୍ମଦିନ ପାଳୁଛି। ଏପରିକି କେତେକ ଯୁବକ ଦାମିକା ବାଇକ ଧରି ପୋଲରୁ ଦ୍ରୁତ ଗତିରେ ହର୍ଣ୍ଣ ବଜାଇ ପୋତାପୋଖରୀ ଥିବା ଦୋକାନୀମାନେ ତଥା ବାସିନ୍ଦା ଏବଂ ସାଧାରଣ ଜନତା ନିଜକୁ ସୁରକ୍ଷିତ ମଣୁନାହାନ୍ତି। ନିକଟ ଅତୀତରେ ମୁନା ନାମକ ଜଣେ ହୋଟେଲ ମାଲିକ ବାଇକ ଧକ୍କାରେ ଗୁରୁତର ହୋଇଥିଲେ। ଶିକ୍ଷାନୁଷ୍ଠାନ ଘରକୁ ଫେରୁଥିବା ଛାତ୍ରୀମାନେ ପୋଲ ଉପରେ ଯିବାକୁ ସୁରକ୍ଷିତ ମଣୁ ନାହାନ୍ତି। ପୋଲିସ ପେଟ୍ରୋଲିଂ ନାହିଁ କହିଲେ ଚଳେ। ଏଣୁ ଅସାମାଜିକମାନେ ନିର୍ଭୟରେ ମଦ୍ୟ ପାନ କରିବା, ଅସଂଯତ ଅବସ୍ଥାରେ ଟ୍ରକ ତଳେ ଶୋଇବା, ସର୍ବୋପରି ଝିଅ ବୋହୁଙ୍କୁ କମେଣ୍ଟ ମାରିବା ବ୍ରିଜ ଉପରେ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବିଶେଷ କରି ରାତିବେଳେ ଓଭର ବ୍ରିଜରେ ଯାତାୟତା କରିବାକୁ ଲୋକେ ଭୟ କରୁଛନ୍ତି। ଏଇ କିଛି ଦିନ ହେବ ସ୍ଥାନୀୟ ଥାନାକୁ ଯା ଙ୍କର ଭୟ ନ ଥିବା ଲକ୍ଷ କରାଯାଇଛି। ଏଥିପ୍ରତି ଡିସିପି ମହୋଦୟ ଦୃଷ୍ଟି ଦେବାକୁ ଦାବି ହେଉଛି।

# 'ଓସେପା'ର ରାଜ୍ୟସ୍ତରୀୟ କଳା ଉତ୍ସବ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓସେପା ଆନୁକୁଲ୍ୟରେ ଚଳିତ ମାସ ଡିସେମ୍ବର ୭ ଓ ୮ ତାରିଖରେ ରାଜ୍ୟସ୍ତରୀୟ କଳା ଉତ୍ସବ-୨୦୨୧ ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ହେତୁ ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପିଲାମାନଙ୍କୁ ତଥ୍ୟ ଶିକ୍ଷକ ଓ ଅଭିଭାବକମାନଙ୍କୁ ପାଠପଢା ସହିତ ପିଲାର ସାମଗ୍ରିକ ଦକ୍ଷତା ବିକାଶ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଗତବର୍ଷର ଜାତୀୟସ୍ତର ବିଜେତା ଛାତ୍ରଛାତ୍ରୀଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ଓସେପାର ନିର୍ଦ୍ଦେଶକ




ପ୍ରେମଚାନ୍ଦ ଚୌଧୁରୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର କଳା ଓ ସଂସ୍କୃତି ପାଇଁ ଆଗ୍ରହ ତଥା ସାମଗ୍ରିକ ବିକାଶର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। କଳା ଓ ସଂସ୍କୃତି ମାଧ୍ୟମରେ ଓଡ଼ିଶାର ପାରମ୍ପରିକ କଳାକୁ ଦେଶ ତଥା ବିଶ୍ୱସମୂହରେ ପହଞ୍ଚାଇବା ପାଇଁ ପିଲାମାନଙ୍କ ପ୍ରଚେଷ୍ଟାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଦିବସ ଅବସରରେ ବଲାଙ୍ଗୀର ସ୍ଥିତ ପଥରଚେପା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ରୂପାନ୍ତରିତ ବିଦ୍ୟାଳୟ ସଂଗୀତ 'ହସିବରେ ହସିବ' ଗୀତ ଗାଇ ଶୁଭାରମ୍ଭ କରିଥିଲେ। ବିଦ୍ୟାର୍ଥୀମାନଙ୍କ ପ୍ରତିଯୋଗିତା ମୂଲ୍ୟାଙ୍କନ ଏକ ସ୍ୱତନ୍ତ୍ର ବିଚାରକ ମଣ୍ଡଳୀ ଦ୍ୱାରା କରାଯାଇଥିଲା। ଏହି ପ୍ରତିଯୋଗିତାଗୁଡିକୁ ୯ ଭାଗରେ ବିଭକ୍ତ କରାଯାଇ ପରିବେଷଣ କରାଯାଇଥିଲା।

# ବେଲ୍‌ଭ୍ୟୁ ଛକରୁ ବିଜୁ ପଟ୍ଟନାୟକ ପାର୍କ ଗଡ଼ା କାମ ଅଧା

**କଟକ(ସଂପର୍କବାର୍ତ୍ତା):-** ତିନିବର୍ଷ ତଳେ ଆରମ୍ଭ ହୋଇଥିବା କାଠଯୋଡ଼ି ନଦୀବନ୍ଧ ଦୋହରୀକରଣ କାମ। ଏହି କାମ ବେଲ୍‌ଭ୍ୟୁ ଛକରୁ ବିଜୁ ପଟ୍ଟନାୟକ ପାର୍କ ଗଡ଼ା ଛକଯାଏ ହେବାକୁ ଥିଲା। ପ୍ରାୟ ତିନି କିଲୋମିଟର ଲମ୍ବ ଏଡି କାମ ବର୍ତ୍ତମାନ ସୁଦ୍ଧା ଅଧାପନ୍ତରିଆ ହୋଇ ପଡ଼ି ରହିଥିବା ବେଳେ କାମ କେବେ ସରିବ ସେ କଥା କାହାକୁ ଜଣା ନାହିଁ।

ଆରମ୍ଭରୁ ଠିକାଦାର ରାସ୍ତାର ଗୋଟିଏ ପାର୍ଶ୍ୱରୁ କାମ ନ କରି, ଏଠୁ ଟିକେ, ସେଠୁ ଟିକେ କରି କାମ ଆରମ୍ଭ କରିଥିଲେ। ବେଲ୍‌ଭ୍ୟୁ ଛକରୁ କିଛିବାଟ କାମ ଆରମ୍ଭ କରାଯିବା ପରେ କାମ ବନ୍ଦ କରିଦିଆଗଲା। କିଛିମାସ ପରେ ପୁନର୍ବାର କାମ ଆରମ୍ଭ ହୋଇଥିଲା। ରାସ୍ତାରେ ପ୍ରାୟ ୫୦ ମିଟର ଲମ୍ବ ଏକ ପୋଲ ନିର୍ମାଣ କରାଯିବାକୁ ଥିବାବେଳେ ତାହା ନିର୍ମାଣ କରା ନ ଯାଇ ଅନ୍ୟ ପଟେ ରାସ୍ତା ନିର୍ମାଣ କରାଗଲା। ଏହାର ବହୁଦିନ ପରେ ପୋଲର ନିର୍ମାଣ କାମ ଆରମ୍ଭ ହୋଇଥିଲା। ତାହା ମଧ୍ୟ ୬ ମାସ ଯାଏ ଚାଲିଲା। ସେପଟେ ବହୁ ଯାଗାରେ ରାସ୍ତା କାମ ଅଧପନ୍ତରିଆ ଭାବେ କରାଯାଉଥିବା ବେଳେ ମାସ ମାସ ଧରି କାମ ବନ୍ଦ ରହିବା ପରେ ପୁନର୍ବାର କାମ ଆରମ୍ଭ ହେଉଥିଲା। ରାସ୍ତାର ୯୦ ଭାଗ କାମ ସରିଥିବା ବେଳେ ଏବେ ଆହୁରି କିଛି କାମ ବାକି ପଡ଼ିଛି। ରାସ୍ତା ଦୋହରୀକରଣ କାମ ସଂପୂର୍ଣ୍ଣ ନ ହେବା କାରଣରୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏବେ ଏହି ରାସ୍ତା ଦେଇ କଟକ ଓ ଭୁବନେଶ୍ୱରରୁ ରାତିରେ ରାଉରକେଲା, ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୁଳ, ଆଠମଲ୍ଲିକ ଆଦି ଅଞ୍ଚଳକୁ ବହୁ ବସ୍ ଯିବାଆସିବା କରୁଛି। ରାତିରେ ଲୋକେ ଘରକୁ ଫେରିବା ବେଳେ ରାସ୍ତା ସଂକୀର୍ଣ୍ଣ ହେତୁ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ଅଧପନ୍ତରିଆ କାମ ସାରିବାକୁ ସାଧାରଣରେ ଦାବି ହେଉଛି।

## ନୂଆବଜାରରେ ଅଟୋରେ ବସି

# ଡ୍ୟୁଟି କରୁଛି ଟ୍ରାଫିକ୍ ପୋଲିସ୍

**କଟକ(ସଂପର୍କବାର୍ତ୍ତା):-** କମିସନରେଟ୍ ପୁଲିସ ତରଫରୁ ନୂଆବଜାର ଛକରେ ଯାନବାହନ ନିୟନ୍ତ୍ରଣ ପାଇଁ ଟ୍ରାଫିକ୍ ପୋଷ୍ଟ ନିର୍ମାଣ କରାଯାଇଥିଲା। ନୂଆବଜାର ସେତୁ ତଳେ ୨୦୧୯ ଫେବୃଆରୀ ୧୨ରେ ଟ୍ରାଫିକ ପୋଷ୍ଟଟି ନିର୍ମାଣ ହୋଇଥିଲେ ମଧ୍ୟ ଏହି କାର୍ଯ୍ୟରେ ଲାଗୁନି। କାର୍ଯ୍ୟରେ ଲାଗୁନଥିବାରୁ ଟ୍ରାଫିକ୍ ପୋଷ୍ଟଟି ଅସ୍ତିତ୍ୱ ହରାଇଲାଣି। ଏଥିଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି।

ରାସ୍ତା ପାର୍ଶ୍ୱରେ ଉଠା ଦୋକାନୀମାନେ ବେଆଇନ ଭାବେ ସର୍ବସାଧାରଣ ରାସ୍ତାକୁ କବ୍‌ଜା କରି ବ୍ୟବସାୟ କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବେଆଇନ ପାର୍କିଂ ଓ ଉଠାଦୋକାନୀଙ୍କ ବିରୋଧର ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ନୂଆବଜାର ଛକରେ ଟ୍ରାଫିକ୍ ପୋଲିସ ମୁତୟନ ରହିଥିଲେ ମଧ୍ୟ ଟ୍ରାଫିକ ନିୟନ୍ତ୍ରଣ କରିବାରେ ବିଫଳ ହେଉଛି। ଟ୍ରାଫିକ କର୍ମଚାରୀ (ପୁଲିସ) କାର୍ଯ୍ୟରେ ନିୟୋଜିତ ଥିବା ସମୟରେ ମୋବାଇଲ (ଦୂରଭାଷ) ଯନ୍ତ୍ର ବ୍ୟବହାରରେ ବ୍ୟସ୍ତ ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଅଧିକାଂଶ ସମୟରେ ଛକରେ ଟ୍ରାଫିକ ପୁଲିସ ଅନୁପସ୍ଥିତ ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପାରାଦ୍ୱୀପ ଜାତୀୟ ରାଜପଥ ରାସ୍ତାରେ ଉଠା ଦୋକାନୀ ଓ ଗାଡ଼ି ପାର୍କିଂ ଯୋଗୁଁ ଅଧିକାଂଶ ସମୟରେ ଆମ୍ବୁଲାନ୍ସ (ରୋଗୀ ବୁହା ଯାନ), ଅଗ୍ନିଶମ ଗାଡ଼ି (ଦମକଳ ଯାନ) ଆସିଲେ ଭିଡ଼ରେ ଫସି ରହୁଥିବା ପରିଲକ୍ଷିତ ହେଉଅଛି।

# ପାରାଦୀପ ପୌରପାଳିକା ବିଫଳ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ସାମୁଦ୍ରିକ ବାତ୍ୟା ଜୱାଦର ପ୍ରଭାବ ବନ୍ଦର ସହର ପାରାଦୀପରେ ଦେଖିବାକୁ ମିଳିଛି। ତିନି ଦିନ ଧରି ପାଗ କୋହଲା ରହିବା ସହିତ ବର୍ଷା ଲାଗି ରହିଥିଲା। ଏହି ଲଗାଣ ବର୍ଷା ଆହୁରି ତୀବ୍ରତର ହୋଇଥିଲା ରବିବାର ମଧ୍ୟାହ୍ନରେ। ରବିବାର ଦିନ ପ୍ରାୟ ସାଢେ ଗୋଟାଏରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୂଷଳ ଧାରାରେ ବର୍ଷା ହୋଇଥିଲା। ପାରଦୀପରେ ପାଖାପାଖି ୬୦ମିଲିମିଟର ବର୍ଷା ହୋଇଥିଲା। ଏହି ବର୍ଷା ଫଳରେ ସହରର ବିଭିନ୍ନ କଲୋନୀ ଓ ବସ୍ତି ଅଂଚଳର ଅବସ୍ଥା ବେହାଲ ହୋଇପଡିଛି। ପାରାଦୀପ ପୌରପାଳିକା ଡ୍ରେନ୍ ପରିଚାଳନାରେ ବିଫଳତାର ନଗ୍ନ ଚିତ୍ର ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି। ରାଜ୍ୟରେ ହୋଲଡିଙ୍ଗ ଟିକସ୍ ଆଦାୟରେ ପ୍ରଥମ ହୋଇଥିବା ପାରାଦୀପ ପୌରପାଳିକା ଡ୍ରେନ୍ ଗୁଡିକ ସଫା ନକରିବା କାରଣରୁ ଡ୍ରେନ୍‌ରେ ପାଣି ନଯାଇପାରି ଲୋକମାନଙ୍କ ଘରେ ପଶୁଥିବା ଦେଖିବାକୁ ମିଳିଛି। କଲୋନୀମାନଙ୍କରେ ରାସ୍ତାପାଣି ଘରେ ପଶିଯିବା କାରଣରୁ ଲୋକମାନେ ଘରୁ ପାଣି ବୋହିବାରେ ଲାଗି ପଡିଥିଲେ। କଲୋନୀରେ ଥିବା ବନ୍ଦରର ଘର ଗୁଡିକ ମରାମତି ହେଉନଥିବାରୁ ଘରର ଆଜବେଷ୍ଟ ଓ କାନ୍ଥରୁ ପାଣି ନିଗିଡି ଘରେ ଭର୍ତ୍ତୀ ହୋଇଯାଇଥିଲା। ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏହି ଘର



ଗୁଡିକର ଆଉ ମରାମତି କରୁ ନଥିବାରୁ ଘର ଗୁଡିକର ଅବସ୍ଥା ଅତି ଖରାପ ହୋଇଗଲାଣି। ଲଗାଣ ବର୍ଷା ଯୋଗୁଁ ଘର ଭିତରେ ପାଣି ଓ ପୌରପାଳିକା ଡ୍ରେନ୍ ସଫା କରୁନଥିବାରୁ ରାସ୍ତାର ବର୍ଷା ଓ ଡ୍ରେନ୍ ପାଣି ଘରେ ପଶୁଥିବା ଦେଖାଯାଇଛି। ସହରର କଲୋନୀ ଅଂଚଳର ଏପରି ଅବସ୍ଥା ଓ ବସ୍ତି ଅଂଚଳର ଅବସ୍ଥା ନକହିବା ଭଲ। ଜୱାଦର ପ୍ରଭାବରେ ଏହି ଲଗାଣ ବର୍ଷା ବସ୍ତିରେ ରହୁଥିବା ଲୋକମାନଙ୍କ ଘରେ ପଶି ହାଣ୍ଡି କଡେଇ ଭାସୁଥିଲା। ଲୋକମାନେ ଘରର ଖଟ ଉପରେ ପରିବାର ସହିତ ବସିଥିଲେ। ରୋଷେଇ କରିନପାରି ଭୋକ ଉପାସରେ ରହିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ସାହାଯ୍ୟ ମିଳିନଥିବା ବସ୍ତି ଅଂଚଳର ଲୋକମାନେ ଅଭିଯୋଗ କରିଛନ୍ତି। ଏପରି ସ୍ଥଳେ ପାରାଦୀପର ଏନ୍.ଓ.ସି. ଫାଉଣ୍ଡେସନ୍ ଓ ମନଷା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଲୋକମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି ଦୁଇ ସଙ୍ଗଠନ ପକ୍ଷରୁ ସ୍ୱେଚ୍ଛାସେବୀମାନେ ବର୍ଷା ଓ ପବନରେ ବୁଲି ବୁଲି ଲୋକଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ହେଲେ ସାଧାରଣ ଲୋକଙ୍କୁ ଏଭଳି ସମୟରେ ସାହାଯ୍ୟର ହାତ ବଢୋଇବାକୁ ପାରାଦୀପ ପୌରପାଳିକା କର୍ତ୍ତୃପକ୍ଷଙ୍କର ଦେଖା ଦର୍ଶନ ମିଳିନଥିଲା।

# ଏରସମା ତହସିଲ ସମ୍ମୁଖରେ ବିକ୍ଷୋଭ

**ଏରସମା(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅଖିଳ ଭାରତ କୃଷକ ସଭା କମିଟି ପକ୍ଷରୁ ଗତ ଜୱାଦ ବାତ୍ୟା ଜନିତ ବର୍ଷାରେ କ୍ଷୟକ୍ଷତିର ତୁରନ୍ତ ଆକଳନ ପୂର୍ବକ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ,ପ୍ରତି ପରିବାରକୁ ପଲିଥିନ ପ୍ରଦାନ,ଆସନ୍ତା ବର୍ଷେ ପର୍ଯ୍ୟନ୍ତ ମାଗଣାରେ ଗୋଖାଦ୍ୟ ପ୍ରଦାନ,କୃଷିରଣ ଛାଡ,ଚାଷୀଙ୍କୁ ନୂତନ କୃଷି ରଣ ପ୍ରଦାନ,ଚାଷୀଙ୍କୁ ଶହେ ଶତକଡା ଇନ୍‌ସୁରାନ୍ସ ପ୍ରଦାନ ଦାବିରେ ଏରସମା ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଏକ ଦାବିପତ୍ର ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। କୃଷକ ସଭା ବ୍ଲକ ସମ୍ପାଦକ ରାମଚନ୍ଦ୍ର ମୁଦୁଲି,ସଭାପତି ବଂଶୀଧର ବେହେରା ଓ ସହ ସମ୍ପାଦକ ସର୍ବେଶ୍ୱର ବେଉରାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏକ ଶୋଭାଯାତ୍ରାରେ ଏରସମା ବଜାର ପରିକ୍ରମା ପରେ ତହସିଲ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏହି ବିକ୍ଷୋଭ ପ୍ରତିବାଦ ସଭାରେ ସିପିଆଇର ଜିଲ୍ଲା ସମ୍ପାଦକ ଅଭିଜିତ ସାହୁ,କୃଷକ ସଭା ରାଜ୍ୟ ସଭାପତି ଶଶିଭୂଷଣ ସ୍ୱାଇଁ, ଯୁବନେତା ଦେବାଶିଷ ପରିଜା ଯୋଗଦେଇ ଜିଲ୍ଲାପ୍ରଶାସନର ବିଫଳତା ନେଇ ତୀବ୍ର ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷକ ସଭା ବ୍ଲକ ସମ୍ପାଦକ ରାମଚନ୍ଦ୍ର ମୁଦୁଲି, ଶରତ ମଲ୍ଲିକ, ସମରେଶ ମୁଦୁଲି,ରମେଶ ପାଇଟାଳ,ଉତ୍ତମ ହାତି,ବିଶ୍ୱନାଥ ବେହେରା ପ୍ରମୁଖ ଯୋଗଦେଇ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଥିଲେ।




# ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ମିଶ୍ରଙ୍କ ସ୍ମୃତି ସଭା

**ଏରସମା(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନସ୍ଥ ମୁଦୁପୁର ପଞ୍ଚାୟତସ୍ଥ କନ୍ତାର ଗ୍ରାମର ଶିକ୍ଷାବିତ୍ ,ଧର୍ମପ୍ରାଣ ସଂସ୍କୃତିପ୍ରେମୀ ବ୍ୟକ୍ତିତ୍ୱ ଈଶ୍ୱରଚନ୍ଦ୍ର ମିଶ୍ରଙ୍କର ଦ୍ୱାଦଶାହ ଉପଲକ୍ଷେ ସ୍ମୃତିସଭା ତଥା କବି ସମ୍ମିଳନୀ ନବକାକଳିର ସଂପାଦକ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ସଂଯୋଜକଙ୍କ ସମେତ ରାଜନୀତିଜ୍ଞ ନଟବର ବାରିକ,ଲକ୍ଷ୍ମୀନାରାୟଣ ସାମନ୍ତରାୟ,ଗଜେନ୍ଦ୍ର ମିଶ୍ର ,କବି କୃଷ୍ଣଚନ୍ଦ୍ର ନନ୍ଦ,ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଶିଶିର କୁମାର ତ୍ରିପାଠୀମନ୍ତ୍ର ଆମନ୍ତ୍ରଣ କଲାବେଳେ ସର୍ବଶ୍ରୀ ପ୍ରଦୀପ କୁମାର ପାଳ ମନୋରମା ଦାଶ, ମାତୃପ୍ରସାଦ ଶୁଭ୍ରଜିତ, କେଦାର ଦାସ, ପୁରୁଷୋତ୍ତମ ଦାସ,ସପ୍ନେଶ ନନ୍ଦ ସସ୍ମିତ ରଥ,ମିନତି ମିଶ୍ର,ପ୍ରଭାତୀ ମିଶ୍ର, ହେମନ୍ତ



ପାଳ,ବେଣୁଧର ବେହେରା ସ୍ୱରଚିତ କବିତା ସୁମନ ରେ ଶ୍ରଦ୍ଧାଞ୍ଜଳୀ ବାଢିଥିଲେ। ସୁରପ୍ରସାଦ ବାରିକ ,ପଣ୍ଡିତ ସୁରେନ୍ଦ୍ର ଦାଶ ,ଉତ୍କଳରଂଜନ ମହାନ୍ତି ,ପ୍ରମୋଦ କୁମାର ଷଡଙ୍ଗୀ ,ସୁବିତ ତ୍ରିପାଠୀ,ସମିତି ସଭ୍ୟା ମୌସୁମୀ ବାରିକ,ବ୍ରହ୍ମପ୍ରସାଦ ମହାପାତ୍ର ,କୁମାର ସାଇନୁ ପ୍ରମୁଖସ୍ମୃତି ଅର୍ଘ୍ୟ ପ୍ରଦାନ କରିଥିଲେ। ସାମ୍ବାଦିକ ତଥା ଛାତ୍ର ପ୍ରଦୀପ୍ତ କିଶୋର ଚୌଧୁରୀ ଗୁରୁ ଛାତ୍ର ଙ୍କ ସମ୍ପର୍କ ଉପରେ ଆଲୋକପାତ କରିଥିବା ବେଳେ କନିଷ୍ଠ ଭ୍ରାତା ଶିଶିର କୁମାର ମିଶ୍ର କୋହଭରା କଣ୍ଠରେ ସ୍ମୃତି ଚାରଣ ସହ ଧନ୍ୟବାଦ ଅର୍ପଣ କରିଥିଲେ।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
ଡିସେମ୍ବର ୧୩ ରୁ ୧୯, ୨୦୨୧, ଜଗତସିଂହପୁର
December 13 to 19, 2021, Jagatsinghpur


# ଜଗତସିଂହପୁର ଜିଲ୍ଲାରେ ୨୧୫କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାରେ ବିଜୁ ସେତୁ ଯୋଜନାରେ ବୋରିକିନା-ସୁଙ୍ଗୁଡା ରାସ୍ତାର ସ୍ଥାନୀୟ ନାଳ ଉପରେ ସେତୁ, ପାଇକା ନଦୀ ଉପରେ ଲଙ୍କାପଡାଠାରେ ଏକ ଉଚ୍ଚସ୍ତରୀୟ ସେତୁ, ମା ଶାରଳାଙ୍କ ମନ୍ଦିର ନିକଟରେ ମାର୍କେଟ,ପାରଦୀପ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଏବଂ ପାରାଦୀପ କୋଭିଡ ଚିକିତ୍ସାଳୟରେ ଚାପଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ ଉତ୍ପାଦନ ଓ ବଣ୍ଟନ ଆଦି ବିଭିନ୍ନ ପ୍ରକଳ୍ପ ଉଦ୍ ଘାଟିତ ହେବା ସହିତ ଅନେକ ପ୍ରକଳ୍ପ ପାଇଁ ଭିତ୍ତି ପ୍ରସ୍ତର ରଖାଯାଇଥିଲା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଗତସିଂହପୁର ଜିଲ୍ଲା ଓଡିଶାର ଏକ ଆଗୁଆ ଜିଲ୍ଲା ଶିଳ୍ପ, କୃଷି ସବୁଥିରେ ଜଗତସିଂହପୁର ଜିଲ୍ଲାର ସୁନାମ ରହିଛି । ଜଗତସିଂହପୁର ଜିଲ୍ଲାରୁ ହିଁ ବିଜୁ ବାବୁ ଓଡିଶାର ବିକାଶ ଯାତ୍ରାର ଆରମ୍ଭ କରିଥିଲେ । ପାରଦ୍ୱୀପ ବନ୍ଦର ଆଜିର ଦେଶର ମୁଖ୍ୟ ବନ୍ଦର ମାନଙ୍କ ମଧ୍ୟରେ ସ୍ଥାନ ପାଇଛି । ଶିଳ୍ପ ନଗରୀ ଭାବରେ ମଧ୍ୟ ପାରାଦ୍ୱୀପର ଗୁରୁତ୍ୱ ବଢିଛି । ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜିର ପ୍ରକଳ୍ପରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଯୋଗଯୋଗ, ଜଳସେଚନ ଓ ପର୍ଯ୍ୟନ୍ତ ସବୁ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଥିଲେ । କରୋନା ମହାମାରୀ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ମହାମାରୀ ଯୋଗୁ ଗତ ଏକ ବର୍ଷରୁ ଅଧିକ ସମୟ ଧରି ଆମେ ସମସ୍ତେ ପ୍ରଭାବିତ ହୋଇଛେ । ବହୁ ଲୋକଙ୍କ ରୋଜଗାର ଉପରେ ପ୍ରଭାବ ପଡିଛି। ତେଣୁ ରାଜ୍ୟ ସରକାର ଗରିବ ଲୋକ ଚାଷୀ, ଶ୍ରମିକ, ମା ସମସ୍ତଙ୍କ ପାଇଁ ୨୦୦୦ କୋଟିରୁ ଅଧିକ ଟଙ୍କା ସହାୟତା ଯୋଗାଇ ଦେଇଛନ୍ତି ।

# ସପ୍ତାହକୁ ୪/୫ଦିନ କାମ:ସରକାର

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ସଂଯୁକ୍ତ ଆରବ ଏମିରେଟ୍ ବା ୟୁଏଇ ଏକ ଐତିହାସିକ ପଦକ୍ଷେପ ନେଇଛି । ଏବେ ୫ ଦିନ ବଦଳରେ ୪.୫ ଦିନ ସେଠାକାର କର୍ମଚାରୀଙ୍କୁ କାର୍ଯ୍ୟ କରିବାକୁ ପଡିବ । ସରକାରୀ ଅଧିକାରୀଙ୍କ ସୂଚନା ଅନୁସାରେ ଶୁକ୍ରବାର ମଧ୍ୟରୁ ସପ୍ତାହନ୍ତ ଛୁଟି ଆରମ୍ଭ ଅନିବାର୍ଯ୍ୟ ହେବ । ସରକାରଙ୍କ ଏପରି କରିବାର ଉଦ୍ଦେଶ୍ୟ ହେଉଛି ଯେ,କାର୍ଯ୍ୟମୟ ଜୀବନକୁ ସମତୁଳ କରିବା ଏବଂ ଆର୍ଥିକ ସ୍ଥିତିରେ ସୁଧାର ଆଣିବା । ରିପୋର୍ଟ ମୁତାବିକ ୟୁଏଇ ଏକମାତ୍ର ଦେଶ ଯେଉଁଠାରେ ଶନିବାର ଏବଂ ରବିବାର ସମ୍ପୂର୍ଣ୍ଣ ଛୁଟି ହେବ ।

# ସହିଦ ସିଡିଏସ୍ ଜେନେରାଲ ବିପିନ୍ ରାଓ୍ୱତଙ୍କୁ ଜଗତସିଂହପୁରରେ ଶ୍ରଦ୍ଧାଞ୍ଜଳି




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଦେଶର ପ୍ରଥମ ସିଡିଏସ୍ ଜେନେରାଲ ବିପିନ୍ ସିଂହ ରାଓ୍ୱତଙ୍କ ସମେତ ୧୩ ଜଣ ଯବାନ ଗତ ବୁଧବାର ହେଲିକାପ୍ଟର ଦୁର୍ଘଟଣାରେ ସହିଦ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ସ୍ୱର୍ଗତ ରାଓ୍ୱତଙ୍କ ପତ୍ନୀ ମଧୁଲିକା ଓ ଓଡିଶାର ବୀର ଯବାନ ରାଣା ପ୍ରତାପ ଦାସ ମଧ ସହିଦ ହୋଇଛନ୍ତି । ଏହି ଦୁଃଖଦ ଘଟଣାରେ ସାରାଦେଶ ସମେତ ଆମ ରାଜ୍ୟରେ ବି ଶୋକାକୁଳ ପରିବେଶ । ସେମାନଙ୍କ ସ୍ମୃତିରେ ଆଜି ଜଗତସିଂହପୁର ସହରର ଶିକ୍ଷାବିତ୍, ବୁଦ୍ଧିଜୀବୀ,ସାମ୍ବାଦିକ ଓ ଜନସାଧାରଣ ପୌରପରିଷଦ ନିକଟରେ ଥିବା ଆଦିକବି ସାରଳା ଦାସଙ୍କ ସ୍ମୃତିସ୍ତମ୍ଭ ନିକଟରେ ମହମବତୀ ପ୍ରଜ୍ୱଳନ ପୂର୍ବକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏହି କାର୍ଯ୍ୟକର୍ମରେ ଅବସରପ୍ରାପ୍ତ ଅଧାପକ ହିଂମାଶୁ ଶେଖର ଅଚାର୍ଯ୍ୟ, ଆଇଟିଆଇର ନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ମିଶ୍ର, ସଚ୍ଚିଦାନନ୍ଦ ଦାସ,ସାମ୍ବାଦିକ ଦୀପକ ମହାନ୍ତି,ମନୋଜ କୁମାର ଦାଶ, ଶଶାଙ୍କ ଶେଖର ପଣ୍ଡା,ସରୋଜ କାନ୍ତ ସାହୁ,ଦୁର୍ଯ୍ୟୋଧନ ମହାରଣା,ତାରାପଦ ମହାନ୍ତି,ତପନ କୁମାର ରାଉତରାୟ, ରମାକାନ୍ତ ଦାଶ ପ୍ରମୁଖ ସାମିଲ ହେବା ସହ ଏହି ସହିଦମାନେ ସବୁଦିନ ପାଇଁ ଅମର ହୋଇ ରହିବେ ବୋଲି କହିଥିଲେ ।

# ମାହାଳହାଟ ଫାଣ୍ଡି ଏରିଆରେ ଘନ ଘନ ଚୋରି

**ଜଗତସିଂହପୁର(ସଂପର୍କବାର୍ତ୍ତା):-** କିଶନନଗର ଥାନା ଅନ୍ତର୍ଗତ ମାହାଳହାଟ ଫାଣ୍ଡି ଅନ୍ତର୍ଗତ ବାରିମୂଳ ଗ୍ରାମର ଚିତରଂଜନ ପରିଡାଙ୍କ ଘରର ସିଡି ଗ୍ରିଲ ଭାଙ୍ଗି ଗତକାଲି ରାତିରେ ଦୁର୍ବୃତ୍ତମାନେ ଘରେ ପଶି ଘରେ ଶୋଇଥିବା ଲୋକଙ୍କର କବାଟ ବାହାରକୁ ଦେଇ ଯେଉଁ ଘରେ ଅଳଙ୍କାର ଥିଲା ସେ ଘରର କବାଟ ଖୋଲି ଘର ଭିତରେ ଥିବା ଗଡରେଜ ଆଲମିରାକୁ ଭାଙ୍ଗି ପ୍ରାୟ ୩ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇ ପଳାଇଛନ୍ତି । ସେହିପରି ସଫିପୁର ଗ୍ରାମର ଜୈନିକ ଘରେ ଦୁର୍ବୃତ୍ତମାନେ ପଶି ଅନେକ ସାମଗ୍ରୀ ଚୋରିକରି ନେଇଛନ୍ତି । ଦ୍ୱୀପାଂଚଳରେ ଗତ କିଛିଦିନ ହେଲା ଘନଘନ ଚୋରି ଡକାୟତି ପ୍ରାୟ ୨୦ ଜାଗାରୁ ହୋଇଥିଲେ ମଧ୍ୟ ପୋଲିସ ଚୋରକୁ ଧରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଲୋକମାନେ ଆତଙ୍କିତ ଓ ଭୟଭୀତ ଅବସ୍ଥାରେ ଅଛନ୍ତି ।

# ପାରାଦ୍ୱୀପଠାରେ ନଦୀ ମହୋତ୍ସବ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍ଭାବନା ସଭାଗୃହଠାରେ ନଦୀ ମହୋତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ପାରୁଲ୍ ପଟାଓରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଡିସେମ୍ବର ୧୫ରୁ ୨୫ ତାରିଖ ପର୍ଯ୍ୟନ୍ତ ନଦୀ ଉତ୍ସବ ପାଳନ କରାଯିବ । ଏହି କ୍ରମରେ ଓଡିଶାର ମହାନଦୀ ନିକଟ ସମ୍ବଲପୁର,କଟକ ଓ ପାରାଦ୍ୱୀପ ଠାରେ ଏହି ନଦୀ ଉତ୍ସବ ପାଳନ କରାଯିବ । ପାରାଦ୍ୱୀପର କଳିଙ୍ଗ ବାଲିଯାତ୍ରା ପଡିଆଠାରେ ଡିସେମ୍ବର ୧୫,୧୭,୧୯,୨୧,୨୩ ଓ ୨୫ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଡିସେମ୍ବର ୧୫ ତାରିଖରେ ଶ୍ରମଦାନ, ସଫେଇ କାର୍ଯ୍ୟକ୍ରମ ଓ ବାଲୁକା କଳା ଓ ନଦୀ ସଫେଇ ସଂପର୍କୀୟ ଶପଥ ପାଠ ଅନୁଷ୍ଠିତ ହେବ । ଡିସେମ୍ବର ୧୭ ତାରିଖରେ ଯୋଗ, ମେଡିଟେସନ୍, ସାଧୀନତା ସଂଗ୍ରାମୀଙ୍କ ବିଷୟରେ ଗଳ୍ପ,ଡିସେମ୍ବର ୧୯ ତାରିଖରେ ଚଉମୁହାଣି ଠାରେ ମହାନଦୀ କୂଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ,ଡିସେମ୍ବର ୨୧ ତାରିଖରେ ରଙ୍ଗୋଲି,ଇକୋସିଷ୍ଟମ ସଂପର୍କୀୟ ଚିତ୍ରାଙ୍କନ ପ୍ରତିଯୋଗିତା ପାରାଦ୍ୱୀପର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହେବା ସହିତ ମିନି ମାରାଥନ ଓ ବାଳକ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଡିସେମ୍ବର ୨୩ ତାରିଖରେ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳାଙ୍କ ମନ୍ଦିରରେ ଦୀପ ଉତ୍ସବ ଅନୁଷ୍ଠିତ ହେବ । ଅନ୍ତିମ ଦିବସ/ଉଦ୍ୟାପନୀ ଦିବସ ଡିସେମ୍ବର ୨୫ ତାରିଖ ଦିନ ପାରାଦ୍ୱୀପ ବାଲିଯାତ୍ରା ପଡିଆଠାରେ ଟୁରିଜିମ୍ ଓାକ୍‌ରାଲି,ହ୍ୟୁମାନ୍ ଚେନ୍,ସିଗ୍‌ନେଚର କ୍ୟାମ୍ପେନ୍,ସମୁଦ୍ର କୂଳ ସଫେଇ,ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ଓ ଘୋଡାନାଚ ପରିବେଷଣ କରାଯିବା ସହିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମ ପାରାଦ୍ୱୀପ ପୌର ପରିଷଦ,ମହାନଦୀ ସାଉଥ୍ ଡିଭିଜନ,କ୍ରୀଡା ଓ ଯୁବ ବ୍ୟାପାର,ସଂସ୍କୃତି ବିଭାଗ,ପାରାଦ୍ୱୀପ କଲେଜ,ଜିଲ୍ଲା ଶିକ୍ଷା ବିଭାଗ,ନେହେରୁ ଯୁବକେନ୍ଦ୍ର,ପର୍ଯ୍ୟଟନ ବିଭାଗ,ଏନ୍.ସି.ସି,ଏନ୍.ଏସ୍.ଏସ୍,ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆୟୋଜନ କରାଯିବ । ଏହାର ପ୍ରଚାର ପ୍ରସାର ନିମନ୍ତେ ଫ୍ଲେକ୍ସ ବ୍ୟାନର,ଷ୍ଟାଣ୍ଡି,ଟି-ସାର୍ଟ,କ୍ୟାପ୍ ଆଦି ବ୍ୟବସ୍ଥା କରାଯିବ । ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସଚିଦାନନ୍ଦ ସାହୁ,ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସରୋଜ କାନ୍ତ ମହାନ୍ତି,ଅଧିକ୍ଷଣ ଯନ୍ତ୍ରୀ,ମହାନଦୀ ସାଉଥ ଡିଭିଜନ,ପାରାଦ୍ୱୀପ ପୌର ନିର୍ବାହୀ ଅଧିକାରୀ ସୌରିନ୍ଦ୍ର ରାଉତରାୟ,ଜିଲ୍ଲା ସଂସ୍କୃତି ଅଧିକାରୀ,ଜିଲ୍ଲା ପର୍ଯ୍ୟଟନ ଅଧିକାରୀ,ଜିଲ୍ଲା କ୍ରୀଡା ଅଧିକାରୀ,ବି.ଡି.ଓ, ତିର୍ତୋଲ ଓ ଜଗତସିଂହପୁର,ଅଧ୍ୟାପକ ପାରାଦ୍ୱୀପ କଲେଜ,ନେହେରୁ ଯୁବକେନ୍ଦ୍ରରକର୍ମକର୍ତା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ସମାଜସେବୀ ସୁନାକର ବେହେରାଙ୍କୁ ଡକ୍ଟରେଟ ଉପାଧି



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ରାହାମା(ସାଇଲୋ) ଗ୍ରାମପଞ୍ଚାୟତ ତେରମାଣପୁର ବାଲିସାହି ଗ୍ରାମର ସୁନାକର ବେହେରା ଙ୍କ ସମାଜସେବାକୁ ନେଇ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି । ଶ୍ରୀ ବେହେରା ସମାଜସେବା କ୍ଷେତ୍ରରେ ଆଧ୍ୟାତ୍ମିକତା ସାହିତ୍ୟ,ସଂସ୍କୃତିକୁ ନେଇ ସାମାଜିକ ସଂସ୍କାର ଓ ସେବା ମନୋବୃତ୍ତି ନିମନ୍ତେ ଦୀର୍ଘଦିନ ଧରି ନିଜ ଅଞ୍ଚଳ ଓ ରାଜ୍ୟର ବିଭିର୍ଣ୍ଣ ଅନୁଷ୍ଠାନ ସହିତ ନିଜକୁ ସାମିଲ କରି ଉତ୍ସର୍ଗୀକୃତ ମନୋଭାବ ସହିତ ସମାଜ ଗଠନରେ ସମାଜର ମଙ୍ଗଳ ନିମନ୍ତେ କାର୍ଯ୍ୟକରିଆସୁଥିବାରୁ ଆନ୍ତର୍ଜାତୀୟ ମାନବାଧିକାର ସଂଗଠନ ଶ୍ରୀ ବେହେରାଙ୍କ ପ୍ରାମାଣିକ ତଥ୍ୟ ଓ ସମାଜମଙ୍ଗଳ ଲେଖାକୁ ଗ୍ରହଣ କରି ଭାରତରେ ଥିବା ଭାରତୀୟ ଅନ୍ତର୍ଜାତୀୟ କାର୍ୟାଳୟ ନ୍ୟୁଦିଲ୍ଲୀ ଠାରେ ସମ୍ମାନଜନକ ଡକ୍ଟରେଟ ଉପାଧି ଆମେରିକା ଆନ୍ତର୍ଜାତୀୟ ମାନବୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ଭାରତ ସରକାଙ୍କ ମନ୍ତ୍ରୀ ରାମଦାସଅଥଓ୍ୱାଲା,ସମ୍ମାନୀତ ଅତିଥିଭାବେ ଭାରତୀୟ ରେଡକ୍ରସ ସୋସାଇଟିର ଉପାଧକ୍ଷ ଅବିନାଶ ରାୟ ,ଜାତୀୟ ସ୍କୁଲ ଓ ଡ୍ରାମା ଭାରତସରକାରଙ୍କ ନିର୍ଦ୍ଦେଶକ ଦିନେଶଖାନା,କଳା ସଂସ୍କୃତି ମନ୍ତ୍ରୀ ଭାରତସରକାର କ୍ରିଷ୍ଣା ରେଡ୍ଡୀ,ବିଶ୍ୱଜାତିସଂଘର ଅନ୍ତର୍ଜାତୀୟ ଶାନ୍ତି ରକ୍ଷଣ ସଂଗଠନର ସଭାପତି ଡକ୍ଟର ଅଫିନଲିତା ଚୌକାନାଙ୍କ ଦ୍ୱାରା ଶ୍ରୀ ବେହେରାଙ୍କୁ ଉପଢୌକନ ମାନପତ୍ର ପ୍ରଦାନ କରିଥିଲେ । ଶ୍ରୀ ବେହେରାଙ୍କୁ ଏହି ସମ୍ମାନଜନକ ଉପାଧି ମିଳିଥିବାରୁ ଜାତୀୟ ମଦରଟେରେସା ସଂଗଠନର ସଭାପତି ମହମ୍ମଦ ନାସିର ଉଦ୍ଦିନ,ଅଖିଳ ଭାରତୀୟ ଗ୍ରାକପରିଷଦର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବୀ ବୈଷ୍ଣବ ଚରଣ ଦାସ,କାର୍ଯ୍ୟକାରୀ ସଭାପତି ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ,ଆଇନଜୀବୀ ସୁରେଶ ଚନ୍ଦ୍ର ଦାସ,ଅନ୍ତର୍ଜାତୀୟମାନବାଧିକାର ପରିଷଦର ଜୋନାଲ ସଭାପତି ଡକ୍ଟର ରଞ୍ଜନ କୁମାର ସାହୁ,ଜଗତସିଂହପୁର ସାଂସଦ ଡଃ.ରାଜଶ୍ରୀ ମଲ୍ଲିକ,ଜଳସଂପଦ ମନ୍ତ୍ରୀ ରଘୁନନ୍ଦନ ଦାସ,ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ,ବିଶିଷ୍ଟ ସାହିତ୍ୟିକ କବି ପୀତାମ୍ବରତରାଇ,ସାରସତ ପରିଷଦର ସଭାପତି ଅଧାପକ ହିମାଂଶୁ ଆଚାର୍ଯ୍ୟ,ନବୋଦୟ ବିଦ୍ୟାଳୟର ଅଧକ୍ଷ ଅତୁଲ ରାୟ,ସାମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ,ରଶ୍ମିତା ନାୟକ,ଜିଲ୍ଲା ସାମ୍ବାଦିକ ସଂଘ,ତିର୍ତ୍ତୋଲ ଆଇନଜୀବୀ ସଂଘ ପ୍ରମୁଖ ଅଞ୍ଚଳର ବୁଦ୍ଧିଜୀବୀ ଜନସାଧାରଣ ମାନେ ଅଭିନନ୍ଦନ ଜଣାଇଛନ୍ତି ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୩ ତମ ଜୟନ୍ତୀ କଲେଜ ଛକ ଠାରେ ଥିବା ଗାୟତ୍ରୀ ଏଜୁକେଶନ ପଏଣ୍ଟ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଅତିଥିମାନେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଅନୁଷ୍ଠିତ ସଭାରେ ଅଧକ୍ଷତା କରି ପରିଷଦର ସଭାପତି ଅଧାପକ ହିମାଂଶୁ ଆଚାର୍ଯ୍ୟ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ପାଇଁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଚିରଦିନ ପାଇଁ ମନେ ରହିବେବୋଲି କହିବା ସହ ଏହି ସଂଗୀତ ରାଜ୍ୟ ସଂଗୀତ ମାନ୍ୟତା ପାଇବା ତାଙ୍କ ପ୍ରତି ପ୍ରକୃତ ସମ୍ମାନ ବୋଲି କହିଥିଲେ । ଏଥିରେ ଅଲୋଚିକା ଭାବେ ଗାୟତ୍ରୀ ଏଜୁକେଶନ ପଏଣ୍ଟର ନିର୍ଦ୍ଦେଶିକା ଶାଶ୍ୱତୀ ଶୁଭଦର୍ଶିନୀ ତାଙ୍କ ବକ୍ତବ୍ୟରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ରଚିତ ଉପନ୍ୟାସ କଣାମାମୁଁ ,ଗଳ୍ପ ବୁଢା ଶଙ୍ଖାରୀ ଓ କବିତା ଜୀବନ ସଂଗୀତ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ସମ୍ବିତ୍ କୁମାର ଦାସ, ଅଭିଷେକ ବେହେରା, ଅନ୍‌ମୋଲ ପ୍ରଧାନ,ଲୋପାମୁଦ୍ରା ସାହୁ ଓ ପ୍ରଭାତୀ ପାତ୍ର ପ୍ରମୁଖ ସ୍ୱର୍ଗତ୍ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବହୁମୁଖୀ ସୃଜନଶୀଳ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ । ଶେଷରେ ଇଷାନି ମୋନାଲିସା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।




# ଅମଳ ବୃଦ୍ଧି ସହ କୃଷିର ବ୍ୟବସାୟିକ ଦିଗ ନିରୁପଣ କୃଷକମାନଙ୍କୁ ଲାଭାନ୍ୱିତ କରିବ:ଅସିତ୍ ତ୍ରିପାଠୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** କୃଷି ବିବିଧତା ଓ ଅମଳ ବୃଦ୍ଧି ସହ କୃଷିର ବ୍ୟବସାୟିକ ଦିଗ ଉପରେ ଗୁରୁତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଆମେ ନୀତି ନିର୍ଦ୍ଧାରଣ ଓ ପଦକ୍ଷେପ ନେବା ଦାୟିତ୍ୱରେ ଥିବା ହେତୁ ରାଜ୍ୟର କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ କୃଷି ବିଭାଗ, କୃଷି ବଜାର ଟିମ୍ ଏବଂ କୃଷି ବ୍ୟବସାୟ ଟିମ୍ ଏକାଠି କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ତ୍ରିପାଠୀ ସୂଚାଇଛନ୍ତି । ଅଣଧାନ କୃଷିର ବଣ୍ଟନ ଓ ବଜାରକୁ ନେଇ ରହିଥିବା ସମସ୍ୟାର ସମାଧାନ ନିମନ୍ତେ ସ୍ୱଳ୍ପମିଆଦୀ ଓ ଦୀର୍ଘମିଆଦୀ ଋଣ ନୀତି ପ୍ରସ୍ତୁତ କରିବାକୁ ହେବ । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆପିକଲ୍‌ରେ ମାନବସମ୍ବଳକୁ ବୃଦ୍ଧି କରିବାର ଆବଶ୍ୟକତା ଥିବାରୁ ଏ ସଂକ୍ରାନ୍ତରେ ତୁରନ୍ତ ମୁଖ୍ୟ ଶାସନ ସଚିବଙ୍କ ଅନୁମୋଦନ ସକାଶେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ଯେଉଁ କୃଷକମାନେ ଧାନ ଚାଷରୁ ଅଣଧାନ ଚାଷ ପ୍ରତି ମନ ବଳାଉଛନ୍ତି ସେମାନଙ୍କୁ ସୁବିଧା ଉପଲବ୍ଧ କରାଗଲେ ତାହା ଦ୍ୱାରା ଅନ୍ୟମାନେ ମଧ ଆଗ୍ରହ ପ୍ରକାଶ କରିବେ । ତେଣୁ ସେ ଦିଗରେ ପ୍ରଭାବୀ ଭାବେ କାର୍ଯ୍ୟକ୍ରମ କରିବାକୁ ଜିଲ୍ଲାସ୍ତରର ଅଧିକାରୀମାନଙ୍କୁ ପ୍ରଶିକ୍ଷିତ କରିବାକୁ ହେବ ବୋଲି ସେ କହିଥିଲେ । ସେହିଭଳି ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡ ଏବଂ ଆପିକଲ୍‌ର ମିଳିତ ଉଦ୍ୟମରେ ଗୋ-ସିଫ୍ଟ ଭଳି ଏକ ଡିଜିଟାଲ ଲିଙ୍କେଜ୍ ସୃଷ୍ଟି କରି ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଉଦ୍ୟୋଗୀମାନଙ୍କୁ ପ୍ରକ୍ରିୟାକରଣ ସକାଶେ ସୁଯୋଗ ଦେବାକୁ ଉଭୟ ଆପିକଲ ଏବଂ ଆର୍‌ଏମ୍‌ସି ମଧ୍ୟରେ ଲିଙ୍କେଜ୍ କରିବାକୁ ହେବ । ଯେଉଁସବୁ ଅର୍ଗାନିକ୍ ଶସ୍ୟ କ୍ରୟ କରାଯାଉଛି ସେସବୁର ପ୍ରମାଣପତ୍ର ସ୍ୱୟଂ ପ୍ରଦାନ କଲେ ତାହା ସୁସଂଗଠିତ ବଜାରରେ ଗ୍ରହଣଯୋଗ୍ୟ ହେବ ନାହିଁ । ଆଗକୁ ଓର୍‌ମାସ୍‌ର ସହାୟତାରେ ଜିଆଇଏସ୍ ସମ୍ମିଳିତ ଶସ୍ୟଗୁଡିକର ଡାଟାବେସ୍ ପରିଚାଳନା ପଦ୍ଧତିର ବିକାଶ ପାଇଁ ସମବାୟ ବିଭାଗ ଓ କୃଷି ବିଭାଗ ଏକ ବିଶ୍ଳେଷଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା ।



# ଜଗତସିଂହପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜଗତସିଂହପୁର ଜିଲ୍ଲା କୋର୍ଟପ୍ରାଙ୍ଗଣରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରିୟ ଲୋକ ଅଦାଲତ ଜିଲ୍ଲା ଓ ଦୌରାଜଜ୍ ଅନୁପ କୁମାର ଚନ୍ଦନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ୍ ଅନୁପ କୁମାର ଚନ୍ଦନଙ୍କ ସହ ପରିବାର ଅଦାଲତର ଜଜ୍ ଅଶୋକ କୁମାର ପଣ୍ଡା,ଅତିରିକ୍ତ ଜିଲ୍ଲା ଜଜ୍ ଇତିଶ୍ରୀମାଳବିକା ଭୂୟାଁ,ସି.ଜେ.ଏମ୍ ପ୍ରିୟରଂଜନ ମିଶ୍ର,ଆଇନସେବା ପ୍ରାଧିକରଣ ସଚିବ ସୁନନ୍ଦା ପାଢି ,ସବଜଜ୍ ଶଶିରେଖା ମିଶ୍ର,ସବଜଜ୍ (ଏଲ.ଆର)ଅଭୟକୁମାର ଦାସ,ମହିଳାକୋର୍ଟ ଜଜ୍ ରଶ୍ମିତା ସାହୁ,ରେଜିଷ୍ଟ୍ରାର କୋର୍ଟସ୍ ସୁଦିପା ପାତ୍ର,ଏସ.ଡି.ଜେ.ଏମ ଋତୁପର୍ଣ୍ଣା ମିଶ୍ର,ମୁନସିଫ୍ ବିଷ୍ଣୁ ପ୍ରସାଦ ଦେବତା ,ଜେ.ଏମ.ଏଫ.ସି. ଝିଲିଲିନା ନାୟକ ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ପରିଚାଳନା କରିଥିଲେ । ଦୁର୍ଘଟଣା ଜନିତ ମକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ପବ୍ଲିକ ପ୍ରସିକ୍ୟୁଟର ନଳିନୀକାନ୍ତ ମହାରଣା ,ସରକାରୀ ଓକିଲ ସଲିଳ ଘୋଷ ,ଆଇନଜୀବୀ ଧିରେନ୍ଦ୍ର ନାଥ ଆଚାର୍ଯ୍ୟ ,ସାମାଜିକ କର୍ମୀ ସୁଷମା ପ୍ରଧାନ,ଡା.ସତ୍ୟବ୍ରତ ଭୂୟାଁ ଓ ମନସ୍ତତଜ୍ଞ ସୁସ୍ମିତା ମାଝି ସଭ୍ୟ ଭାବେ ମକଦ୍ଦମା ପରିଚାଳନା କରିଥିଲେ । ଦୁର୍ଘଟଣା ଜନିତ କ୍ଷତିପୁରଣ,ଫୌଜଦାରୀ ,ଦିଓ୍ୱାନୀ,ପାରିବାରିକ ଓ ଅନ୍ୟାନ୍ୟ ମାମଲା ସହିତ ଜଗତସିଂହପୁର ଅଞ୍ଚଳରେ ଥିବା ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ୍ ମୋକଦ୍ଦମା ଆଦି ମଧ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଇସଲା ହୋଇଛି । ମୋଟ ୧୪୯୫ଟିମାମଲାରୁ ୧୭୯ଟି ସଫଳତାର ସହ ଫଇସଲା ହେବା ସହିତ ୧,୩୫,୨୯,୯୯୭ଟଙ୍କା ଆଦାୟ କରାଯାଇଛି । ସେହିପରି ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ୍ ମକଦ୍ଦମାରେ ୬୫୬୪ଟି ମାମଲାରୁ ୧୨୪ଟି ସଫଳତାର ସହ ଫଇସଲା ହେବା ସହିତ ୧୩,୮୨,୩୭୦ଟଙ୍କା ଆଦାୟ କରାଯାଇଛି ।




# କୁକୁଡା କଲିଜା ଆଖି, ମୁଣ୍ଡ ପାଇଁ ହିତକର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆମେ ଆଜି ଏଠି କହିବାକୁ ଯାଉଛୁ କି କୁକୁଡାର କଲିଜା ଖାଇବାର ଲାଭ କଣ ହୋଇଥାଏ । ଆପଣ ଜାଣିଛନ୍ତି କି ଲୋକ ଚିକେନ୍ ଖାଇବାକୁ ବହୁତ ପସନ୍ଦ କରିନ୍ତ ଆଉ ଖାଇବା ବି ଦରକାର କାରଣ ଚିକେନ୍ ଖାଇବାର ବହୁତ ଗୁଡିଏ ଲାଭ ହୋଇଥାଏ ଚିକେନ୍ ଖାଇବା ଦ୍ୱାରା ଆମ ଶରୀରକୁ ଶକ୍ତି ଓ ବଳ ମିଳିଥାଏ କାହିଁକିନା ଚିକେନ୍ ରେ ବହୁତ ପରିମାଣରେ ପ୍ରୋଟିନ୍, ଭିଟିମିନ ଓ ଖଣିଜ ଲବଣ ପାଇଥାଉ ଯାହା ଆମ ଶରୀର ପାଇଁ ବହୁତ ଆବଶ୍ୟକ ଅଟେ ସେହିଭଳିଆ ସେ ଚିକେନ୍ କଳିଜାବି ଆମମାନଙ୍କ ପାଇଁ ବହୁତ ଦରକାରୀ ଅଟେ କାରଣ କୁକୁଡା କଲିଜା ରେ ବିଭିନ୍ନ ଭିଟାମିନ, କ୍ୟାଲିସିୟମ ଫାଇବ, ଆଇରନ ପରିପୂର୍ଣ୍ଣ ମାତ୍ରରେ ମିଳିଥାଏ ତାସହିତ ଆଖି,ମୁଣ୍ଡ ପାଇଁ ଭିଟାମିନ ବହୁତ ଲାଭ ଦାଇ ଅଟେ ଯେଉଁଟାକି କାଲିଜାରେ ଭରପୁର ମାତ୍ରରେ ମିଳିଥାଏ ଆମେ କ୍ୟାଲସିୟମ କଥା କହିବାତ ଏ ଦାନ୍ତ ହାଡ କରିବାରେ ବହୁତ ସାହାଯ୍ୟ କରିଥାଏ । ବହୁତ ଲୋକ ଚିକେନ୍ କଲିଜା ଖାଆନ୍ତି ନାହିଁ କାରଣ ଏହାର ସାଦ ଜମା ଭଲ ଦାଇ ଅଟେ ଯେଉଁ କୁହନ୍ତି କି ସବୁବେଳେ ଯିଏ ଆମ ଶରୀର ପାଇଁ ଭଲ ତାର ସାଦ ଭଲ ଲାଗେ ନାହିଁ ଆଜି



ଆମେ ଏଠି କହିବୁକି ଚିକେନ୍ କଲିଜା ଖାଇବା ଦ୍ୱାରା କଣ ହୋଇଥାଏ ।

ଚିକେନ କଲିଜା ରେ ଭିଟାମିନ -ଏ ଥାଏ ଯାହା ଆମଶରୀରକୁ ଶକ୍ତି ଯୋଗାଇ ଥାଏ ଗୋଟେ ସପ୍ତାହରେ ୩ଦିନ କଲିଜା ଖାଇବା ଦ୍ୱାରା ଆମ ଶରୀର ମାନସିକ ଓ ଶାରିରିକ ଦୁର୍ବଳତା କମିଯାଇଥାଏ ସାଙ୍ଗମାନେ ଦ୍ୱିତୀୟ ଲାଭ ହେଉଛି କୁକୁଡା କଲୀଜାରେ ଭରପୁର ମାତ୍ରାରେ ଜୀଙ୍କ ପାଇଥାଉ ଯାହା ଆମ ହଜମ ଶୈଳୀକୁ ଦୃଢ କରିଥାଏ ଆଉ ତାହାସହିତ ପେଟ ରୋଗ ମଧ ଦୁର କରିଥାଏ, ଭୋକ ବଢେଇବାର ବି କାର୍ଯ୍ୟ ଏ କରିଥାଏ । ତୃତୀୟ ଲାଭ ହେଉଛି ଏ ଗୋଟେ ପୁରୁଷ ପାଖରେ ତାର ପୁରୁଷତ୍ୱ କୁ ବଢେଇଥାଏ କୁକୁଡା କଲୀଜାରେ ଭରପୁର ମାତ୍ରାରେ ପୋଟାସୀୟମ, ମଗ୍ନେସିୟମ, ଖଣିଜଲବଣ ଭରା ମାତ୍ରାରେ ପାଉଥାଉ । ଯାହା ପୁରୁଷଙ୍କ ପୁରୁଷତ୍ୱ ବଢାଇ ଥାଏ । କଲିଜା ଖାଇବା ଦ୍ୱାରା ପୁରୁଷ ମାନଙ୍କ ମଧ୍ୟରେ ଶାରୀରିକ ଶକ୍ତି ମାନସିକ ଶକ୍ତି ବଳ ଆଦି ବଢିଯାଇ ଥାଏ । ଚତୁର୍ଥଲାଭ କୁକୁଡା କଲିଜା ଖାଇବା ଦ୍ୱାରା ଆମ ଆଖି ସୁସ୍ଥ ରହେ ।

# ଡାଲିଚିନିର ପ୍ରଯୋଜକ ଓ କଳାକାର ସମ୍ବର୍ଦ୍ଧିତ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଡିଶା ସିନେ କ୍ରିଟିକ ଆସୋସିଏସନ ପକ୍ଷରୁ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ଏକ ଉତ୍ସବରେ,ଓଡିଆ ଚଳଚ୍ଚିତ୍ର ଡାଲିଚିନିର ପ୍ରଯୋଜକ ଓ ଟିମକୁ ସମ୍ବର୍ଦ୍ଧିତ କରାଯାଇଛି ସିମଲାଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ୧୭ଟି ଦେଶର ୫୮ଟି ଚଳଚ୍ଚିତ୍ର ମଧ୍ୟରୁ ଓଡିଆ ଚଳଚ୍ଚତ୍ର ଭାବରେ ବିବେଚିତ ହୋଇଥିଲା ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟେଜିତ ଏହି ଉତ୍ସବରେ ଡାଲିଚିନିର ପ୍ରଯୋଜକ ଅତିଶ ରାଉତ, ନିର୍ଦ୍ଦେଶକ ଶିଶିର ସାହୁ ପିନାକୀ ସିଂହ, ଚିତ୍ରନାଟ୍ୟ ଲେଖକ ଜିତେନ୍ଦ୍ରିୟ ପ୍ରଧାନଙ୍କ ସହ ପାର୍ଥ ସାରଥୀ ରାୟ ସୂର୍ଯ୍ୟମୟୀ ମହାପାତ୍ର, ଗୌରବ ଆନନ୍ଦ କୁଳଦୀପ ପଟ୍ଟନାୟକ ରଶ୍ମିରଞ୍ଜନ ଦାସ, ଯୁଧିଷ୍ଠିର ବେହେରା ଓ ଚନ୍ଦ୍ରମଣି ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଏସିଆନ୍ ଥାଏବକ୍ସିଂ ଚାମ୍ପିଅନ୍‌ଶିପ୍‌ରେ ଓଡ଼ିଶାର ସଫଳତା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଚଳିତ ମାସ ଡିସେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦର ସୁରନଗର ଇଣ୍ଡୋଷ୍ଟାଡିୟମ୍‌ଠାରେ ଏସିଆନ୍ ଥାଏବକ୍ସିଂ ଚାମ୍ପିଅନ୍‌ଶିପ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାରୁ ଭାଗନେଇଥିବା ୬ ପ୍ରତିଯୋଗୀଙ୍କ ମଧ୍ୟରୁ ୩ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ହାସଲ କରିଛନ୍ତି । ତନ୍ମଧ୍ୟରୁ ଶ୍ରୀଲିପ୍ସା ଆଚାର୍ଯ୍ୟ, କାର୍ତ୍ତିକ, ବାହାଦୁର ଓ ନରେଶ ଶର୍ମା ଆଦି ରୌପ୍ୟ ପଦକ ହାସଲ କରିଛନ୍ତି । ଓଡ଼ିଶା ଥାଏବକ୍ସିଂ ସଙ୍ଘର ମହାସଚିବ ଶୁଭେନ୍ଦୁ ସାମନ୍ତରାୟ ଓ ସଙ୍ଘର ଅନ୍ୟ କର୍ମକର୍ତ୍ତାମାନେ ବିଜେତାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା

ଡିସେମ୍ବର ୧୩ ରୁ ୧୯, ୨୦୨୧, ଜଗତସିଂହପୁର
December 13 to 19, 2021, Jagatsinghpur



# ଦୁର୍ଘଟଣା ନା ଷଡଯନ୍ତ୍ର ? ଶିବସେନା-ପୂର୍ବତନ ବ୍ରିଗେଡିୟରଙ୍କ ପ୍ରଶ୍ନ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ତାମିଲନାଡୁର କୁନ୍ନୁରରେ ହେଲିକପ୍ଟର ଦୁର୍ଘଟଣା ପରେ ସିଡିଏସ୍ ଜେନେରାଲ୍ ବିପିନ ରାୱତଙ୍କ ସମେତ ୧୧ଜଣ ଅଧିକାରୀ ଶହୀଦ ହୋଇଛନ୍ତି। ଏଥିରେ ରାୱତଙ୍କ ସ୍ତ୍ରୀ ମଧୁଲିକାଙ୍କ ମୃତ୍ୟୁ ଘଟିଛି। ଗ୍ରୁପ୍ କ୍ୟାପଟେନ୍ ବରୁଣ ସିଂ ଜୀବିତ ରହିଛନ୍ତି। ସେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହି ଦୁର୍ଘଟଣା ନେଇ ଶିବସେନା ଏବଂ ପୂର୍ବତନ ବ୍ରିଗେଡିୟର ସୁଧୀର ସାୱନ୍ତ ପ୍ରଶ୍ନ ଉଠାଇଛନ୍ତି। ଏହା ଦୁର୍ଘଟଣା ନା ଷଡଯନ୍ତ୍ର ବୋଲି ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କରାଯାଇଛି। ଏହାପୂର୍ବରୁ ପୂର୍ବତନ ବ୍ରିଗେଡୟର ସୁଧୀର ସାୱନ୍ତ ଷଡଯନ୍ତ୍ର ହୋଇଥିବା କହିଥିଲେ। ସେ ସିଧାସଳଖ କହିଥିଲେ ଯେ, ଏହା ଦୁର୍ଘଟଣା ନୁହେଁ ବରଂ ଏକ ଷଡଯନ୍ତ୍ର। ଏହା ପଛରେ ଏଲଟିଟି ସ୍ଲିପର ସେଲ୍ ରହିଥିବାର ଆଶଙ୍କା ମଧ କରାଯାଉଛି। କାରଣ ଦୁର୍ଘଟଣା ଅଞ୍ଚଳରେ ଏଲ୍‌ଟିଟି ସକ୍ରିୟ ରହିଥିବା କୁହାଯାଉଛି।

# ଅଝଟ ୩ବର୍ଷର ପୁଅ ଗାଲରେ ଶକ୍ତ ଚାପୁଡା ମାରିଲା ମା

## ଚାଲିଗଲା ଜୀବନ

**ପୋଲସରା(ସଂପର୍କବାର୍ତ୍ତା):-** ମାଆ ସ୍ନେହ, ଶ୍ରଦ୍ଧା, ପ୍ରେମ, ମମତାର ଫେଣ୍ଟାଫେଣ୍ଟି ରୂପଟିଏ। ନିଜ ସନ୍ତାନର ରକ୍ଷା ପାଇଁ ସାରା ଦୁନିଆ ସହ ଲଢିବାକୁ ପ୍ରସ୍ତୁତ ହୋଇଯାଏ ମାଆ। ତାର ସୁରକ୍ଷା ପାଇଁ ସବୁ ଦୁଃଖ କଷ୍ଟ ବିପଦକୁ ସାମ୍ନାକରିଥାଏ। ବେଳେବେଳେ ସନ୍ତାନର ମଙ୍ଗଳ ପାଇଁ, ତାକୁ ଭଲ ସଂସ୍କାର ଦେବାପାଇଁ ତାକୁ ଶାସନ ବି କରେ। ଅଝଟ କଲେ ସ୍ନେହମିଶା ମାଡ ବି ମାରେ। ହେଲେ ମାଆ ଯଦି କ୍ରୋଧର ବଶବର୍ତ୍ତୀ ହୋଇ ଛୁଆକୁ ଜୋର ଆଘାତ ଦେବ? ଛୁଆର ଜୀବନ ବି ଯାଇପାରେ।ଏମିତି ଏକ ଦୁଃଖଦ ଘଟଣା ଘଟିଛି ଗଂଜାମ ପୋଲସରା ଜକର ଗାଁରେ। କିଛିଦିନ ଜକର ଗାଁ ରଘୁନାଥ ସାହିର ବାପଘରକୁ ଆସିଥିଲେ ମମତା ବିଶ୍ୱାଳ। ୩ ବର୍ଷର ପୁଅ ଖାଇବା ପାଇଁ ଅଝଟ କରିବାକୁ ରାଗରେ ପୁଅ ଗାଲରେ ଏକ ଜୋର୍ ଚାପୁଡା ଦେଇଥିଲେ। ଆଉ ଚାପୁଡା ମାଡରେ ଛୁଆଟି ପ୍ରାଣ ହାରଇଛି। ପରେ ଶାଶୁ ଓ ବାପଘର ଲୋକ ବୁଝାମଣା ଭିତରେ ଶିଶୁଟିର ଶବ ସଂସ୍କାର ବି କରିଦେଇଥିବାର ଅଭିଯୋଗ ହୋଇଛି। ଘଟଣା ୩ ଦିନ ତଳର ହୋଇଥିବା ବେଳେ ଏ ସଂପର୍କିତ ଭିଡିଓ ଏବେ ଭାଇରାଲ୍ ହେବାରେ ଲାଗିଛି।

# କଟକରେ ବିଜେଡିରେ କଂଗ୍ରେସ କର୍ମୀ




**ବାଦାମବାଡି(ସୁଦର୍ଶନ ଷଡଙ୍ଗୀ):-** ଦଳୀୟ ଅସନ୍ତୋଷରେ ଅତିଷ୍ଠ ହୋଇ କଂଗ୍ରେସ ଛାଡିଲେ ଶତାଧିକ କର୍ମୀ। ଦଳ ଛାଡିବା ପରେ ସାମିଲ୍ ହେଲେ ବିଜେଡିରେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମୂଳକ ଯୋଜନାରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିବା କହିଛନ୍ତି କଂଗ୍ରେସ କର୍ମୀ। ଶିକ୍ଷା, ସାସ୍ଥ୍ୟ ଆଦି ପ୍ରତ୍ୟେକ କ୍ଷେତ୍ରରେ ରାଜ୍ୟକୁ ଏକ ନମ୍ବର କରିବାକୁ ମୁଖ୍ୟମନ୍ତ୍ରୀ ପ୍ରୟାସ ଜାରି ରଖିଛନ୍ତି। ବିଜେଡି ରାଜ୍ୟରେ ବିକାଶ ପାଇଁ କାମ କରୁଥିବାରୁ ଲୋକଙ୍କର ପ୍ରଥମ ପସନ୍ଦ ପାଲଟିଛି ବିଜୁ ଜନତା ଦଳ। ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତିଙ୍କ ସମେତ ଦଳର ବହୁ ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ।

# କଟକ ପୋଲିସ୍ ବିଭାଗରେ ଶୌଚାଳୟ ଦୁର୍ନୀତି

**ବାଦାମବାଡି(ସୁଦର୍ଶନ ଷଡଙ୍ଗୀ):-** ପୋଲିସ୍ ବିଭାଗରେ ଭ୍ରାମ୍ୟମାଣ ଶୌଚାଳୟ କିଣା ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ପୁରୁଣା ଦୁର୍ନୀତିର ଦୋଷ ଲୁଚାଇବାକୁ ଏବେ ବିଭାଗ ଆଉ ୩୭ଲକ୍ଷ ୫୬ହଜାର ଟଙ୍କା ବ୍ୟୟ କରିଛି। କିନ୍ତି ଏହି ପ୍ରକ୍ରିୟାରେ ୮୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିବା ବେଳେ ଏହି ଘଟଣାରେ କାହାକୁ ଉତ୍ତରଦାୟୀ କରାଯିବ ତାହାକୁ ନେଇ ପ୍ରଶ୍ନ ଉଠୁଛି। ତଥ୍ୟ ଅନୁଯାୟୀ ପୋଲିସ୍ ବିଭାଗ ୪୫ଲକ୍ଷ ୭୭ହଜାର ଟଙ୍କା ବ୍ୟୟରେ ୨୦ଟି ଭ୍ରାମ୍ୟମାଣ ଶୌଚାଳୟ କିଣିଥିଲେ। କିନ୍ତୁ ଏଥିରେ ଚୁକ୍ତି ମୁତାବକ ୪ହଜାର ଲିଟର ଟାଙ୍କି ଓ ମଳ ନିଷ୍କାସନ ଯନ୍ତ୍ର ନଥିବାରୁ ତାହା ଅବ୍ୟବହୃତ ହୋଇ ଦୀର୍ଘ ଦିନ ପଡି ରହିଥିଲା। ଟଙ୍କା ଓ ଯନ୍ତ୍ର ନଥିବା ସତ୍ତ୍ୱେ ପୋଲିସ୍ ବିଭାଗର ବୈଷୟିକ କମିଟିର ସେଥିପାଇଁ ଅନୁମୋଦନ ମିଳିବା ଘଟଣା ସନ୍ଦେହର କାରଣ ହୋଇଥିବା ବେଳେ ସେ ସଂପର୍କରେ କୌଣସି ଖୋଳତାଡ ହେଲା ନାହିଁ।

# ୪୦ବର୍ଷର ୪ଟି ପିଲାର ମା' ୨୦ବର୍ଷର ପ୍ରେମିକ ସହ ଛୁ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଉତ୍ତରପ୍ରଦେଶର ରାଉରକେଲାରେ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଏଠାରେ ଚାରି ପିଲାଙ୍କ ମା ନଜି ପ୍ରେମିକ ସହିତ ପଳାଇ ଯାଇଛନ୍ତି। ସେ ୪୦ବର୍ଷ ହୋଇଥିବାବେଳେ ତାଙ୍କ ପ୍ରେମିକ ମାତ୍ର ୨୦ ବର୍ଷ ବୟସର । ବର୍ତ୍ତମାନ ତାଙ୍କ ସ୍ୱାମୀ ସେମାନଙ୍କ ଚାରି ସନ୍ତାନଙ୍କ ପାଇଁ ନ୍ୟାୟ ଲୋଡିଛନ୍ତି। ଉଲ୍ଲେଖନୀୟ ବିଷୟ ହେଉଛି ଚାରିଟି ସନ୍ତାନର ମା ସମାନ ଅଂଚଳର ଅବିବାହିତ ଯୁବକଙ୍କୁ ଭଲ ପାଉଥିଲେ। କିଛି ଦିନ ପାଇଁ ସବୁକିଛି ଚୁପ୍ ରହିଲା କିନ୍ତୁ କେତେ ଦିନ ପର୍ଯ୍ୟନ୍ତ ଏହା ଲୁଚି ରହିପାରେ ରହସ୍ୟ ଆବିଷ୍କୃତ ହେବା ମାତ୍ରେ ଦୁହେଁ ପଳାଇବାକୁ ନିଷ୍ପତି ନେଇଥିବା ଏହା ପରେ ସ୍ୱାମୀ ପିଲାମାନେଙ୍କ ସହ ପୋଲିସଷ୍ଟେସନରେ ପହଂଚଥିଲେ। କୁହାଯାଉଛି ଯେ ସେ ଅନେକ ଦିନ ଧରି ପିଲାମାନଙ୍କ ସହ ପୋଲିସ ଷ୍ଟେସନରେ ପହଂଚିଥିଲେ। ସେଠାରେ ସେ ତାଙ୍କ ପତ୍ନୀଙ୍କୁ ଖୋଜିବା ପାଇଁ ପୋଲିସ୍ ନିକଟରେ ନିବେଦନ କରୁଥିଲେ। ପୋଲିସ ମଧ ତଦନ୍ତ ଆରମ୍ଭ କରିଛି ଏବଂ ପଳାଇବାର ୨୦ଦିନ ପରେ ସେମାନେ ଉତ୍ତରପ୍ରଦେଶର ମୁଜାଫରନଗରରେ ଥିବା ଜଣାପଡିଛି। ଏହା ପରେ ମହିଳାଙ୍କୁ ସେଠାକୁ ଅଣାଯାଇଥିଲା । ତେବେ ଅଭିଯୁକ୍ତ ପ୍ରେମୀଯୁଗଳ ଏପର୍ଯ୍ୟନ୍ତ ପୋଲିସ ଦ୍ୱାରା ଧରାପଡି ନାହାଁନ୍ତି। ମାର୍ଚ୍ଚ ୮ରେ ମହିଳା ଦିବସ ଦିନ ପୋଲିସ ତାଙ୍କ ସହ କୋଟୱାଲି ସିଭିଲ ଲାଇନ୍ରେ ପହଂଚିଥିଲା। ଏହି ସହିତ ମହିଳାଙ୍କ ପରିବାର ସଦସ୍ୟଙ୍କୁ ମଧ ଅବଗତ କରାଯାଇଥିଲା ମହିଳାଙ୍କୁ ବହୁତ ବୁଝାଇ ଦିଆଯାଇଥିଲା। କିନ୍ତୁ ସେ କାହା କଥା ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି। ସେ ସ୍ୱଷ୍ଟ ଭାବରେ କହିଛନ୍ତି ଯେ ସେ ତାଙ୍କ ସ୍ୱାମୀଙ୍କ ସ୍ଥାନକୁ ଯିବେ ନାହିଁ। ତାଙ୍କୁ ନିଜ ପ୍ରେମିକ ସହିତ ରହିବାକୁ ପଡିବ। ପୋଲିସ୍ ସହିତ ଅନ୍ୟ ଲୋକମାନେ ମଧ ତାଙ୍କୁ ବହୁତ ବୁଝାଇଥିଲେ କିନ୍ତୁ ତାଙ୍କ ଉପରେ ପ୍ରେମର ଯାଦୁ ଏତେ ଥିଲା ଯେ ସେ ପିଲାମାନଙ୍କ ବିଷୟରେ ମଧ ଚିନ୍ତା କରୁନଥିଲେ। ପୋଲିସ କହିଛି ଯେ କେବଳ ପରିବାର ଏହି ପ୍ରସଙ୍ଗରେ ନିଷ୍ପତି ନେଇ ପାରିବେ।

# ଚା'ର ସ୍ୱାଦ ବଢାଇବ ସ୍ପେଶାଲ ମସଲା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଚା' ର ସ୍ୱାଦ ବଢାଇବା ପାଇଁ ମଶଲା ବ୍ୟବହାର କରନ୍ତୁ। ଯାହା ଚା କୁ ଆହୁରି ସ୍ୱାଦିଷ୍ଟ କରିଥାଏ। ଆଜି କାଲି ବ୍ୟସ୍ତ ବହୁଳ ଜୀବନ ଶୈଳୀରେ ଚା ଟିକେ ନିହାତି ଦରକାର। ଆଉ କିଛି ଲୋକଙ୍କ ପାଇଁ ଏହି ଚା ଯେମତି ନିତିଦିନିଆ ପିଇବା ଦରକାରା ତେବେ ଚାକୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ ମସଲା ବି ରହିଛି।



କେଶର- କେଶର ଯୁକ୍ତ ଚା ବହୁତ ପ୍ରସିଦ୍ଧ।
କେଶରକୁ ଚା ରେ ବ୍ୟବହାର କଲେ ଏହାର ସ୍ୱାଦ ଏବଂ ଫ୍ଲେବର ସବୁଦିନ ଅପେକ୍ଷା ଅଲଗା ଆସିବା। ଆପଣ ଥରେ ଚା ରେ କେଶର ପକାଇ ପିଅନ୍ତୁ ଏହି ଚା ଆପଣଙ୍କର ସବୁବେଳେ ପିଇବାର ଅଭ୍ୟାସ ହୋଇଯିବ।
ଡାଲଚିନି- ଡାଲିଚିନି ଚାରେ ଏକ ଭିନ୍ନ ଫ୍ଲେବର ଥାଏ ଯାହାକୁ ଆପଣ ବହୁତ ପସନ୍ଦ କରନ୍ତି। ଏହା ଥଣ୍ଡା ସମୟରେ ବହୁତ ସ୍ୱାଦିଷ୍ଟ ଲାଗିଥାଏ। ଡାଲଚିନି ଚା ପ୍ରସ୍ତୁତ କଲାବେଳେ ମନେରଖନ୍ତୁ ଏହାକୁ ଚା ରେ ଅଧୀକ ପକାନ୍ତୁ ନାହିଁ ନହେଲେ ଆପଣଙ୍କ ଗଳା ସମସ୍ୟା ସୃଷ୍ଟି ହେବ।
ଗୁଜୁରାତି- ଏକ କପରେ ୧-୨ଟି ଗୁଜୁରାତି। ଗୁଜୁରାତି ସ୍ୱାଦ ଅଦା ସହିତ ଭଲ ଲାଗିଥାଏ। ଚା ରେ ଅଧିକ ଗୁଜୁରାତି ପକାଇବାରୁ ଦୁରେଇ ରହନ୍ତୁ। ଯଦି ଆପଣଙ୍କୁ ମିଠା ଚା ପସନ୍ଦ ତେବେ ସେଥିରେ ଗୋଟିଏ ଗୁଜୁରାତି ପକାନ୍ତୁ ଗୁଜୁରାତି ପକାନ୍ତୁ। ଗୁଜୁରାତି ଆପଣଙ୍କ ଚା ରେ ହର୍ବାଲ ଫ୍ଲେବର ଆଣିଥାଏ। ଏହା ଆପଣଙ୍କ ଚା ର ସ୍ୱାଦ ଦ୍ୱିଗୁଣିତ କରିଥାଏ।
ଗୋଲମରିଚ ; ଏକ କପ ଚା ରେ ୨-୩ଟି ଗୋଲମରିଚ। ଯଦି ଆପଣଙ୍କ ଗଳା ଖରାପ ଥାଏ ଗୋଲମରିଚ ଚା ବହୁତ ଲାଭଦାୟକ ଅଟେ। ଏହି ଚା ଆପଣ ଥଣ୍ଡା କିମ୍ବା ବର୍ଷା ସମୟ ରେ ପିଇବା ଆବ୍ୟଶକ। ଯଦିଓ ଏହା ଗରମ ଚିନ୍ତିତ କରିପାରେ ସେଥିପାଇଁ ଏହାକୁ ଋତୁ ଅନୁଯାୟୀ ପିଅନ୍ତୁ।

# ବିଶ୍ୱ ମାନବାଧିକାର ଦିବସ ପାଳିତ




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧରନରେ ଜଗତସିଂହପୁର ଜିଲ୍ଲା ପ୍ରଶାସନର ତତ୍ୱାବଧାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରାଧାକୃଷ୍ଣ କ୍ଲବ ଦ୍ୱାରା ପରିଚ୍ଛଳିତ ସଖୀ ୱାନଷ୍ଟପ ସେଣ୍ଟର ଓ ଚ୍ଛାଇଲ୍ଡ ଲାଇନ ର ମିଳିତ ଆନୁକୂଲ୍ୟରେ ୨୨ ମୌଜା କଲେଜ ପରିସରରେ ମହିଳା ଓ ବାଳିକା ମାନଙ୍କ ଉପରେ ହେଉଥିବା ହିଂସା ବନ୍ଦ କରିବାକୁ ୧୬ଦିନ ବ୍ୟାପି ସଚେତନତା କାର୍ଯ୍ୟକ୍ରମର ଅନ୍ତିମ ଦିବସ ତଥା ବିଶ୍ୱମାନବାଧିକାର ଦିବସ କଲେଜର ଅଧକ୍ଷ ବିଭୁଦତ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଚ୍ଛାଇଲ୍ଡ ଲାଇନର ଜିଲ୍ଲା ସଂଯୋଜକ ନରେଶ ଗୋଚ୍ଛାୟତ ,ରାଧାକୃଷ୍ଣ କ୍ଲବ ଦ୍ୱାରା ସଂପାଦିତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ସଖୀ,ସ୍ୱଧାର ଗୃହ,ପରିବାର ପରାମର୍ଶକେନ୍ଦ୍ର,ଚ୍ଛାଇଲ୍ଡ ଲାଇନ ପ୍ରଭୃତି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଖୀ ତରଫରୁ କାଉନସିଲର ସୁସ୍ମିତା ଦାସ ଗତ ନଭେମ୍ବର ୨୫ତାରିଖରୁ ଆରମ୍ଭ ହୋଇଥିବା ଆନ୍ତର୍ଜାତିକ ମହିଳା ଓ ବାଳିକା ହିଂସା ପ୍ରତିରୋଧ ଦିବସ ଠାରୁ ବିଶ୍ୱ ମାନବାଧିକାର ଦିବସପର୍ଯ୍ୟନ୍ତ ୧୬ଦିନ ବ୍ୟାପି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଦ୍ୱାରା ପାଳିତ ଆଜାଦିକା ଅମୃତ ମହୋତ୍ସବ ର ଏକ ଅଂଶବିଶେଷ ଓ ଜିଲ୍ଲାର ବିଭିନ୍ନ ପ୍ରାନ୍ତରେ ସଖୀ-ୱାନଷ୍ଟପ ସେଣ୍ଟର ଜଗତସିଂହପୁର ଦ୍ୱାରା ବିଭିନ୍ନ ଦିବସର ମହିଳା,ବାଳିକା,ଅଙ୍ଗନୱାଡି କର୍ମୀ,ଛାତ୍ରଛାତ୍ରୀ ମାନଙ୍କ ମଧରେ ସଚେତନତା ମାଧମରେ ପାଳିତ ହୋଇଥିବା ବିଷୟରେ କହିଥିଲେ। ମୁଖ୍ୟଅତିଥିଭାବେ ଜିଲ୍ଲା ଶିଶୁକଲ୍ୟାଣ କମିଟିର ସଭ୍ୟ ଉତ୍କଳ ରଂଜନ ମହାନ୍ତି ଯୋଗଦେଇ ଆଜିକାଲି ସମାଜରେ ଘଟୁଥିବା ବିଭିନ୍ନମହିଳା ଓ ବାଳିକା ହିଂସାର ଉଦାହରଣ ଦେଇ ପରିବାରରେ ମା ବାପାଙ୍କ ଦ୍ୱାରା ପିଲାଙ୍କୁ ଉଚିତ ପରାମର୍ଶ ଓ ସଂସ୍କାର ଦେବାକୁ କହିଥିଲେ।ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ଆଇନ ଅଧିକାରୀ ଜଗନ୍ନାଥ ମିଶ୍ର ଶିଶୁ ଅଧିକାର ଓ ନିରାପତ୍ତା ,ପୋକସ୍ ଆଇନ ଇତ୍ୟାଦି ସଂପର୍କରେ ଆଲୋକପାତ କରିଥିଲେ। ୨୨ମୌଜା କଲେଜ ତରଫରୁ ଅଧାପିକା ଭାରତୀ ଦାସ,ସସ୍ମିତା ମହାପାତ୍ର ତାଙ୍କ ବକ୍ତବ୍ୟରେ ଆଜିର ଯୁବ ସମାଜରେ ମୋବାଇଲ ଅପବ୍ୟବହାର,ନୂତନ ବୈଷୟିକ ଜ୍ଞାନ କୌଶଳର ଦୁରୁପଯୋଗ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରିଥିଲେ। ଶେଷରେ ସକୀ କେନ୍ଦ୍ରର କାଉନସିଲର ସଙ୍ଗୀତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଦାନ୍ତ ଓ ବାନ୍ତି ପାଇଁ ଗୁଆ(ସୁପାରୀ) ଲାଭଦାୟକ



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସାଧାରଣତଃ ପାନ କିମ୍ବା ଗୁଟ୍ଖା ସହିତ ହିଁ ଆମେ ସୁପାରୀ ବା ଗୁଆ ଖାଇଥାଉ। ହିନ୍ଦୁ ଧର୍ମରେ ବିଭିନ୍ନ ପୂଜା ପାଠରେ ବି ଗୋଟା ଗୁଆର ବ୍ୟବହାର କରାଯାଇଥାଏ। କିନ୍ତୁ କଣ ଆପଣ ଜାଣନ୍ତିକି ଏହି ଗୁଆରେ ଅନେକ ପୋଷାକ ଆଣ୍ଟି ଆକ୍ସିଡେଣ୍ଟ ସମେତ ଅନେକ ଔଷଧୀୟ ଗୁଣମାନ ଭରି ରହିଛି। ଔଷଧୀୟ ଗୁଣରେ ଭରପୁର ଗୁଆରେ ଅନେକ ରୋଗ ସହିତ ଲଢିବାର ବି ଶକ୍ତି ରହିଛି। ଏହାର ନିୟମିତ ସେବନ ଅନେକ ରୋଗରୁ ଦେଇଥାଏ। ତେବେ ଆସନ୍ତୁ ଜାଣିବା ସେ ବିଷୟରେ
ଗୁଆ ପେଟ ପାଇଁ ଖୁବ ଭଲ। ଏଥିରେ ମହଜୁତ ଥିବାପୋଷାକ ଓ ଆଣ୍ଟି ଆକ୍ସିଡେଣ୍ଟ ଗୁଣ ଆମ ତନ୍ତ୍ରକୁ ମଜବୁତ କରିଥାଏ। ପେଟ ଦରଜ, ଗ୍ୟାସ, ଅପଚ, ଏସିଡିଟି, କୃମି ଭଳି ସମସ୍ୟା ମଧ ଏଥିର ଭଲ ହୋଇଯାଇପାରେ। ଗୁଆର କାଢା ପ୍ରସ୍ତୁତ କରି ପିଇଲେ ପେଟରେ କୃମି ହୁଅନ୍ତି ନାହିଁ। ପିଲାଙ୍କୁ ଝାଡା ହେଉଥିଲେ ଏହାକୁ ପିଇବାକୁ ଦିଅନ୍ତୁ। ଦାନ୍ତ ପାଇଁ ଉପକାରୀ ଗୁଆରେ ଭରପୁର କ୍ୟାଲସିୟମ ରହିଛି। ତେଣୁ ଦାନ୍ତ ପାଇଁ ଏହା ଲାଭଦାୟୀ। ଦାନ୍ତ ଦରଜ ସମେତ ଅନ୍ୟାନ ସମସ୍ୟା ଗୁଆ ଚୂର୍ଣ୍ଣରେ ମସାଜ କରିବା ଦ୍ୱାରା ଭଲ ହୋଇଥାଏ।
ଚିନ୍ତା ହ୍ରାସ କରିଥାଏ ; ଗୁଆ ଖାଇବା ଦ୍ୱାରା ଶରୀରର ତନ୍ତ୍ର ମାନ ଉତ୍ତେଜିତ ହୋଇଥାନ୍ତି। ତେଣୁ ଏହାକୁ ଚୋବାଇବା ଦ୍ୱାରା ମଣିଷର ଚିନ୍ତା କମିଥାଏ। ଡିପ୍ରେସନରୁ ମଧ ମୁକ୍ତି ଦେଇଥାଏ।
ମଧୁମେହ ପାଇଁ ଲାଭକାରୀ; ଡାଇବେଟିଜ କାରଣରୁ ଅନେକ ଲୋକଙ୍କର ମୁହଁ ବାରମ୍ବାର ଶୁଖିଥାଏ। ଏହି ସମସ୍ୟାରୁତ୍ରହି ପାଇବା ପାଇଁ ମୁହଁରେ ଖଣ୍ଡେ ଶୁଖିଲା ଗୁଆ ରଖନ୍ତୁ। ଏହାକୁ ଚୋବାଇବା ଦ୍ୱାରା ପ୍ରଚୁର ସାଲାଇଲା ବାହାରିଥାଏ। ଫଳରେ ମୁହଁ ଓଦା ରହିଥାଏ
ବାନ୍ତି ବନ୍ଦ କରିଦେଇପାରେ ;
ଯାତ୍ରା ସମୟରେ ଅନେକ ଲୋକଙ୍କୁ ବାନ୍ତି ଲାଗିଥାଏ। ଏଥିରୁ ରକ୍ଷା ପାଇବା ପାଇଁ ଗୁଆ ବି ଏକ ଭଲ ମାଧମ। ଏଥିରୁ ରକ୍ଷା ପାଇବା ପାଇଁ ଗୁଆ ଗୁଣ୍ଡା ସହିତ କିଛି ହଳଦୀ ଗୁଣ୍ଡ ସହିତ ଚିନି ମିଶାଇ ଖାଇଦିଅନ୍ତୁ। ବାନ୍ତି ସମସ୍ୟା ତୁରନ୍ତ ଭଲ ହୋଇଯିବ।
ଘା ଶୁଖିଯାଏ ; ଖୁବ କମ ଲୋକ ଜାଣିଥିବେ ତ୍ୱଚା ସମସ୍ୟା ପାଇଁ ବି ଗୁଆ ଖୁବ ଲାଭକାରୀ। କୌଣସି ସ୍ଥାନରେ ଘା ପରି ସମସ୍ୟା ଦେଖାଦେଲେ ଗୁଆ ପେଷି ଘା'ରେ ଲଗେଇ ଦିଅନ୍ତୁ।

# ଶିଶୁ ଅଧିକାର ସୁରକ୍ଷା ପାଇଁ ବିଧାୟକମାନଙ୍କୁ "ଚାର୍ଟର ଅଫ୍ ଡିମାଣ୍ଡସ୍" ଉପସ୍ଥାପନ

## ଶିଶୁ ସମସ୍ୟା ସମାଧାନ ପାଇଁ ବାଚସ୍ପତିଙ୍କ ପ୍ରତିଶୃତି




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶାର ଶିଶୁ ଅଧିକାର ସୁରକ୍ଷା ସହ ସେମାନଙ୍କର ଜୀବନ ଧାରଣର ମାନରେ ସାମଗ୍ରୀକ ଉନ୍ନତି ଆଣିବା ପାଇଁ ଆଜି ୟୁନିସେଫ୍ ମାଧ୍ୟମରେ ଶିଶୁ ପ୍ରତିନିଧି ମଣ୍ଡଳୀ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କୁ ଏକ " ଚାର୍ଟର ଅଫ୍ ଡିମାଣ୍ଡସ୍" ପ୍ରଦାନ କରିଛନ୍ତି। ସ୍ଥାନୀୟ ମେଫେୟାରର ଲାଗୁନଠାରେ ୟୁନିସେଫ୍ ଦ୍ୱାରା ଆୟୋଜିତ ଏବଂ ଗ୍ଲୋବାଲ ପଲିସି ରିସର୍ଚ୍ଚ ଫାଉଣ୍ଡେସନ ଦ୍ୱାରା ସଙ୍ଗଠିତ ଏହି ପାରସ୍ପରିକ କଥାବାର୍ତ୍ତାରେ ବିଶେଷତଃ ତୃଣମୂଳ ସ୍ତରରେ ଶିଶୁମାନଙ୍କର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶାର ବିଧାୟକମାନଙ୍କ ସହ ସହଭାଗିତା ଉପରେ ଗୁରୁତ୍ୱାରୋପ କରାଯାଇଛି। ଶିଶୁମାନଙ୍କର ବାସ୍ତବ ସମସ୍ୟା ଉପରେ ବିଧାନସଭା କମିଟି ମାଧ୍ୟମରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇ ସେମାନଙ୍କ ଦାବୀର ଯଥାର୍ଥ ପ୍ରତିଫଳନ କରାଯିବାକୁ ବିଧାୟକମାନେ ପ୍ରତିଶ୍ରୁତି ଦେଇଛନ୍ତି। ୟୁନିସେଫ୍ ଫୋଲ୍ଡ ଅଫିସ୍ ମୁଖ୍ୟ ଡଃ ମୋନିକା ନିଲସେନ ବିଧାୟକମାନଙ୍କୁ ସ୍ୱାଗତ କରିବା ସହ ଶିଶୁମାନଙ୍କ କଲ୍ୟାଣ ସମାଜର ନୈତିକ ଦାୟିତ୍ୱ ଅଟେ ଏବଂ ମାନ୍ୟବର ବିଧାୟକମାନେ ନୀତି ନିର୍ମାତା ଭାବେ ସେମାନଙ୍କ କଲ୍ୟାଣ ପାଇଁ ନିର୍ଦ୍ଦିଷ୍ଟ ଓ ସମୟୋଚିତ ପଦକ୍ଷେପ ନେଉଥିବାରୁ ବିଧାୟକମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏ ଦିଗରେ ଆହୁରି ଅଧିକ କିଛି କରିବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ମାନ୍ୟବର ବାଚସ୍ପତି ଡଃ ସୂର୍ଯ୍ୟ ନାରାୟଣ ପାତ୍ର ଏହି ସମାବେଶରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ରାଜ୍ୟର ପ୍ରଗତିରେ ଶିଶୁମାନଙ୍କର ଅଧିକାର ସମାଧାନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ।

# ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ସାମ୍ବାଦିକ ସମ୍ମିଳନୀ



**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜି ଏକ ଖବର ଦାତା ସମ୍ମିଳନୀ ଜିଲ୍ଲା ପାର୍ଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର ଅଧକ୍ଷତା କରି କହିଥିଲେ ଭଗବାନ ଶିବଙ୍କ ଜଟାରୁଉତ୍ପନ ହୋଇଥିବା ପରମପାବନି ମା ଗଙ୍ଗାଙ୍କ କୂଳରେ ଅବସ୍ଥିତ ପୌରାଣିକ ସହର କାଶୀ ଏକ ପ୍ରାଚୀନ ସହର କାଶିନଗରର ପୁନରୁଦ୍ଧାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂକଳ୍ପ ନେଇଥିଲେ। ତେବେ ଆସନ୍ତା ୧୩ଡିସେମ୍ବର ୨୦୨୧ରେ ତାହା ସାକାର ହେବାକୁ ଯାଉଛି ଦିବ୍ୟକାଶୀ ଓ ଭବ୍ୟ କାଶୀ। ଏନେଇ୧୩ଡିସେମ୍ବର ରେ ଦେଶର ସମସ୍ତ ଜ୍ୟୋର୍ତିଲିଙ୍ଗ ଙ୍କ ନିକଟରେ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଦେଶରେ ୫୧ହଜାର ସ୍ଥାନରେ ବଡପରଦା ସାହାଯ୍ୟରେ ଦିବ୍ୟ କାଶୀ ଓ ଭବ୍ୟ କାଶୀ ସିଧାପ୍ରସାରଣ ହେବ। ତେଣୁ ଆମଜିଲ୍ଲାରେ ୧୩ତାରିଖ ଦିନ ନାଉଗାଁ ର ଜାଗୁଳାଇ ମନ୍ଦିରରେ ବଡପରଦା ମାଧ୍ୟମରେ ସିଧାପ୍ରଶାରଣ କରାଯିବ ର କାର୍ଯ୍ୟକ୍ରମ ରହିଛି। ବାବା ସତ୍ୟାନନ୍ଦ ମହାରାଜଙ୍କ ତତ୍ୱାବଧାନରେ ବହୁ ସାଧୁସନ୍ଥ ଯୋଗଦେବାର କାର୍ଯ୍ୟକ୍ରମ ମଧ ରହିଛି। ଏପରିକି ବିଭିନ୍ନ ମଣ୍ଡଳରେ ମଧ ବଡପରଦା ଲାଗି ସିଧାପ୍ରସାରଣ ଦେଖିବାର ସୁଯୋଗ ପାଇପାରିବେ। ଏହି ଅବସରରେ ଏକ ଦିବ୍ୟ କାଶୀ ଓ ଭବ୍ୟ କାଶୀ କମିଟି ଜିଲାରେ ଗଠନ କରାଯାଇଛି। ସେମାନଙ୍କ ମଧରେ ସଭାପତି ଭାବେ ସତ୍ୟବ୍ରତ ମହାପାତ୍ର,ସଂଯୋଜକ ଭାବେ ଜଗନ୍ନାଥ ଦାଶ,ବିଶ୍ୱହିନ୍ଦୁ ପରିଷଦର ମାନସରଂଜନ ସ୍ୱାଇଁ,ରବିନ୍ଦ୍ର ମିଶ୍ର,ବିଜୟ କୁମାର ଦତ୍ତ,ରାଜ୍ୟ ବିଜେପି ଅନୁସୂଚୀତ ଜାତି ସଭାପତି ବିଭୁପ୍ରସାଦ ତରାଇ,ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ନାଥ ବିଶ୍ୱାଳ,ସମ୍ପଦ ସ୍ୱାଇଁ.ସ୍ଥାୟୀ ସଦସ୍ୟ ଶିବବ୍ରତ ଦାସ,ରାଜକିଶୋର ବେହେରାଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଏହି ଅବସରରେ ଜିଲ୍ଲା ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ବିଭିନ୍ନ ମନ୍ଦିରରେ ଅନୁଷ୍ଠିତ ହେଉଅଛି। ଏହି ଖବର ଦାତା ସମ୍ମିଳନୀରେ ବିଜେପି ନେତା ଶିବବ୍ରତ ଦାସ,ମିଡିଆ ସେଲର ଅଧକ୍ଷ ଗଣେଷ ପ୍ରସାଦ ମହାନ୍ତି,ମହିଳା ମୋର୍ଚ୍ଚାସଭାନରତ୍ରୀ କ୍ରୀଷ୍ଣା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ନରସିଂହଙ୍କୁ ବିଜେଡିର ଜବାବ

## କିଏ ବିଧାନସଭାକୁ ଅଚଳ କରୁଛି ତାହା ଲୋକ ଦେଖୁଛନ୍ତି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସରକାରୀ ଦଳ ବିଧାନସଭାକୁ ଚଳାଇ ଦେଉନାହାନ୍ତି ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କରିଥିବା ଅଭିଯୋଗର ଉତ୍ତର ରଖିଛି ବିଜେଡି । ବିଜେଡି ନେତା ଅତନୁ ସବ୍ୟସାଚୀ ନାୟକ କହିଛନ୍ତିଯେ ବିଜେଡି ସବୁବେଳେ ସବୁ ସମୟରେ ସାଧାରଣ ଲୋକଙ୍କ ସମସ୍ୟାକୁ କେମିତି ବିଧାନସଭାରେ ଉପସ୍ଥାପନା ହେବ ତାହା କରିଛି । କିଏ ବିଧାନସଭାକୁ ବନ୍ଦ କରୁଛି , କିଏ ବିଧାନସଭା ଅଚଳ ହେବା ପାଇଁ ଦାୟୀଲୋକ ଦେଖୁଛନ୍ତି ।ସେଦିନ ଆମେ ବିଧାନସଭା ଭିତରକୁ ପ୍ରବେଶ କରିବା ବେଳେ କଂଗ୍ରେସ ଦଳ ବିଧାୟକ ମାନେ ତାଲା ପକାଇଲେ. ଇସି ରହିଲେ ଆମକୁ ଗୃହରେ ପୁରେଇ ଦେଲେନି । ବିଧାନାସଭାକୁ ସଂପୂର୍ଣ୍ଣ ବନ୍ଦ କରିଦେଲେ । ବାଚସ୍ପତି ଅନୁରୋଧ କରିବା ପରେ ମଧ୍ୟ ବିଧାନସଭା ଭିତରେ କିଏ ବିଧାନସଭାକୁ ବନ୍ଦ କରୁଛି, କିଏ ବିଧାନସଭା ଅଚଳ ହେବା ପାଇଁ ଦାୟୀ ଲୋକ ଦେଖୁଛନ୍ତି । ସେଦିନ ଆନେ ବିଧାନସଭା ଭିତରକୁ ପ୍ରବେଶ କରିବା ବେଳେ କଂଗ୍ରେସ ଦଳ ବିଧାୟକ ମାନେ ତାଲା ପକାଇଲେ. ବସି ରହିଲେ ଆମକୁ ଗୃହରେ ପୁରେଇ ଦେଲେନି । ବିଧାନସଭାକୁ ସଂପୂର୍ଣ୍ଣ ବନ୍ଦ କରୁଛନ୍ତି ଚାଷୀ ମୁଣ୍ଡରେ ହାତ ଦେଇଛି, ବିଧାମସଭା ଭିତରେ ଆଲୋଚନା କରାଯାଇପାରିଥାନ୍ତା ତଥାପି ନରସିଂହ ବାବୁ ଆମ ଉପରେ ଦୋଷଲଦୁଛନ୍ତି ବୋଲି ଅତନୁ କହିଛନ୍ତି । ଭିତରେ ଆଲୋଚନା କରାଯାଇପାରିଥାନ୍ତା ତଥାପି ନରସିଂହ ବାବୁ ଆମ ଉପରେ ଦୋଷଲଦୁଛନ୍ତି ବୋଲି ଅତନ୍ତ କହିଛନ୍ତି । ଅନ୍ୟପକ୍ଷରେ ବିଜେପି ସଭାପତି ସମୀର ମହାନ୍ତିଙ୍କ ଜବାବ ଦେଇ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ମମିତା ମେହେର ଘଟଣା ଉପରେ ମୁଖ୍ୟମନ୍ତ୍ରୀ ବୟାନ ଦେଇସାରିଛନ୍ତି । ତଦନ୍ତ ଠିକ ବାଟରେ ଚାଲିଛି, କିନ୍ତୁ ବିଧାନସଭା ଚାଲିବାର ଅଛି । କୋର୍ଟରେ ବିଚାର ସରବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ , ନୋଚେତ ସମୀର ବାବୁ ଲୋକମାନଙ୍କୁ ବିଭ୍ରାନ୍ତ କରନ୍ତୁ ନାହିଁ ବୋଲି ସେ କହିଛନ୍ତି ।

# ପାରାଦୀପ ଥାନାର ପ୍ରଥମ ମହିଳା ଭାରପ୍ରାପ୍ତ ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ

**ପାରାଦୀପ(ସଂପର୍କବାର୍ତ୍ତା):-** ବନ୍ଦର ଓ ଶିଳ୍ପ ସହର ପାରାଦୀପ ଏକ ସ୍ପର୍ଶକାତର ସହର । ଏଠାକାର ବିଭିନ୍ନ ଥାନା ମଧ୍ୟରେ ପାରାଦୀପ ଆଦର୍ଶ ଥାନା ଏକ ଗୁରୁତ୍ୱପୂର୍ଣ୍ଣ ଥାନା । ନିକଟରେ ଜଗତସିଂହପୁର ଜିଲ୍ଲାରେ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ କଡାକଡି କରିବା ଉଦ୍ଦେଶ୍ୟରେ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ପୋଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ବଦଳି କରାଯାଇଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ଆଦର୍ଶ ଥାନାରେ ପ୍ରଥମ ମହିଳା ପୋଲିସ



ଭାରପ୍ରାପ୍ତ ଅଧିକାରୀ ଭାବେ ଶୁଭଲକ୍ଷ୍ମୀ

ପୂଜାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥିପୂର୍ବରୁ ଶୁଭଲକ୍ଷ୍ମୀ ପୁରୀର ତାଳବଣିଆ ଥାନାର ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ସୂଚନା ଥାଉକି, ଶୁଭଲକ୍ଷ୍ମୀ ପୂଜାରୀ ଜଣେ ଦକ୍ଷ ମହିଳା ପୋଲିସ ଅଧିକାରୀ ଭାବେ ବିଭିନ୍ନ ଥାନାରେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ପାରାଦୀପରେ ଟ୍ରାଫିକ୍ ନିୟନ୍ତ୍ରଣ, ଅପରାଧ ନିୟନ୍ତ୍ରଣ, ନିଶା ବେପାର ନିୟନ୍ତ୍ରଣ ସହ ସହରରେ କଡାକଡି ପ୍ୟାଟ୍ରୋଲିଂ ଉପରେ ସେ ଗୁରୁତ୍ୱ ଦେବେ ବୋଲି ଶୁଭଲକ୍ଷ୍ମୀ କହିଛନ୍ତି ।

# ବିଚାରଧୀନ ମାମଲାକୁ ନେଇ ଡ୍ରାମା କରନ୍ତୁ ନାହିଁ ବିରୋଧୀ:ବିଜେଡି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଧାନସଭାର ଶୀତ ଅଧିବେଶନ ଚାଲିଛି । ହେଲେ ସ୍ୱାଭାବିକ ଭାବେ ଚାଲିପାରୁନି ଗୃହ । ରାଜ୍ୟବାସୀଙ୍କର ବହୁ ସମସ୍ୟା ନେଇ ଗୃହରେ ଆଲୋଚନା କରିବା ବଦଳରେ ବିରୋଧୀ ବିଜେପି ଏବଂ କଂଗ୍ରେସରେ ଗୃହରେ ଡ୍ରାମାକରୁଛନ୍ତି ବିଧାନସଭାରେ ଲାଗି ରହିଥିବା ଅଚଳାସ୍ଥାକୁ ନେଇ ଶାସକ ବିଜେଡି ପ୍ରେସ୍‌ମିଟ୍ କରିଛି । ସାମ୍ବାଦିକ ସମ୍ମିଳିନୀ କରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ଟାର୍ଗେଟ କରିଛନ୍ତି ଟାର୍ଗେଟ କରିଛନ୍ତି ବିଜେଡି ବିଧାୟକ ଅତନୁ ସବ୍ୟସାଚୀ ନାୟକ । ସେ କହିଛନ୍ତି, ବିଧାନସଭାକୁ ଅଚଳ କିଏ କରୁଛି ସାଧାରଣଲୋକ ବୁଝିସାରିଲେଣି । ବିଧାନସଭା ଅଧିବେଶନର ପ୍ରଥମ ଦିନ ତାଲା ପକାଇଲେ କଂଗ୍ରେସ ବିଧାୟକ । ବିଧାନସଭା ଇତିହାସରେ ଏଭଳି କେବେ ହୋଇନଥିଲା ବିଧାୟକ,ଅଧିକାରୀ କେହି ବିଧାନସଭା ଆସିପାରିଲେନି । ବାଚସ୍ପତିଙ୍କ ଅନୁରୋଧ ଗୃହ ଚଳାଇ ଦେଲେନି ବିରୋଧୀ ଗୃହରେ ଘଣ୍ଟ ବାଡେଇବାଠାରୁ ଆରମ୍ଭ କରି ଅନ୍ୟାନ୍ୟ ଡ୍ରାମା କଲେ । ଘଟଣାର ନ୍ୟାୟିକ ତଦନ୍ତ ଜାରି ରହିଥିବା ଜାରି ରହିଥିବା ବେଳେ ଅଭିଯୋଗ ଠିକ ନୁହେଁ । ମମିତା ଘଟଣାରେ ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ବିଧାନସଭା ଚାଲିବାର ଆବଶ୍ୟକ । ତଦନ୍ତ ପ୍ରକିୟା ଠିକଣା ବାଟରେ ଚାଲିଥିବା ଅତନୁ ସବ୍ୟସାଚୀ କହିଛିନ୍ତି । ସୂଚନା ଯୋଗ୍ୟ ଯେ, ବିଧାନସଭାକୁ ସରକାରୀ ଦଳ ଅଚଳ କରିଥିଲେ କହିଥିଲେ ନରସିଂହ । ଏଥିସହିତ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ଟାର୍ଗେଟ୍ କରିଛନ୍ତି ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ । ମାହାଙ୍ଗା ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ରାଜନୀତିକରଣ କରନ୍ତୁ ନାହିଁ ବୋଲି ସେ କହିଛନ୍ତି । ଓଡିଶା ବିଜେପିର ଚାଲିବାରେ ଆବଶ୍ୟକ । ତଦନ୍ତ ପ୍ରକ୍ରିୟା ଠିକଣା ବାଟରେ ଚାଲିଥିବା ଅତନୁ ସବ୍ୟସାଚୀ କହିଛନ୍ତି । ସୂଚନା ଯୋଗ୍ୟ ଯେ ବିଧାନସଭାକୁ ସରକାରୀ ଦଳ ଅଚଳ କରିଥିବା କହିଥିଲେ ନରସିଂହ । ଏଥିସହିତ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କୁ ଟାର୍ଗେଟ୍ କରିଛନ୍ତି ବିଜେଡିବଧାୟିକା ପ୍ରମିଳା ମଲ୍ଲିକ । ମାହାଙ୍ଗା ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ରାଜନୀତି କରଣ କରନ୍ତୁ ନାହିଁ ବୋଲି ସେ କହିଛନ୍ତି । ଓଡିଶା ବିଜେପିର ଅଭ୍ୟାସ ଭଳି ଶ୍ରୀ ସମୀର ମହାନ୍ତି ସଂପୂର୍ଣ୍ଣ ମିଥ୍ୟା ତଥ୍ୟ ଦେଇ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଛନ୍ତି । ମାମଲାଟି ବିଚାରାଧୀନ ରହିଛି । ମନ୍ତ୍ରୀଙ୍କ ସମ୍ପୃକ୍ତି ସମ୍ପର୍କରେ ଅଦାଲତ କୌଣସି ସ୍ଥାନରେ ଉଲ୍ଲେଖ କରିନାହାଁନ୍ତି ବୋଲି କହିଛନ୍ତି ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକ।

ବିଜେପି ସଭାପତି ସମୀର ମହାନ୍ତିଙ୍କୁ ଜବାବ ଦେଇ ବିଧାୟିକା ଶ୍ରମତୀ ମଲ୍ଲିକ କହିଛନ୍ତି ଯେଏହି ମାମଲାରେ ଅଭିଯୋଗକାରୀଙ୍କ ଆବେଦନ ପରେ ଅଦାଲତ କେବଳ ଆଇଆଇସିଙ୍କୁ ଏହାର ତଦନ୍ତ କରିବାକୁ । ଯେତେଦୂର ସିଡିଆର କଥା, ଜେଏମ୍ ଏଫସିଙ୍କ ନିର୍ଦ୍ଦେଶରେ ଏହାସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ ଆଇଆଇସି ସିଡିଆର ଗୁଡିକୁ ସଂରକ୍ଷଣ କରିଛନ୍ତି ଏବଂ ଆବଶ୍ୟକ ହେଲେ ଅଦାଲତରେ ଉପସ୍ଥାପନ କରିଯିବା ଆମେ ଆଶା କରୁଛୁ ଶ୍ରୀ ମହାନ୍ତି ନ୍ୟାୟିକ ଜାରି ରଖିବାକୁ ଦେବେ ଏବଂ କୋର୍ଟରେ ବିଚାରାଧୀନ ଥିବା ବେଳେ ରାଜନୀତି କରଣ କରନ୍ତି ନାହିଁ । ଆଇନକୁ ତା କାର୍ଯ୍ୟ କରିବାକୁ ଦିଅନ୍ତୁ ।

# ଭୁବନେଶ୍ୱରବାସୀଙ୍କ ମାନବିକତା ନାହିଁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମରିଗଲା ମାନବିକତା ଦେଖଣାହାରି ପାଲଟିଲେ ଲୋକେ । ଛଟପଟ ହୋଇ ଚାଲିଗଲା ଜୀବନ, ହେଲେ ପାଖକୁ ଆସିଲେନି କେହି । ଗତକାଲି ଦିନ ଦ୍ୱିପ୍ରହରରେ ଭୁବନେଶ୍ୱର ଗୋହିରା ଛକ ନିକଟରେ ଏକ ଦୁର୍ଘଟଣା ଘଟିଥିଲା ତେଲ ଟ୍ୟାଙ୍କର ଧକ୍କାରେ ଜଣେ ବ୍ୟକ୍ତି ରୋଡ ଉପରକୁ ଛିଟିକି ପଡିଥିଲେ । କିଛି ସମୟ ଭିତରେ ରାସ୍ତାରେ ଯାଉଥିବା ଲୋକେ ଓ ସ୍ଥାନୀୟ ଲୋକେ ଭିଡ ଜମାଇ ଥିଲେ । ସାହାଯ୍ୟ କରିଥିଲେ ବୋଧହୁଏ ଲୋକଟି ବଂଚିଯାଇଥାନ୍ତା କିଏ ଭିଡିଓ କରୁଥିଲା ତ ଆଉ କିଏ ଦେଖଣାହାରୀ ସାଜିଥିଲା ରାଜଧାନୀ ରାଜରାସ୍ତାରେ ଦୁର୍ଘଟଣା ପରେ ତଳେ ପଡି ଛଟପଟ ହେଉଥିଲା ଲୋକଟି,ହେଲେ ସାହାଯ୍ୟ ପାଇଁ ଆସିଲେନି କେହି ପ୍ରଶ୍ନ ଉଠୁଛି ଆପଣ ଥିଲେ କରିଥାନ୍ତେ କ,ଣ ସମସ୍ତେ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଦେଖି ଉଦବେଗ ପ୍ରକାଶ କରିଥିଲେ । ରାସ୍ତା ଉପରେ ଶହ ଶହ ଗାଡି ମଟର ଯାତାୟତ କରୁଥିଲେ ମଧ୍ୟ କେହି ଜଣେ ତାଙ୍କୁ ସାହସ କରି ଗାଡିରେ ମେଡିକାଲ ପଠାଇବାର ବ୍ୟବସ୍ଥା କରୁନଥିଲେ । ତେବେ ଆମ୍ବୁଲାନ୍ସ ଓ ପୋଲିସ ପ୍ରାୟ ଅଧଘଂଟା ପରେ ପହଂଚିଥିବା ଅଭିଯୋଗ ହୋଇଛି । ସେତେବେଳେକୁ ଛଟପଟ ହୋଇ ବ୍ୟକ୍ତି ଜଣଙ୍କର ପ୍ରାଣବାୟୁ ଉଡିଯାଇଥିଲା ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ସାଲିଆ ସାହି ନିରଙ୍କରୀ ନଗରର ଆନନ୍ଦ ପ୍ରଧାନ ବୋଲି ଜଣାପଡିଛି । ତେବେ ଦୁର୍ଘଟଣା ଘଟାଇଥିବା ତେଲ ଗାଡି ତମାଣ୍ଡୋ ପୋଲିସ ଷ୍ଟେସନରେ ଥିବା ଜଣପଡିଛି । ଏହି ଘଟଣାକୁ ନେଇ ଲୋକେ ଦେଖଣାହାରୀ ସାଜିଥିବା ବେଳେ କେହି ସାହାଯ୍ୟ କରିବାକୁ ଆସିନଥିଲେ । ଯାହାକୁ ନେଇ ପ୍ରଶ୍ନ ଉଠୁଛି ଯେ ଏହି ସ୍ଥାନରେ ଆପଣ ବା ଆମେ ଥିଲେ କଣ କରିଥନ୍ତେ ।

# ବେଲେଶ୍ୱର ଡବଲ ମର୍ଡ଼ରକୁ ଦୁଇବର୍ଷ ପୁରିଲା

**କଟକ(ସଂପର୍କବାର୍ତ୍ତା):-** ବହୁ ଚର୍ଚ୍ଚିତ ବେଲେଶ୍ୱର ଡବର ମର୍ଡ଼ର ଘଟଣାକୁ ଆସନ୍ତା ରବିବାର ଠାରୁ ଦୁଇବର୍ଷ ପୂରି ଯାଇଛି । ଏଭଳି ସମ୍ବେଦନଶୀଳ ହତ୍ୟାକାଣ୍ଡରେ ମଧୁପାଟଣା ଥାନା ପୁଲିସ ଅନ୍ଧାରରେ ବାଡ଼ି ବୁଲାଇ ଦୁଗ ସନ୍ଦିଗ୍ଧଙ୍କୁ ଉଠାଇ ଆଣିଥିଲା । ହତ୍ୟାକାଣ୍ଡରେ ଏମାନଙ୍କୁ ସମ୍ପୃକ୍ତି ସନ୍ଦେହରେ ପୁଲିସ ଉଭୟଙ୍କୁ ଅଟକ ରଖି ଘଟଣା ସମ୍ପର୍କରେ ପଚରା ଉଚରା କରି ଛାଡ଼ି ଦେଇଥିବା ସୂଚନା ମିଳେ । ବୃଦ୍ଧ ଦମ୍ପତିଙ୍କୁ କୁଟୁରି ଓ ପନିକିରେ ବିଭସ ଭାବେ ହାଣିବା ପରେ ବିଦୁଲତା ସାମଲଙ୍କ ମୁହଁରେ କୀଟନାଶକ ଔଷଧ ଜକିବା ଘଟଣା ପଛରେ ହତ୍ୟାକାରୀର ପ୍ରତିଶୋଧ ପରାୟଣ ମାନସିକତା ଥିବା କୁହାଯାଉଛି । ପୂର୍ବରୁ ପୁଲିସ ଅନ୍ଧାରରେ ବାଡ଼ି ବୁଲାଇବା ଭଳି ବେଲେଶ୍ୱର, ତିନିଘରିଆ ଅଞ୍ଚଳରୁ ୪୦ରୁ ଅଧିକ ସନ୍ଦିଗ୍ଧଙ୍କୁ ପୁଲିସ ପଚରାଉଚରା କରିଥିଲା । ହତ୍ୟାକାଣ୍ଡକୁ ଦୁଇବର୍ଷ ପୂରିଲା କିନ୍ତୁ ପୁଲିସ ଠପ ହେଶଇ ବସି ରହିଥିବା ବେଳେ ହଠାତ୍ କଣ ପାଇଁ ସକ୍ରୀୟ ହୋଇ ଉଠିବା ପଛରେ କି ରହସ୍ୟ ରହିଛି । କମିନରେଟ୍ ପୁଲିସର ବରିଷ୍ଠ ଅଧିକାରୀମାନେ ମଧୁପାଟଣା ଥାନରେ ପହଞ୍ଚି ଏହି ମାମଲାର ଅନୁଧାନ ବି କରିଥିବା ସୂଚନା ମିଳିଛି ।

ବେଲେଶ୍ୱର ଅଞ୍ଚଳର ବୃଦ୍ଧ ଦମ୍ପତି ଶ୍ରୀନାଥ ସାମଲ ଓ ପତ୍ନୀ ବିଦୁଲତା ସାମଲଙ୍କୁ ୨୦୧୯ ଡିସେମ୍ବର ୧୨ ତାରିଖ ସନ୍ଧ୍ୟାରେ ହତ୍ୟା କରାଯାଇଥିଲା । ଶରୀରକୁ ବିଭସ ଭାବେ ହଣା ଯାଇଥିବାରୁ କେହି

**୪୦କୁ ଉଠାଇଲା, ଅପରାଧି ମିଳିଲାନି**

ପ୍ରତିଶୋଧ ପରାୟଣ ହୋଇ ଏଭଳି କାଣ୍ଡ ଘଟାଇଥିବା ପୁଲିସ ସନ୍ଦେହ କରୁଛି । ଘଟଣା ସ୍ଥଳରୁ ଯେଉଁ ରକ୍ତ ଲଗା କଟୁରି ଜବତ ହୋଇଥିଲା ତାହା ଶ୍ରୀନାଥଙ୍କର ନ ଥିଲା । କିନ୍ତୁ ଠେଙ୍ଗା ଓ ପନିକିଟି ଶ୍ରୀନାଥଙ୍କର ଥିଲା । ପନିକି, କଟୁରି, ଠେଙ୍ଗାରୁ ଜବତ ହୋଇଥିବା ଫିଙ୍ଗର ପ୍ରିଣ୍ଟ ମିଳନାହିଁ ହତ୍ୟାକାରୀକୁ କାଠଗଡ଼ାରେ ଛିଡ଼ା କରାଇବାରେ ପୁଲିସ ପାଇଁ ବଡ଼ ପ୍ରମାଣ ହେବ ବୋଲି କୁହାଯାଇଛି । ଜବତ କଟୁରିର ଗୋଟିଏ କଥା ସ୍ପଷ୍ଟ ହୋଇଥିଲା ଯେ ହତ୍ୟାକାରୀ ଯୋଜନାବଦ୍ଧ ଭାବେ ହତ୍ୟା କରିବାକୁ ଏହି ବୃଦ୍ଧ ଦମ୍ପତିଙ୍କ ଘରକୁ ଆସିବା ପରେ ଏହି ଦମ୍ପତି ତାଙ୍କ ପାଇଁ ମାଗି ପସ୍ତୁତ କରିବା ସହିତ ପାଣଇ ଦେଇଛନ୍ତି । ଏହି ସମୟରେ ଏଭଳି ହତ୍ୟାକାଣ୍ଡ ଘଟାଇଛନ୍ତି । ପରିଚିତ ଲୋକ ନ ଆସିଥିଲେ ସେମାନଙ୍କୁ ପାଇଁ ମାଗି ଓ ପିଇବା ପାଇଁ ପାଣି ଆଣିଦେବ । ଘଟଣାକୁ ପୁଲିସ ସନ୍ଦେହ କରିଥିଲା । ସମ୍ପତ୍ତି ବିବାଦକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହରେ ପୁଲିସ ଶ୍ରୀନାଥଙ୍କ ଦୁଇ ଭାଇ ଓ ପୁତୁରାଙ୍କ । ଲାଏ ଡିଟେକ୍ସ ଟେଷ୍ଟ କରିଥିଲା । ଏହା ସହିତ ସୁଧ କାରବାରକୁ ନେଇ ସ୍ଥାନୀୟ କେହି ବ୍ୟକ୍ତି ଏଭଳି କାଣ୍ଡ ଘଟାଇଥିବା ବି ପୁଲିସ ସନ୍ଦେହ କରିଥିଲା । ସେଥିପାଇଁ ସ୍ଥାନୀୟ ବାସିନ୍ଦାଙ୍କର ବି ଲାଏ ଡିଟେକ୍ସନ ଟେଷ୍ଟ କରାଯାଇଥିଲା । ହତ୍ୟାକାଣ୍ଡର ପ୍ରାୟ ଏକମାସପୂର୍ବରୁ ଏହି ଦମ୍ପତିଙ୍କ ଘରେ ଭଡ଼ାରେ ରହୁଥିବା ବ୍ରହ୍ମପୁରର କିଛି ଲୋକ ଘର ଛାଡ଼ିଥିଲେ । ପୁଲିସ ତାଙ୍କୁ ବି ଥାନାକୁ ଆଣି ପଚରାଉଚରା କରିଥିଲା । ପରେ ଏହି ହତ୍ୟାକାଣ୍ଡ ସହିତ ଭଡ଼ାଟିଆଙ୍କ ସମ୍ପୃକ୍ତି ନ ଥିବା ଜଣା ପଡ଼ିଥିଲା ।

# ହାଇକୋର୍ଟରୁ ଜିଲ୍ଲା କୋର୍ଟ ଯାଏଁ, ପଡିରହିଛି ଲକ୍ଷାଧିକ ମାମଲା

**ବାଦାମବାର୍ଡ଼ି (ସୁଦର୍ଶନ ଷଡଙ୍ଗୀ):-** ହାଇକୋର୍ଟରୁ ଜିଲ୍ଲା କୋର୍ଟ ଯାଏଁ, ଫଇସଲା ନହୋଇ ପଡିରହିଛି ଲକ୍ଷାଧିକ ମାମଲା ପଡିରହିଛି ଲକ୍ଷାଧିକ ମାମଲା ଗତ ଅକ୍ଟୋବର ମାସ ଶେଷ ସୁଦ୍ଧା ଜିଲ୍ଲା କୋର୍ଟ ଗୁଡିକରେ ୧୭ଲକ୍ଷ ୮୭ହାଜର ୨୮ଟି କେସ୍ କୋଭିଡ୍ ସମୟରେ କେତେ ମାମଲା ବିଚାର ନହୋଇ ପଡିରହିଛି ଏବଂ କଣ ପଦକ୍ଷେପ ନିଆଯାଉଛି, ସେନେଇ ବିଜେଡି ବିଧାୟକ ଅନନ୍ତ ଦାସଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ରଖିଛନ୍ତି ଆଇନମନ୍ତ୍ରୀ ପ୍ରତାପ ଜେନା ।

ବକେୟା ମାମଲା ଗୁଡିକର ଆଶୁ ଫଇସଲା ପାଇଁ ଉଚ୍ଚନ୍ୟାୟାଳୟଙ୍କ ଏରିୟର୍ କମିଟି ଏବଂ ମିଶନ୍ ମୋଡ୍ କମିଟି ଗଠନ କରାଯାଇଛି । ବିଚାରାଧିନ ମାମଲା ଗୁଡିକର ଶୀଘ୍ର ଫଇସଲା କରିବା ପାଇଁ ବ୍ୟବସ୍ଥା କରାଯାଉଛନ୍ତି ବୋଲି କହିଛନ୍ତି ଆଇନମନ୍ତ୍ରୀ । ତାସହ ହାଇକୋର୍ଟ ଜିଲ୍ଲା ଜଜ୍ ମାନଙ୍କୁ ପଡିରହିଥିବା ମାମଲା ଗୁଡିକର ତୁରନ୍ତ ଫଇସଲା ପାଇଁ ନିୟମିତ ବ୍ୟବଧାନରେ ନିର୍ଦ୍ଦେଶ ଦେଇଥିବା ଆଇମମନ୍ତ୍ରୀ ଲିଖିତ ପ୍ରଶ୍ନରେ ଉତ୍ତର ରଖିଛନ୍ତି ।

# ବିଜେପି ପ୍ରତିବାଦ ଯୋଗୁଁ ସାଧାରଣ ଲୋକ ହିନସ୍ତା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜଧାନୀ ଆନ୍ଦୋଳନ ବେଳେ ଅଭାବନୀୟ ଘଟଣା । କିଛି ଛାତ୍ରୀମାନେ ସଙ୍ଗୀତ ମହାବିଦ୍ୟାଳୟ ଯିବାକୁ ଚାହିଁଥିବା ବେଳେ ତାଙ୍କୁ ଯିବାକୁ ଦେଇନଥିଲେ ପୋଲିସ । ଜଣେ ପିଲାର ବାଇକରୁ ତେଲ ସରିଯାଇଥିବା ବେଳେ ବୋତଲରେ ପେଟ୍ରୋଲ ନେଇ ଫେରୁଥିଲେ । ହେଲେ ପୋଲିସ ପେଟ୍ରୋଲ ବୋତଲ ହାତରୁ ଛଡେଇ ନେଇଥିଲା ପ୍ରତିବାଦ ଶୋଭାଯାତ୍ରାବେଳେ ଲୋୟର ପିଏମଜିରେ ପୁଲିସ-ବିଜେପି କର୍ମୀଧସ୍ତାଧସ୍ତି ହୋଇଛନ୍ତି । ବିଜେପି କର୍ମୀମାନେ ପୁଲିସ ଭ୍ୟାନକୁ ଭାଙ୍ଗିବାକୁ ଉଦ୍ୟମ କରିଛନ୍ତି । ଏଥର ଆଇଆରବି ଯବାନ ଓ କିଛି ସାମ୍ବାଦିକ ଆହତ ହୋଇଥିବା ସୂଚନା ମିଳିଛି । ସେମାନଙ୍କ ମୁଣ୍ଡ ଫାଟିଯାଇଛି । ମମିତା ପ୍ରସଙ୍ଗରେ ଶୋଭାଯାତ୍ରା କରି ବିଧାନସଭା ଘେରିବାକୁ ବିଜେପି ଯୁବ ମୋର୍ଚ୍ଚା ରାମ ମନ୍ଦିର ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପିଏମଜି ଅଭିମୁଖେ ଯାଇଥିଲେ । ଏହି ସମୟରେ ପୋଲିସ ସହ ମହାଁମହାଁ ପୋଲିସ ସହ ମୁହାଁମୁହିଁ ହୋଇଥିଲେ ବିଜେପି କର୍ମୀ ରାଜଧାନୀରେ ବିଜେଡି କରୁଛି ବାଇକ୍ ରାଲି । ଦରଦାମ ଏବଂ ବେକାମୀ ବୃଦ୍ଧିକୁ ପ୍ରସଙ୍ଗକୁ ନେଇ କେନ୍ଦ୍ର ବିରୋଧରେ ବିକ୍ଷୋଭ ବାହାରି ପିଏମଜି ଅଭିମୁଖେ ଯାଇଥିଲେ । ଏହି ସମୟରେ ପୋଲିସ ସହ ମୁହାଁମହିଁ ହୋଇଥିଲେ ବିଜେପି କର୍ମୀ ରାଜଧାନୀରେ ବିଜେଡି ବିଜେଡି କରୁଛି ବାଇକ୍ ରାଲି । ଦରଦାମ୍ ଏବଂ ବେକାରୀ ବୃଦ୍ଧିକୁ ପ୍ରସଙ୍ଗକୁ ନେଇ କେନ୍ଦ୍ର ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛି ବିଜେଡି । ଦଳର ଯୁବ ଛାତ୍ର ମହିଳା ଶାଖାପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ ହୋଇଛି ବିଜେପି ମୁଖ୍ୟ କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଛି ଦଳ । ଭୁବନେଶ୍ୱର ପାଓାରେ ହାଉସ ଛକ ନିକଟରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପେଟ୍ରୋଲ ଓ ଡିଜେଲ ଦର ଅହେତୁକ ବୃଦ୍ଧି ପ୍ରତିବାଦରେ ଗଣଧାରଣା ଦିଆଯାଉଛି । ଏଭଳି ପ୍ରତିବାଦରେ ବିରକ୍ତି ପ୍ରକାଶ କରି ସାଧାରଣ ଲୋକ ଅସନ୍ତୋଷ ପ୍ରକାଶ କରୁଥିବା ଲକ୍ଷ୍ୟ କରାଯାଉଛି ।

## ସଦର ବ୍ଲକ ବିଡିଓ ରାଜୀବ ଲୋଚନ ପରିଡାଙ୍କ ସୂଚନା

# ୩୦,୫୮୯ ପାଇବେ ବିଜୁ ସ୍ୱାସ୍ଥ୍ୟ କାର୍ଡ଼

**କଟକ(ସଂପର୍କବାର୍ତ୍ତା):-** ଆସନ୍ତା ୧୪ ତାରିଖ ଠାରୁ କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ୩୦ ହଜାର ୫୮୯ ଜଣ ହିତାଧିକାରୀଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରାଯିବ ବୋଲି ସଦର ବ୍ଲକ ଉନ୍ନୟନ ଅଧିକାରୀ ରାଜୀବ ଲୋଚନ ପରିଡ଼ା କହିଛନ୍ତି । ଏହି ଚିହ୍ନଟ ପ୍ରକ୍ରିୟାରେ ଏବିଡ଼ିଓ ଗିରିଜା ପ୍ରସାଦ ବାରିକ, ଯୋଗାଣ ବିଭାଗ ନିରୀକ୍ଷକ କେଦାର ନାଥ ପ୍ରଧାନୀ ସହଯୋଗ କରିଥିଲେ । ଗତିରାଉତ ପାଟଣା-୮୫୭ ଜଣ, ଫକୀର ପଡ଼ା- ୪୮୯, କନ୍ଦରପୁର - ୧୭୦୦, ନିମେଇସାପୁର- ୧୩୭୫, ପରମହଂସ-୧୯୭୧, ଆୟତପୁର-୧୪୯୭, ବାରଦା- ୧୦୮୪, କିଶୋରନଗର- ୧୭୫୬, ଅରିଲୋ-୧୦୧୬, ବୋଧପୁର-୧୦୧୬, ଧରିଣା -




୧୧୦୧, ଝାରକଟା - ୧୨୫୩, କଳପଡ଼ା - ୧୬୩୦, ଖଣ୍ଡେଇତା - ୧୦୬୬, ଆମଣ-୧୦୭୦, ପ୍ରହରାଜପୁର-୧୬୮୦, ସୋମପୁର-୧୧୮୨, ଉରାଳୀ- ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଓ ଏସ ଏସ ଜି ଗ୍ରୁପ୍ ମାଧ୍ୟମରେ ଏହି ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରାଯିବ ବୋଲି ବ୍ଲକ ଉନ୍ନୟନ ଅଧିକାରୀ ସୂଚନା ଦେଇଛନ୍ତି ।

# ଚିରଞ୍ଜୀବଙ୍କ ସମର୍ଥକ ବିଜେଡିରେ ସାମିଲ୍

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଗତ ଗୁରୁବାର ଦିନ ଜଗତସିଂହପୁରସ୍ଥିତ ଶାରଦା ମଣ୍ଡପଠାରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୋନ୍ ସ୍ତରୀୟ କାର୍ଯ୍ୟକାରୀ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ପର୍ବରେ ସ୍ଥାନୀୟ ହେବିଓ୍ୱେଟ୍ ନେତା ନିତ୍ୟାନନ୍ଦ ପଣ୍ଡା, ଜିଲ୍ଲା କଂଗ୍ରେସର ପୂର୍ବତନ ସମ୍ପାଦକ ଆଲୋକ କୁମାର ଖୁଣ୍ଟିଆ, ସମଙ୍ଗ ସରପଞ୍ଚ ବୀରବର ନାୟକ, ସମଙ୍ଗର ସ୍ୱରୂପ ରଞ୍ଜନ ସ୍ୱାଇଁ, ବିଜେପି ନେତା ସୁଧିର କୁମାର ପତି ଓ ନାଉଗାଁ ବ୍ଲକ୍ ଡାବର ପଞ୍ଚାୟତର ସମିତି ସଭ୍ୟ ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ବିଜେଡିରେ ମିଶିଥିବାର ଖବର ପ୍ରକାଶ ପାଇଛି । ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳ ତରଫରୁ ସ୍ୱାଗତ କରିଥିଲେ । ଏହି ମିଶ୍ରଣ ପର୍ବକୁ ନେଇ ତା' ପର ଦିନ ସହରରେ ଏବଂ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି । ଖୁଣ୍ଟିଆ ଓ ଶ୍ରୀ ପଣ୍ଡା ଦ୍ୱୟ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କର ଖାସ୍ ସମର୍ଥକ ହୋଇଥିବା ବେଳେ ସେମାନେ କିପରି ବିଜେଡିରେ ସାମିଲ୍ ହେଲେ ବୋଲି ଚର୍ଚ୍ଚା ହେଉଛି । ଚର୍ଚ୍ଚା ଓ ଆଲୋଚନାରେ ରାଜ୍ୟ କଂଗ୍ରେସ ଦଳର ନେତାଙ୍କୁ ତୀବ୍ର ସମାଲୋଚନା କରାଯାଉଥିବା ଲକ୍ଷ୍ୟ କରାଯାଉଛି । ସେହିପରି ବିରିଡି ବ୍ଲକ୍‌ରେ ରବିନ୍ଦ୍ରନାଥ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଶ୍ରୀ ଦାସ, ଜଗତସିଂହପୁର ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଜଗତସିଂହପୁର ବିଧାୟକ ଶ୍ରୀ ମୁଦୁଲିଙ୍କ ଉପସ୍ଥିତିରେ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଥିବା ଖବର ପ୍ରକାଶ ପାଉଛି । ଧିରେ ଧିରେ ଜଗତସିଂହପୁର ଜିଲ୍ଲାର କଂଗ୍ରେସ ନେତା ଓ କର୍ମୀ ବିଜେଡି ଦଳରେ ସାମିଲ୍ ହେଉଥିବାରୁ ବୋଧେ ଜିଲ୍ଲାରେ ସର୍ବାଧିକ କଂଗ୍ରେସର ନେତା ଓ କର୍ମୀ ହ୍ରାସ ପାଇବାରେ ଲାଗିଛି ବୋଲି କୁହାଯାଉଛି । ଅନେକ କହୁଛନ୍ତି, ଦୀର୍ଘ ୨୨ବର୍ଷ ଧରି କଂଗ୍ରେସରେ ରହି ବାଳ ପାଇଲୁ ଯେ, ବୁଢା ହେଲୁଣି, ଶକ୍ତି କମିଲାଣି ଆଉ ମୁତଫରକା କଂଗ୍ରେସ ଦଳରେ ରହି



**ଜଗତସିଂହପୁର ଜିଲ୍ଲାରେ କଂଗ୍ରେସ ଲୋପ ପାଇବ**

ଲାଭ ବା କ'ଣ ଅଛି, ଅତୀତରେ ଯେଉଁମାନେ ଖଣି ଖାଦାନ ଓ ଚୋରି ଟଙ୍କା ରଖିଛନ୍ତି ସେମାନେ ବର୍ଷ ବର୍ଷ ଧରି ଏହି କଂଗ୍ରେସ ଦଳରେ ପଡି ରହିଲେ ବି ସେମାନଙ୍କର କୌଣସି ଅସୁବିଧା ନାହିଁ । ଆମେ ଦଳୀୟ ପ୍ରେମୀ କଂଗ୍ରେସକୁ ଭଲ ପାଉ, ୨୨ବର୍ଷ ହେବ କଂଗ୍ରେସ ଦଳରେ ରହି ସ୍ତ୍ରୀଙ୍କ ଠାରୁ ଗାଳି ଶୁଣିବା, ଚୂଲି ଜଳୁନଥିବା ଓ ହାଣ୍ଡିରେ ଚାଉଳ ପକାଇବାକୁ ଅର୍ଥ ନ ଥିବା ବେଳେ କେତେଦିନ ଏ ଚୋର ନେତାଙ୍କ ପଛରେ ହାତ ଟେକି, ପତାକା ଧରି ଚାଲିବୁ ବୋଲି କହୁଥିବା ବେଳେ ପରିସ୍ଥିତି ଦେଖି ଚାଲିବାକୁ ପଡିବ ବୋଲି କହି ବିଜେଡିରେ ସାମିଲ୍ ହେବାକୁ ପଡୁଛି ବୋଲି କହୁଛନ୍ତି । ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ଗାଁକୁ କାମ ମା'କୁ ସମ୍ମାନ ଦେଇ ଆସୁଛନ୍ତି । ଯାହାଫଳରେ ପ୍ରତ୍ୟେକ ମହିଳାଙ୍କ ତଥା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଅଣ୍ଟିରେ ଅଣ୍ଟିଏ ଲେଖାଏଁ ଟଙ୍କା ଧରି ବ୍ୟବସାୟ ବଣିଜ କରିବାକୁ ଆମେ ଦେଖି ଆସୁଛୁ । ସେମାନେ ବହୁତ ଭଲରେ ଅଛନ୍ତି । ଅନ୍ୟପକ୍ଷରେ, ମନ୍ତ୍ରୀ ଶ୍ରୀ ଦାସ, ବିଧାୟକ ଶ୍ରୀ ମୁଦୁଲି ଓ ସାଂସଦ ରାଜଶ୍ରୀ ମଲ୍ଲିକଙ୍କ ନେତୃତ୍ୱ ଓ ପର୍ଯ୍ୟବେକ୍ଷକ ସମୀର ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ବିଜେଡି ଦଳ ଆଗକୁ ବଢୁଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନରେ ପୁନର୍ବାର ବିଜେଡି ବିଜୟୀ ହେବା ସୁନିଶ୍ଚିତ ହୋଇପଡିଥିବାରୁ ବାଧ୍ୟ ହୋଇ ଜୀବନଜୀବିକା, ପେଟପାଟଣାକୁ ଦୃଷ୍ଟିରେ ରଖି ବିଜେଡିରେ ସାମିଲ୍ ହେବା ଆମ ପାଇଁ ଭଲ ବୋଲି ମିଶ୍ରଣ ପ୍ରକ୍ରିୟାରେ ସାମିଲ୍ ହୋଇଥିବା ନେତା ଓ କର୍ମୀ କେତେକ ଏପରି କହୁଥିବା ଲକ୍ଷ୍ୟ କରାଯାଉଛି । ଅନ୍ୟପକ୍ଷରେ, ସେହିପରି ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀଣୀ ବୈଠକରେ ବହୁ କଂଗ୍ରେସ କର୍ମୀ ବିଜୁ ଜନତା ଦଳରେ ଯୋଗଦେଇଥିବା ଖବର ପ୍ରକାଶ ପାଇଛି । ଏହି ବୈଠକରେ ମଧ୍ୟ ପର୍ଯ୍ୟବେକ୍ଷକ ଶ୍ରୀ ଦାଶ, ମନ୍ତ୍ରୀ ଶ୍ରୀ ଦାସ ଓ ବିଧାୟକ ଶ୍ରୀ ମୁଦୁଲି ପ୍ରମୁଖ ଯୋଗଦେଇଥିବା ଜଣାପଡିଛି ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera